

ପୁଣ୍ୟତିଥିରେ
ପ୍ରବାଦ ପୁରୁଷଙ୍କୁ
ଶ୍ରଦ୍ଧାଞ୍ଜଳି


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-289 ♦FRIDAY ♦17 APRIL 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୨୮୯ ♦ଶୁକ୍ରବାର ♦୧୭ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦






90 YEARS
TRUST IS TIMELESS

BHUBANESWAR: Janpath | Chandrasekharpur | Samantarapur | Soubhagya Nagar | ANGUL: Shankar Cinema Hall Road BERHAMPUR: Venkatraju Arcade, Sano Bazar CUTTACK: 558/834, Cantonment Road JAJPUR ROAD: Bank Street Road JHARSUGUDA: Sarbahal Road, Marwari Para PURI: Opp. Police Line, VIP Road ROURKELA: Kesar Bhawan, Main Road SAMBALPUR (Opening Shortly)

BIS Hallmarked HUID Pure Gold Jewellery | Fair Price Policy | Tested And Certified Diamonds | Lifetime Buyback Guarantee | 100% Exchange Of Old Gold | Free Insurance On Diamonds | Safe Gold Purchase Scheme

Khimjijewellers.com  1800 3131 777  FOLLOW US ON:

SCAN TO KNOW MORE

# ସ୍ମୃତିରେ ପ୍ରବାଦ ପୁରୁଷ...



# ବେସାଲିସ୍ ବାଦ୍‌ଶାହା

ତାଙ୍କୁ କୁହାଯାଉଥିଲା ଝଡ଼ର ଇଗଲ୍ । ଓଡ଼ିଶା ସହ ଯୋଡ଼ି ହୋଇ ରହିଥିଲା ତାଙ୍କର ନାଭିସୂତ୍ର । ଇଂରେଜ ସରକାର ଅଧୀନରେ ସେ ବୈମାନିକ ଭାବରେ କାର୍ଯ୍ୟ କରୁଥିଲେ, ମାତ୍ର ଭାରତ ମାତା ପ୍ରତି କର୍ତ୍ତବ୍ୟ ଓ ଦାୟିତ୍ୱ ତାଙ୍କୁ ଚାକିରିରେ ବାନ୍ଧି ପାରି ନ ଥିଲା । ସମୟାନ୍ତରେ ସେ ପାଲଟିଥିଲେ ଦେଶର ସ୍ୱାଧୀନତା ସଂଗ୍ରାମର ଅନନ୍ୟ ଯୋଦ୍ଧା । ହରି ସିଂହଙ୍କୁ ପ୍ରଭାବିତ କରି କାଶ୍ମୀରକୁ ଭାରତରେ ମିଶ୍ରଣର ସମ୍ମତିପତ୍ର ଆଣିବା ଠାରୁ ବିପଜ୍ଜନକ ପରିସ୍ଥିତିରେ ଋଷକୁ ଯୁଦ୍ଧାସ୍ତ୍ର ଯୋଗାଣ; ଇଣ୍ଡୋନେସିଆ ସ୍ୱାଧୀନତା ସଂଗ୍ରାମର ମୁଖ୍ୟ ସୁକର୍ଣ୍ଣୋଙ୍କୁ ଡଚ୍‌ଙ୍କ କବଳରୁ ଉଦ୍ଧାର ପର୍ଯ୍ୟନ୍ତ ଅନେକ ଦୁଃସାହସିକ କାର୍ଯ୍ୟର ସେ ଥିଲେ କର୍ଣ୍ଣଧାର । ଯେଉଁଥିପାଇଁ ଦେଶବାସୀ ତାଙ୍କୁ ଦେଇଥିଲେ ଜାତୀୟ ବୀରର ମାନ୍ୟତା ।

ସେ ଥିଲେ ବିଜୁ ପଟ୍ଟନାୟକ । ଓଡ଼ିଶା ଓ ଓଡ଼ିଆଙ୍କ ବିକାଶର ଆଦ୍ୟନାୟକ । ପାରାଦ୍ୱୀପ ବନ୍ଦରଠାରୁ ଆରମ୍ଭ କରି ଭୁବନେଶ୍ୱର ବିମାନବନ୍ଦର, ଭୁବନେଶ୍ୱର ସୈନିକ ସ୍କୁଲ, ଓୟୁଏଟି, ନାଲ୍‌କୋ, ସୁନାବେଡ଼ା ବିମାନ ଯନ୍ତ୍ରାଂଶ କାରଖାନା, ରାଉରକେଲା ଇସ୍ପାତ କାରଖାନାରେ ଏବେ ବି ଦିଶେ ତାଙ୍କର ସ୍ୱପ୍ନିଳ ବିକାଶର ଝକ୍‌ମକ୍ ଛାପ । ଓଡ଼ିଶା ଥିଲା ତାଙ୍କର ପ୍ରାଣ । ତାଙ୍କ ଧମନୀର ରକ୍ତରେ ଥିଲା ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ପ୍ରଚଣ୍ଡ ଆବେଗ । ଓଡ଼ିଶାର ପ୍ରାଚୀନ ନାମ କଳିଙ୍ଗ ଆଧାରରେ ସେ ସ୍ଥାପନ କରିଥିଲେ କଳିଙ୍ଗ ଟ୍ୟୁବ୍ସ, କଳିଙ୍ଗ ଏୟାର ଲାଇନ୍ସ, କଳିଙ୍ଗ ଆଇରନ ୱାର୍କସ, କଳିଙ୍ଗ ରିଫ୍ରାକ୍ଟରିଜ୍ । ଏପରିକି 'କଳିଙ୍ଗ' ନାମରେ ଏକ ଦୈନିକ ସମ୍ବାଦପତ୍ର ସେ ଆରମ୍ଭ କରିଥିଲେ ଏବଂ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳକୁ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ଆରମ୍ଭ କରିଥିଲେ ଆନ୍ତର୍ଜାତିକ 'କଳିଙ୍ଗ ପୁରସ୍କାର' ।

ଜାତି, ଧର୍ମ, ବର୍ଣ୍ଣ, ରାଜନୀତି ଠାରୁ ସେ ଥିଲେ ଊର୍ଦ୍ଧ୍ୱରେ । ଓଡ଼ିଶାର ବିକାଶ ବ୍ୟତୀତ ରାଜନୀତି ତାଙ୍କ ପାଇଁ କିଛି ମହତ୍ୱ ରଖୁ ନ ଥିଲା । ସେ ଥିଲେ ବେସାଲିସ୍ ବାଦ୍‌ଶାହା, ପ୍ରଚଣ୍ଡ ସ୍ୱାଭିମାନୀ ଓଡ଼ିଆ । ମଧୁବାବୁଙ୍କ ପରବର୍ତ୍ତୀ ପିଢ଼ିରେ ଓଡ଼ିଶାର ସ୍ୱାଭିମାନ ପାଇଁ ଲଢୁଥିବା ଏକମାତ୍ର ଓଡ଼ିଆ । ଯେଉଁଥିପାଇଁ ଅନେକବାର ସେ କ୍ଷମତାକୁ ହାତରେ ପାଇ ବି ହାତଛଡ଼ା କରିଛନ୍ତି । ଅର୍ଦ୍ଧଶତାବ୍ଦୀର ରାଜନୈତିକ ଜୀବନରେ ଅନେକବାର କ୍ଷମତାର ଶୀର୍ଷରେ ପହଞ୍ଚି କ୍ଷମତାଠାରୁ ଦୂରେଇ ରହିଛନ୍ତି । ଲବି ରାଜନୀତିକୁ ସେ ପ୍ରଚଣ୍ଡ ଘୃଣା କରୁଥିଲେ । କ୍ଷମତା ପାଇଁ ସେ କେବେ ଲବି କରୁ ନ ଥିଲେ ଓ ଲବି କରୁଥିବା ଲୋକଙ୍କୁ ସହ୍ୟ କରୁ ନ ଥିଲେ । ସେଇଥିପାଇଁ ସେ ଥିଲେ ଅଦମନୀୟ, ନିଜ ଇଚ୍ଛାର ସମ୍ରାଟ । ଆଜି ବି ସେ ସାଢ଼େ ଚାରି କୋଟି ଓଡ଼ିଆଙ୍କ ହୃଦୟର ସ୍ପନ୍ଦନ, ଅତି ଆପଣାର 'ପ୍ରବାଦ ପୁରୁଷ' ।







# କିମ୍ବଦନ୍ତୀ ପୁରୁଷ

■ ଡ. ହିମାଂଶୁ ଆଚାର୍ଯ୍ୟ

ପ୍ରବାଦପୁରୁଷ କହିଲେ ଯଥେଷ୍ଟ ହେବ ନାହିଁ। ଝଡ଼ର ଇଗଲ ଓ ମାଟିର ମୃର୍ତ୍ତିକାର ବି ପର୍ଯ୍ୟାପ୍ତ ନୁହେଁ ତାଙ୍କୁ ସାମଗ୍ରିକ ଭାବେ ଚିତ୍ରିତ କରିବାରେ। ଜୀବନ ସାରା ନଜିର ପରେ ନଜିର ସୃଷ୍ଟି କରିବାରେ ହିଁ ତାଙ୍କର ରେକର୍ଡ଼୍। ଜୀବଦଶାରେ ଯିଏ ସୃଷ୍ଟି କରିଥିଲେ ରାଜନୀତିରେ ଚହଲ ପରେ ଚହଲ, ମୃତ୍ୟୁର ୨୯ ବର୍ଷ ପରେ ବି ସେଇ ପ୍ରବାଦପୁରୁଷ ପାଲଟିଛନ୍ତି ସମସ୍ତଙ୍କର କେନ୍ଦ୍ରବିନ୍ଦୁ। ୧୯୯୭ ମସିହା ଏପ୍ରିଲ ୧୭ ତାରିଖ ଓଡ଼ିଶା ନୁହେଁ ସମଗ୍ର ଭାରତ ବର୍ଷକୁ ଶୋକାକୁଳରେ ଭରିଦେଇଥିଲା ତାଙ୍କରି ବିୟୋଗ। ନବୀନ ନିବାସରୁ ସ୍ୱର୍ଗଦ୍ୱାର ଅଗଣିତ ଶୋକାକୁଳ ଜନତାର ଅଭିନବ ଶୋଭାଯାତ୍ରା, ଲୁହ ଆଉ କୋହର ଏକ ମର୍ମଭେଦୀ ଉଚ୍ଛ୍ୱାସ୍। ସେ ହେଉଛନ୍ତି ବିଜୟାନନ୍ଦ ପଟ୍ଟନାୟକ, ସବୁରି ପ୍ରିୟ ବିଜୁ ପଟ୍ଟନାୟକ, ଆମ ବିଜୁବାବୁ, ଜଣେ ଆଜୀବନ ମହାନାୟକ ।

ବିଜୁବାବୁ ନାଁ ଟି ଶୁଣିଲେ ମନରେ ହୃତ୍‌କମ୍ପ ସୃଷ୍ଟି ହୁଏ। ବଙ୍କିମ୍‌ଚନ୍ଦ୍ରଙ୍କ 'ବନ୍ଦେମାତରଂ', ସୁଭାଷ ବୋଷଙ୍କ 'ଜୟହିନ୍ଦ', କହିବା ପରି ଏକ ସ୍ୱରରେ ବିଜୁ ପଟ୍ଟନାୟକ ନାଁଟି କହିଦେଲେ ମନରେ କାହିଁକି ଉନ୍ମାଦନା ଆସେ। ବିଜୁପଟ୍ଟନାୟକ ଏକାଧାରରେ ଥିଲେ ବିଶିଷ୍ଟ ରାଜନୀତିଜ୍ଞ, ଦୁଃସାହସିକ ବୈମାନିକ, ଦୂରଦର୍ଶୀ ଶିଳ୍ପପତି, ଉଚ୍ଚକୋଟୀର କ୍ରୀଡାବିତ୍, ଦକ୍ଷକ୍ରୀଡା ସଙ୍ଗଠକ, ଦେଶଭକ୍ତ ସଂଗ୍ରାମୀ, ଓଡିଶା ଏବଂ ଭାରତର ଜଣେ ଅଦ୍ୱିତୀୟ ନେତା। ଜୀବନ ସଂଗ୍ରାମରେ ସେ କେବେ ଭାଙ୍ଗିପଡୁ ନଥିଲେ ଜୟ-ପରାଜୟ ଭିତରେ ଓ ସବୁକୁ ଖେଳୁଆଡ ମନୋଭାବରେ ଗ୍ରହଣ କରୁଥିଲେ।

ରାଜନୀତି କ୍ଷେତ୍ରରେ ବିଜୁପଟ୍ଟନାୟକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ୧୯୪୭ ରୁ ୧୯୯୭ ପର୍ଯ୍ୟନ୍ତ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ସେ ଓଡିଶାର ତଥା ବିଭିନ୍ନ ସମୟରେ ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ ।୧୯୬୧ରୁ ୧୯୬୩ ମସିହା ପର୍ଯ୍ୟନ୍ତ ସେ ଓଡିଶାର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରି ଆରମ୍ଭ କରିଥିଲେ ନିର୍ମାଣ ଯୁଗ। ପାରାଦ୍ୱୀପ ବନ୍ଦର ଏକ୍‌ସପ୍ରେସ୍ ହାଇୱେ, ସୁନାବେଡା ମିଗ୍ ବିମାନ କାରଖାନା, ବାଲିମେଳା ଡ୍ୟାମ ଓ ବରଗଡ ସିମେଣ୍ଟ କାରଖାନା ନିର୍ମାଣ କରି ସେ ନବ ଓଡ଼ିଶାର ଗଠନ ପ୍ରକ୍ରିୟା ଆରମ୍ଭ କରିଥିଲେ। ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ରାଉରକେଲା ଇଞ୍ଜିନିୟରିଙ୍ଗ କଲେଜ, ସୈନିକ ସ୍କୁଲ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଓ ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇ ଓଡ଼ିଶାରେ ବୈଷୟିକ ଓ ଯାନ୍ତ୍ରିକଶିକ୍ଷା କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ ହୋଇଥିଲା। ୧୯୯୦ରୁ ୧୯୯୫ ମସିହା ପର୍ଯ୍ୟନ୍ତ ଦ୍ୱିତୀୟ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ବେଳେ ସେ ଆରମ୍ଭ କରିଥିଲେ ତ୍ରିସ୍ତରୀୟ ପଞ୍ଚାୟତି ବ୍ୟବସ୍ଥା। ପ୍ରଶାସନକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ସେ ୧୩ ଟି ଜିଲ୍ଲାକୁ ୩୦ଟି ଜିଲ୍ଲାରେ ପରିଣତ କରିଥିଲେ। ମୁଖ୍ୟମନ୍ତ୍ରୀ ଥିବା ବେଳେ ଏକ ଟଙ୍କା ଦରମା ନେଇ ସେ ନିଆରା ବ୍ୟକ୍ତିତ୍ୱର ପ୍ରମାଣ ଦେଇଥିଲେ। ପୁଣି ରିକ୍‌ସାରେ ବସି ବା କେବେ ସାଇକେଲ ଚଢ଼ି ସେ ସଚିବାଳୟକୁ ଆସି ଭିନ୍ନ ଏକ ଉଦାହରଣ ସୃଷ୍ଟି କରିଥିଲେ।

ବିଜୁ ପଟ୍ଟନାୟକ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଅନୁରୋଧ କ୍ରମେ ନିଜ ଜୀବନକୁ ପାଣି ଛଡାଇ ଡଚ୍ ସେନାବାହିନୀ ଦ୍ୱାରା କବଳିତ ଇଣ୍ଡୋନେସିଆର ତତ୍କାଳୀନ ରାଷ୍ଟ୍ରପତି ସୁକର୍ଣ୍ଣ, ପ୍ରଧାନମନ୍ତ୍ରୀ ଶାହାରିଆର ଓ ଉପ-ରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ଦିଲ୍ଲୀକୁ ବିମାନ ଯୋଗେ ନେଇ ଆସିଥିଲେ। କୃତଜ୍ଞ ରାଷ୍ଟ୍ରପତି ସୁକର୍ଣ୍ଣ ତାଙ୍କୁ ପ୍ରାୟ ୫୦୦କୋଟି ଟଙ୍କାର ଉପହାର ସହଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ଭୂମିପୁତ୍ର ଉପାଧି ପ୍ରଦାନ କରିଥିଲେ। ସେବେବେଳର ୫୦୦ କୋଟି ଟଙ୍କା, ଏବେ କେତେ ହେବ ତାହା କଳ୍ପନାତୀତ। ମାତ୍ର ବିଜୁବାବୁ ଟଙ୍କାଟିଏ ବି ଗ୍ରହଣ କରିବାକୁ ମନା କରିଦେଇଥିଲେ ।ଏପରି ବଦାନ୍ୟତା ପୃଥିବୀ ଇତିହାସରେ ବିରଳ ।

ଛାତ୍ରାବସ୍ଥାରେ କଟକରୁ ପେଶାୱାର ସାଇକେଲରେ ଯାତ୍ରା, ପୋଲିସ୍ କର୍ଡନ୍ ଭାଙ୍ଗି ଗାନ୍ଧୀଙ୍କୁ ଦେଖିବାପାଇଁ ଯିବାବେଳେ ପୋଲିସ ଏସ୍.ପି.ହାରଗ୍ରୀଭ୍‌ଙ୍କଠାରୁ ଲାଠିମାଡ ଖାଇବା ଘଟଣା ତାଙ୍କ ଦୁଃସାହସିକତାର ନମୁନା ମାତ୍ର। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବଡଲାଟ୍ ୱାଭେଲ୍‌ଙ୍କ ପାଇଲଟ୍ ଥାଇ ସୁଦ୍ଧା ପୋଲିସ ଆଖିରେ ଧୂଳି ଦେଇ ଜୟପ୍ରକାଶ ନାରାୟଣ , ଅରୁଣା ଆଶଫ୍‌ଅଲ୍ଲୀ ଓ ରାମମନୋହର ଲୋହିଆଙ୍କୁ ନିରାପଦ ସ୍ଥାନରେ ପହଞ୍ଚାଇବା ତାଙ୍କ ଦୁଃସାହସିକତାର ଆଉ ଏକ ପରିଚୟ। ୧୯୬୨ ରେ ଚୀନ୍ ଭାରତ ଆକ୍ରମଣ ସମୟରେ ସେନାମାନଙ୍କୁ ସହାୟତାରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ।

ଜଣେ ଓଡିଆ ଭାବେ ନିଜକୁ ପରିଚୟ ଦେଇ ସେ ଗର୍ବ ଅନୁଭବ କରିଥିଲେ ।ସେଥିପାଇଁ ସେ କଳିଙ୍ଗ ଏୟାରଲାଇନ୍‌ସ, କଳିଙ୍ଗ ଟାଇଲ୍‌ସ ଓ କଳିଙ୍ଗପୁରସ୍କାର ଆଦି ପ୍ରତିଷ୍ଠା କରିଥିଲେ ।ଏହି କଳିଙ୍ଗ ପୁରସ୍କାର ଓଡିଶାକୁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲେ । ବାସ୍ତବିକ୍ ମଧୁବାବୁଙ୍କ ପରେ ଓଡିଆର ଟେକ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବାରେ ସେ ହିଁ ଥିଲେ ଦ୍ୱିତୀୟ ବ୍ୟକ୍ତି। ବିଜୁ ପଟ୍ଟନାୟକ ଥିଲେ ଜଣେ ଉଚ୍ଚକୋଟୀର କ୍ରୀଡାବିତ୍ ଓ ଦକ୍ଷ ସଂଗଠକ। ୧୯୩୦ ଦଶକରେ ସେ ଓଡିଶାର ଖ୍ୟାତନାମା ଫୁଟବଲ ଖେଳାଳୀ ମଧ୍ୟରେ ଜଣେ ଥିଲେ। ତାଙ୍କ ସମୟରେ ସେ ପୋଲଭୋଲ୍ଟରେ ସେ ସମୟରେ ସର୍ବଶ୍ରେଷ୍ଠ କ୍ରୀଡାବିତ୍ ଥିଲେ। ୧୯୬୧-୬୨ ରେ କଟକରେ ପ୍ରଥମ ସର୍ବଭାରତୀୟ କଳିଙ୍ଗ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ସେ ଆରମ୍ଭ କରିଥିଲେ । ଓଡିଶାରୁ ପ୍ରଥମ ବ୍ୟକ୍ତି ଭାବେ ୧୯୬୪ ମସିହାରେ ବିଜୁ ପଟ୍ଟନାୟକ ଭାରତର ବାସ୍କେଟବଲ୍ ସଂଘର ସଭାପତି ପଦ ମଣ୍ଡନ କରିଥିଲେ।ଏଥିସହିତ ଆଜି ରାଜ୍ୟ ମହିଳା ଫୁଟବଲ ଦଳ ସଫଳତାର ଯେଉଁ ଶୀର୍ଷରେ ପହଞ୍ଚିଛି, ତାହା ପଛରେ ରହିଛି ତାଙ୍କ ପ୍ରଚେଷ୍ଟାର ଫଳଶ୍ରୁତି। ଭାରତୀୟ ରାଜନୀତିରେ ସେ ଥିଲେ 'ଟଲ୍ ମ୍ୟାନ' । କେବଳ ଉଚ୍ଚତା ନୁହେଁ, ରାଜନୈତିକ ଉଚ୍ଚତାରେ ବି ସେ ଥିଲେ ଅନ୍ୟମାନଙ୍କଠାରୁ ଉଚ୍ଚରେ । ସ୍ୱାଧୀନତା ଆନ୍ଦୋଳନରୁ ଆରମ୍ଭ କରି ଭାରତର ସୁରକ୍ଷା ଓ ଅଖଣ୍ଡତା କ୍ଷେତ୍ରରେ ତାଙ୍କର ଅବଦାନ ତାଙ୍କୁ ଜଣେ କିମ୍ବଦନ୍ତୀ ମଣିଷ କରିଥିଲା। ■

ସଭାପତି, ସାରସ୍ୱତ ପରିଷଦ,ଜଗତସିଂହପୁର
ମୋ : ୯୩୩୭୨୨୧୯୨୪

# ଜନନାୟକ

■ ଡ. ପ୍ରଫୁଲ୍ଲ କୁମାର ସାହୁ

ବେଳେ ବେଳେ ମହାକାଳକୁ ଚକିତ କରି ଏମିତି ଜଣେ ଜଣେ ଯୋଗଜନ୍ମା ପୁରୁଷ ଜନ୍ମ ନିଅନ୍ତି, ଯିଏ ଇତିହାସ ସୃଷ୍ଟି କରନ୍ତି, ଇତିହାସକୁ ବଦଳାଇବାର କ୍ଷମତା ରଖନ୍ତି । ସେହିଭଳି ଜଣେ ବ୍ୟକ୍ତି ଥିଲେ ବିଜୁ ପଟ୍ଟନାୟକ। ତାଙ୍କ ନାମ ଉଚ୍ଚାରଣ ମାତ୍ରକେ ଓଡିଆଙ୍କ ଆଖି ଆଗରେ ନାଚିଯାଏ ଶିଖର ଛୁଇଁଥିବା ଜଣେ ଉତ୍ତୁଙ୍ଗ ମଣିଷର ଛବି। ଫୁଟବଲ ଖେଳିବା ଠାରୁ ବିମାନ ଉଡାଇବା ପର୍ଯ୍ୟନ୍ତ ସେ ସବୁଥିରେ ଥିଲେ ସାହସୀ, ଧୂରନ୍ଧର ଓ ଦୁର୍ଦ୍ଦଶ।

ଜୀବିତାବସ୍ଥାରେ ଓଡିଶାର ଯେଉଁ ଦୁଇଜଣ ଯୋଗଜନ୍ମାଙ୍କୁ କିମ୍ବଦନ୍ତୀ ପୁରୁଷ ମାନ୍ୟତା ମିଳିଛି, ସେମାନଙ୍କ ମଧ୍ୟରେ ଜଣେ ମଧୁବାବୁ ଓ ଆଉ ଜଣେ ବିଜୁବାବୁ। ମଧୁବାବୁ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ପ୍ରାଣ ପ୍ରତିଷ୍ଠାତା; ତାଙ୍କ ପରେ ବିଜୁବାବୁ ସାଜିଲେ ଓଡ଼ିଶା ନବନିର୍ମାଣର ବିସ୍ମୟ ବିଶ୍ୱକର୍ମା। ଏକ ଅଗ୍ନିପଥର ଅପରାଜେୟ ପଥିକ ହେଉଛନ୍ତି ବିଜୁବାବୁ । ଓଡିଆ ଜାତି ତାର କୃତିତ୍ୱକୁ ନେଇ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ଓ ପ୍ରତିଷ୍ଠା ଲଭୁ-ତାହା ହିଁ ଥିଲା ବିଜୁବାବୁଙ୍କ ଜୀବନର ଅଭିଳଷିତ ସ୍ୱପ୍ନ। ବିଶ୍ୱକବି ରବୀନ୍ଦ୍ରନାଥ ଥିଲେ ତାଙ୍କର ସ୍ୱପ୍ନ ଗୁରୁ। ସେ ସବୁବେଳେ କହୁଥିଲେ- "ଯଦି ସ୍ୱପ୍ନ ଦେଖିବ ତ ବଡବଡ ସ୍ୱପ୍ନ ଦେଖ'।

ବିଜୁବାବୁ ଥିଲେ ନାରୀ ସଶକ୍ତିକରଣର ପଥ ପ୍ରଦର୍ଶକ। ଗୋଟେ ସ୍ୱାଭିମାନୀ ଓ ନିର୍ଭୀକ ଜାତିର ପୁନର୍ଗଠନ କ୍ଷେତ୍ରରେ ସେ ମା'ମାନଙ୍କ ଗୁରୁଦାୟିତ୍ୱକୁ ଅନୁଭବ କରିଥିଲେ ଏବଂ ସେହି ଆଧାରରେ ପ୍ରସ୍ତୁତ କରିଥିଲେ ନାରୀ ସଶକ୍ତିକରଣର ନକ୍ସା। 'ମୋ ସ୍ୱପ୍ନର ଓଡିଶା' ଶୀର୍ଷକ ଭାଷଣରେ ସେ କହିଛନ୍ତି-"ମୁଁ ସେହି ଦିନର ସ୍ୱପ୍ନ ଦେଖୁଛି, ଯେଉଁଦିନ ପ୍ରତ୍ୟେକ ମହିଳା ପୁରୁଷଙ୍କ ସହ କାନ୍ଧରେ କାନ୍ଧ ମିଳାଇ ସମାନ ଭାବରେ ଦାୟିତ୍ୱ ନିର୍ବାହ କରିବେ ଏବଂ ସବୁକ୍ଷେତ୍ରରେ ପାଇବେ ସମାନ ସୁବିଧା ଓ ସୁଯୋଗ।' ଜଣେ ବାସ୍ତବବାଦୀ ନେତା ଭାବରେ ବିଜୁବାବୁ ଏହି ସ୍ୱପ୍ନକୁ ବାସ୍ତବାୟିତ କରିବା ଦିଗରେ ଦୃଢ ଓ ତତ୍କାଳ ପଦକ୍ଷେପ ନେଇଛନ୍ତି। ସମଗ୍ର ଦେଶରେ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା କାର୍ଯ୍ୟକାରୀ ହେବାର ପ୍ରାୟ ଅଢେଇ ବର୍ଷ ପୂର୍ବରୁ ଏଠାରେ ତାକୁ ସେ କାର୍ଯ୍ୟକାରୀ କରିଥିଲେ ଏକ ନୂଆ ରୂପରେ। କ୍ଷମତା ବିକେନ୍ଦ୍ରୀକରଣ ଓ ମହିଳାଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନ କ୍ଷେତ୍ରରେ ସେ ଥିଲେ ଭାରତବର୍ଷର ଜଣେ ଅଗ୍ରଗଣ୍ୟ ଓ ଦୃଷ୍ଟାନ୍ତ ସୃଷ୍ଟିକାରୀ ନେତା। କେବଳ ରାଜନୀତି କ୍ଷେତ୍ରରେ ନୁହେଁ, ସାମଗ୍ରିକ ଭାବରେ ମହିଳାଙ୍କ ସାମାଜିକ ଓ ଆର୍ଥିକ ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇଥିଲେ । ଯୌତୁକ ରାକ୍ଷସ କବଳରୁ ନାରୀକୁ ସୁରକ୍ଷା ଦେବାପାଇଁ ସେ ବିବାହ ଖର୍ଚ୍ଚକୁ ୨୫ ହଜାର ଟଙ୍କାରେ ସୀମିତ ରଖିବା ପାଇଁ ଜାରି କରିଥିଲେ ନିର୍ଦ୍ଦେଶନାମା। ମହିଳା ହିଂସା ରୋକିବା ଲକ୍ଷ୍ୟରେ ତାଙ୍କରି ସମୟରେ ମହିଳା ଥାନା ପ୍ରତିଷ୍ଠା ସହିତ ଗଠନ ହୋଇଥିଲା ମହିଳା ଆୟୋଗ। ନାରୀମାନଙ୍କ ଗୁରୁତ୍ୱ ତଥା ମର୍ଯ୍ୟାଦା ବୃଦ୍ଧି ପାଇଁ ସ୍କୁଲ କଲେଜରେ ପିଲାଙ୍କ ନାମଲେଖା ବେଳେ ବାପାଙ୍କ ନାମ ସହିତ ମା'ଙ୍କ ନାମ ଲେଖାଗଲା ଏବଂ ବୋର୍ଡ ସାର୍ଟିଫିକେଟରେ ବାଧ୍ୟତାମୂଳକ ଭାବରେ ଉଲ୍ଲେଖ ରହିଲା ମା'ଙ୍କ ନାଁ। ଜମି ପଟାରେ ବି ଉଲ୍ଲେଖ ରହିଲା ଉଭୟ ସ୍ୱାମୀ ଓ ସ୍ତ୍ରୀର ନାମ। ସରକାରୀ ଚାକିରି କ୍ଷେତ୍ରରେ ମହିଳାଙ୍କ ପାଇଁ ରଖିଲେ ୩୦ ଶତାଂଶ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ସହିତ କୋହଳ କରାଗଲା ବୟସ ସୀମା। ଆଦିବାସୀ ମହିଳାଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ବୃଦ୍ଧି ପାଇଲା ସର୍ବନିମ୍ନ ମଜୁରି ହାର। ମହିଳାଙ୍କ ଆର୍ଥିକ ବିକାଶ ପାଇଁ ପ୍ରତିଷ୍ଠା ହେଲା ମହିଳାବ୍ୟାଙ୍କ ।

କ୍ରୀଡ଼ା ବିକାଶ ପାଇଁ ବିଜୁବାବୁ ବିଜୁବାବୁଙ୍କ ଅବଦାନ ଅନେକ। ୧୯୯୩ ମସିହାରେ ବିଜୁଙ୍କ ଉଦ୍ୟମରେ ଗଠନ ହେଲା ଓଡିଶା ମହିଳା ଫୁଟବଲ ଦଳ । ମହିଳାମାନଙ୍କ ମଦ ବିରୋଧୀ ଆନ୍ଦୋଳନ ପ୍ରତି ବିଜୁବାବୁଙ୍କର ଥିଲା ଦୃଢ଼ ସମର୍ଥନ। କୋରାପୁଟର ସୁମନୀ ଝୋଡ଼ିଆ, ଅନ୍ଧାରୀ ମାଝି ଓ ସବାଇ ମାଝି ନାମକ ତିନିଜଣ ମହିଳାଙ୍କୁ ନିଜର ରାଜନୈତିକ ପରାମର୍ଶଦାତା ସହ ରାଜନୀତିରେ ବିଜୁବାବୁ ଥିଲେ ରୋକ୍ ଠୋକ୍ ଓ ବେପରୁଆ। ଆଜିକାଲି ନେତାଙ୍କ ପରି ଜୟଧର୍ମକୁ ସେ ରାଜଧର୍ମ ଭାବରେ ଗ୍ରହଣ କରୁ ନ ଥିଲେ; ଭୋଟ ହାତେଇବା ପାଇଁ ସ୍ୱର୍ଗରୁ ଚାନ୍ଦ ତୋଳି ଆଣିବାର ପ୍ରତିଶ୍ରୁତି ବି ଦେଉ ନ ଥିଲେ। ଦୁର୍ବାର ଦୁଃସାହସ ମଧ୍ୟରେ ଦେଶ ଓ ଜାତିକୁ ଆଗକୁ ନେବା ଥିଲା ତାଙ୍କର ରାଜନୈତିକ ଆଦର୍ଶର ମୂଳକଥା। କ୍ଷମତା ହାତେଇବା ନିଶାରେ ଦେଶର ସ୍ୱାର୍ଥକୁ ବଳି ଦେବାର ଯେଉଁ ହୀନମନ୍ୟତା ଏବର ନେତାମାନଙ୍କୁ ଗ୍ରାସ କରିଛି, ବିଜୁବାବୁ ଥିଲେ ତାହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ। ତାଙ୍କ ନିର୍ବାଚନ ପ୍ରଚାରରେ ସ୍ଲୋଗାନ ନ ଥିଲା, ଅଭିସନ୍ଧି ନ ଥିଲା କି ମିଛ ପ୍ରତିଶ୍ରୁତି ନ ଥିଲା। ସେଥିପାଇଁ ବିଜୁଙ୍କ ଶିଖରସ୍ପର୍ଶୀ ଦର୍ପିତ ବ୍ୟକ୍ତିତ୍ୱ ନିକଟରେ ସାମ୍ପ୍ରତିକ ଭାରତୀୟ ରାଜନୀତିର ପ୍ରତିଷ୍ଠିତ ରାଜନେତାମାନେ ବି ଖର୍ବକାୟ ଦିଶନ୍ତି ।

ବିଜୁଙ୍କ ଜୀବନ ଓ ଓଡ଼ିଶାର ରାଜନୈତିକ ଚେତନାର ମୂଳପିଣ୍ଡ ସମ୍ପୂର୍ଣ୍ଣ ଓତଃପ୍ରୋତ। ସମଗ୍ର ରାଜ୍ୟ ଥିଲା ତାଙ୍କ ନଖ ଦର୍ପଣରେ। ଓଡିଶାର ପ୍ରାୟ ଏମିତି କୌଣସି ଅଞ୍ଚଳ ନାହିଁ, ଯେଉଁଠି ବିଜୁବାବୁଙ୍କ ପାଦ ପଡ଼ିନାହିଁ। ଓଡିଶାରେ ପ୍ରାୟ ଏମିତି କେହି ଲୋକ ନାହିଁ, ଯିଏ ବିଜୁବାବୁଙ୍କ ନାଁ ଶୁଣି ନାହିଁ। କ୍ଷମତାରେ ସେ ବେଶୀ ଦିନ ନ ଥିଲେ, ମାତ୍ର ଜଣେ ସ୍ପର୍ଦ୍ଧିତ ଜାତିପ୍ରାଣ ଜନନାୟକ ଭାବରେ ସେ ଚିରକାଳ ଲୋକଙ୍କ ହୃଦୟରେ ଅଛନ୍ତି ଓ ଚିରକାଳ ରହିବେ, ଏଥିରେ ସନ୍ଦେହ ନାହିଁ । ■

ମୋ: ୬୩୭୧୬୪୨୪୬୪












ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 43 ♦ISSUE-289 ♦FRIDAY ♦17 APRIL 2026 ♦PAGE-12 ♦₹ 7.00
♦ବର୍ଷ-୪୩ ♦ସଂଖ୍ୟା-୨୮୯ ♦ଶୁକ୍ରବାର ♦୧୭ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

## ମେସୀଙ୍କ ବିରୋଧରେ ଠକେଇ ଅଭିଯୋଗ

■ ମିଆମି, ୧୬।୪ (ଏଜେନ୍ସି): ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫୁଟବଲ ଖେଳାଳି ଲିଓନେଲ ମେସିଙ୍କ ବିରୋଧରେ ଠକେଇ ଅଭିଯୋଗ ଆସିଛି। ଫିଫା ବିଶ୍ୱକପ୍ ଚାମ୍ପିଅନ ଆର୍ଜେଣ୍ଟିନାର ମେସି ଗତବର୍ଷ ୭ ନିୟୁତ ଆମେରିକୀୟ ଡଲାର ବଦଳରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳିବାକୁ କରିଥିବା ରାଜିନାମାର ଉଲ୍ଲଙ୍ଘନ କରିଛନ୍ତି। ମିଆମି -ଡାଡେ କୋର୍ଟରେ ମେସି ଓ ଆର୍ଜେଣ୍ଟିନା ଫୁଟବଲ ସଂଘ ନାମରେ ଏକ ଠକେଇ ଓ ରାଜିନାମା ଉଲ୍ଲଙ୍ଘନ କରିଥିବା ଅଭିଯୋଗରେ ଏକ ପ୍ରମୋଟର ସଂସ୍ଥା ଏହି ମକଦ୍ଦମା କରିଛି। ଉଭୟ ମେସି ଓ ତାଙ୍କ ଦେଶର ସଂଘ ଏଯାଏ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ମେସି ଏବେ ବହୁ ଅଧିକ ଅର୍ଥରେ ଇଣ୍ଟର ମିଆମି ପକ୍ଷରୁ ଆମେରିକାର ମେଜର ଲିଗ୍ ଫୁଟବଲ ଖେଳୁଛନ୍ତି। ସେ ମଧ୍ୟ ଆର୍ଜେଣ୍ଟିନା ପକ୍ଷରୁ ଖେଳୁଛନ୍ତି।



ମକଦ୍ଦମାରୁ ମିଳିଥିବା ତଥ୍ୟ ଅନୁଯାୟୀ ମେସି ଓ ଆର୍ଜେଣ୍ଟିନା ଟିମ୍ ପ୍ରତିଦ୍ୱନ୍ଦ୍ୱୀ ଭେନେଜୁଏଲା ସହ ଏକ ପ୍ରଦର୍ଶନୀ ମ୍ୟାଚ୍ ପୁଏର୍ଟୋରିକେରେ ଖେଳିବାର ଥିଲା। ଏହି ମ୍ୟାଚ୍ ଆୟୋଜିତ ହୋଇଥିଲେ ମଧ୍ୟ ମେସି ଏଠାରେ ଖେଳି ନ ଥିଲେ, କିନ୍ତୁ ପାଭିଲିୟନରେ ବସି ଖେଳ ଦେଖିଥିଲେ। କିନ୍ତୁ ଏହାର ପରଦିନ ସେ ଇଣ୍ଟର ମିଆମି ପକ୍ଷରୁ ଖେଳି ୨ଟି ଓ କିଛିଦିନ ପରେ ପୁଏର୍ଟୋରିକୋ ବିପକ୍ଷରେ ଖେଳି ୨ଟି ଗୋଲ ଦେଇଥିଲେ। ସେ ଫିଟ୍ ଥିଲେ ମଧ୍ୟ ମ୍ୟାଚ୍ ନ ଖେଳିବାରୁ ତାଙ୍କ ବିରୋଧରେ ଠକେଇ ଓ ରାଜିନାମା ଉଲ୍ଲଙ୍ଘନ ଅଭିଯୋଗରେ ଏହି କମଦ୍ଦମା କରାଯାଇଛି।



# ମୁଖ୍ୟମନ୍ତ୍ରୀ କଳାକାର ଯୋଜନାରେ ହେଉନି ନୂତନ ପଞ୍ଜୀକରଣ

ବାଲେଶ୍ୱର, ୧୬।୪(ସମିସ)

କଳାକାରମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୨୦୧୮ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ କଳାକାର ଯୋଜନା। ଏହି ଯୋଜନା ମାଧ୍ୟମରେ ୮୦ବର୍ଷରୁ ଅଧିକ ଏବଂ ୮୦ବର୍ଷର କମ କଳାକାରମାନଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ଆଉ ଏଥିପାଇଁ ପଞ୍ଜୀକରଣ ମଧ୍ୟ କରାଯାଇଥାଏ। ଏଥିରେ ଯୋଗ୍ୟ ବିବେଚିତ କଳାକାରମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଭତ୍ତା ପ୍ରଦାନ କରାଯାଇଥାଏ। ୨୦୧୮ ମସିହା ପରେ ୨୦୨୧ମସିହାରେ ଦ୍ୱିତୀୟ ଥର ପାଇଁ ପଞ୍ଜୀକରଣ ହୋଇଥିଲା। ହେଲେ ଏହାରି ମଧ୍ୟରେ ଦୀର୍ଘ ୫ବର୍ଷ ବିତିଯାଇଥିଲେ ସୁଦ୍ଧା ନୂତନ କରି ପଞ୍ଜୀକରଣ ହୋଇପାରୁନାହିଁ। ଫଳରେ ଯେଉଁ ପୁରୁଣା କଳାକାରମାନେ ଭତ୍ତା ପାଇଆସୁଥିଲେ ସେମାନେ ଆଜି ପର୍ଯ୍ୟନ୍ତ ଭତ୍ତା ପାଉଥିବା ବେଳେ ନୂଆ କଳାକାରମାନେ ଏଥିରୁ ବଞ୍ଚିତ ହେଉଛନ୍ତି।

ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ୨୦୧୮ ଏବଂ ୨୦୨୧ମସିହାରେ ସର୍ବମୋଟ ୯୫୩୭ଜଣ କଳାକାର ଭତ୍ତା ପାଇବା ପାଇଁ ଆବେଦନ କରିଥିଲେ। ହେଲେ ସେଥିମଧ୍ୟରୁ ଜିଲ୍ଲାର ବିଭିନ୍ନ ବ୍ଲକରୁ ମାତ୍ର ୨୪୩୩ଜଣ କଳାକାର ଭତ୍ତା ପାଉଛନ୍ତି। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ପାଇଁ ନୂତନ ଭାବେ କୌଣସି ପଞ୍ଜୀକରଣ ହେଉନଥିବାରୁ କଳାକାରଙ୍କ ମଧ୍ୟରେ ଏବେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବିଶେଷ କରି ଏହି ମୁଖ୍ୟମନ୍ତ୍ରୀ ସହାୟତା ଯୋଜନାରେ ୮୦ବର୍ଷରୁ ଅଧିକ କଳାକାରଙ୍କୁ ମାସିକ ୨୫ଶହ ଟଙ୍କା ଭତ୍ତା ପ୍ରଦାନ କରାଯାଉଥିବା ବେଳେ ୮୦ବର୍ଷରୁ କମ କଳାକାରମାନଙ୍କୁ ଦୁଇହଜାର ଟଙ୍କା ଭତ୍ତା ପ୍ରଦାନ କରାଯାଉଛି। ଅନଲାଇନ ମାଧ୍ୟମରେ ଆବେଦନ କରିଥିବା ୯୫୩୭ଜଣ କଳାକାରଙ୍କ ମଧ୍ୟରୁ ମାତ୍ର ୨୪୩୩ଜଣ ଏହି ସୁବିଧା ପାଉଥିବା ବେଳେ ବାକି ୭୧୦୪ଜଣ ଆବେଦନକାରୀମାନଙ୍କର ବିଭିନ୍ନ କାରଣ ବଶତଃ ସେମାନେ ଏହି ଯୋଜନାରେ ସାମିଲ ହୋଇପାରି ନାହାନ୍ତି। ଅନ୍ୟପଟେ ବାକିଥିବା ଆବେଦନକାରୀଙ୍କ ଆବେଦନ ଯାଞ୍ଚ ହେଉଥିବା ବେଳେ କିଛି ଯାଞ୍ଚରେ ମଧ୍ୟ କଟିଯାଇଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା ନୂତନ ଭାବେ ଆବେଦନ କରିବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ବିଜ୍ଞପ୍ତି ପ୍ରକାଶ ହୋଇନଥିବା ଯୋଗୁଁ ଆଦେଦନ ହୋଇପାରୁନାହିଁ।

**ଭତ୍ତାରୁ ବଞ୍ଚିତ କଳାକାର**

ଜିଲ୍ଲାର ବାହାନଗା ବ୍ଲକରୁ ୪୮୨ଜଣ, ସଦର ବ୍ଲକ ଏବଂ ପୌରପରିଷଦରୁ୨୧୨ଜଣ, ବାଲିଆପାଳ ବ୍ଲକରୁ ୧୬୬ଜଣ, ବସ୍ତା ବ୍ଲକରୁ ୧୫୩ଜଣ, ଭୋଗରାଇ ବ୍ଲକରୁ ୩୫୬ଜଣ, ଜଳେଶ୍ୱର ବ୍ଲକ ଏବଂ ମୁନସିପାଲଟିରୁ୧୯୦ଜଣ, ଖଇରା ବ୍ଲକରୁ୨୦୨ଜଣ, ନୀଳଗିରି ବ୍ଲକ ଏବଂ ଏନଏସିରୁ୯୧ଜଣ, ଔପଦା ବ୍ଲକରୁ ୭୨ଜଣ, ରେମୁଣା ବ୍ଲକରୁ ୧୩୮ଜଣ, ସିମୁଳିଆ ବ୍ଲକରୁ୧୮୭ଜଣ ଏବଂ ସୋର ବ୍ଲକ ଓ ମୁନସିପାଲଟିରୁ ୨୭୯ଜଣ କଳାକାର ଏହି ଭତା ପାଉଛନ୍ତି। ଏ ନେଇ କଳାକାର ସଂଘର ସଦର ବ୍ଲକ ସଭାପତି ମଧୁସୂଦନ ନାୟକଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଜିଲ୍ଲାରେ ଏବେ ବହୁ କଳାକାର ଯୋଜନାରୁ ବଞ୍ଚିତ ହେଉଛନ୍ତି। ବିଶେଷ କରି କଳାକାରମାନେ ପାଉଥିବା ଆର୍ଥିକ ରାଶି ବୃଦ୍ଧି କରାଯିବା ସହ ନୂତନ କଳାକାରମାନଙ୍କୁ ପଞ୍ଜୀକରଣ କରାଯାଉ। ଏହାଛଡା ସେମାନଙ୍କର ୩ମାସର ଭତା ମଧ୍ୟ ବନ୍ଦ ରହିଥିଲା ଯାହାକି ପରେ ପାଇଥିଲେ। ତେବେ ସେମାନେ ବିଭିନ୍ନ ଦାବି କରୁଥିବା ବେଳେ ସରକାର ସେମାନଙ୍କର କୌଣସି କଥା ଶୁଣୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଏ ନେଇ ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱନୀ ରାଉତଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ୨୦୧୮ ଏବଂ ୨୦୨୧ପରେ ନୂତନ ପଞ୍ଜୀକରଣ କରିବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ବିଜ୍ଞପ୍ତି ଆସିନାହିଁ। ଯାହାଫଳରେ ନୂତନ ପଞ୍ଜୀକରଣ ବର୍ତ୍ତମାନ ପର୍ଯ୍ୟନ୍ତ ହୋଇପାରୁ ନାହିଁ। ବାକି ଯେଉଁ କଳାକାରମାନେ ଭତ୍ତା ପାଉଛନ୍ତି ଯଦି କୌଣସି ମାସରେ ସେମାନେ ସଠିକ ସମୟରେ ପାଇପାରୁ ନାହାନ୍ତି ତାହା ପରବର୍ତ୍ତି ସମୟରେ ପ୍ରଦାନ କରାଯାଉଛି ବୋଲି କହିଛନ୍ତି। ଯେବେ ସରକାରଙ୍କ ନୂତନ ପଞ୍ଜିରକଣ ପାଇଁ ବିଜ୍ଞପ୍ତି ଜାରି ହେବ ପରେ ନୂତନ କଳାକାରମାନଙ୍କୁ ଏହି ଯୋଜନାରେ ସାମିଲ କରାଯିବ ବୋଲି କହିଛନ୍ତି।

## ବୃନ୍ଦାବତୀ ବିହାର ବିକାଶ ପରିଷଦର ବାର୍ଷିକ ଉତ୍ସବ



**ବାଲେଶ୍ୱର, ୧୬।୪(ସମିସ):** ବାଲିଆ ବୃନ୍ଦାବତୀ ବିହାର ବିକାଶ ପରିଷଦର ବାର୍ଷିକ ଉତ୍ସବ ଓ ଇଷ୍ଟଦେବୀ ମା' ମଙ୍ଗଳାଙ୍କ ଚଇତିପର୍ବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ପରିଷଦର ବାର୍ଷିକ ସାଧାରଣ ସଭାରେ ଡ. ଉପେନ୍ଦ୍ରନାଥ ପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ ହରିଶ୍ଚନ୍ଦ୍ର ବେହେରା, ଆନନ୍ଦ କୁମାର ଗିରି, ମାନସ କୁମାର ଜେନା, ନିହାର ରଞ୍ଜନ ଦାସ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଯଶୋବନ୍ତ କୁମାର ମହାନ୍ତି ସ୍ୱାଗତ ଅଭିଭାଷଣ ଦେଇଥିଲେ। ସମୀକ୍ଷକ ପ୍ରାଣବନ୍ଧୁ ବିଶ୍ୱାଳ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ସ୍ଥାନୀୟ ଶିଶୁକଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷାବିତ ସୁବଳ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ସଡ଼କ ଦୁର୍ଘଟଣାରେ ଯୁବକ ଗୁରୁତର

**ନୀଳଗିରି, ୧୬।୪ (ସମିସ):** ଗୁରୁବାର ଦିନ ଏକ ସଡକ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଅବସ୍ଥାରେ ପ୍ରଥମେ ନୀଳଗିରି ମେଡିକାଲ ପରେ ରେମୁଣା ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ନୀଳଗିରି ଥାନା ଅନ୍ତର୍ଗତ ପୋଡ଼ାଶୂଳ ଡାହିସାହିର ଦୀପକ ସିଂ (୨୫) ଏକ ସ୍କୁଟିରେ ନୀଳଗିରି ଆସୁଥିବା ବେଳେ ନୀଳଗିରି ଗୁଣ୍ଡିଚା ମନ୍ଦିର ନିକଟରେ ଏକ ବୋଲେରୋ ଗାଡ଼ିକୁ ଧକ୍କା ମାରିବାରୁ ଦୀପକର ମୁଣ୍ଡ, ଗୋଡ଼, ହାତରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ନୀଳଗିରି ମେଡିକାଲକୁ ରକ୍ତାକ୍ତ ଅବସ୍ଥାରେ ନେଇଥିଲେ। ପରେ ଗୁରୁତର ଅବସ୍ଥାରେ ରେମୁଣା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବାର ଦେଖିବାକୁ ମିଳିଛି।

## ହନୁମାନ ଜୟନ୍ତୀ ପାଳିତ

**ବାଲେଶ୍ୱର, ୧୬।୪(ସମିସ):** ସହରର ଟାଉନହଲ ନିକଟସ୍ଥ ଶ୍ରୀ ହନୁମାନ ମନ୍ଦିରରେ ଦୁଇ ଦିନ ଧରି ଶ୍ରୀ ହନୁମାନ ଜୟନ୍ତୀ ପାଳିତ ହୋଇଛି। ପ୍ରଥମ ଦିନ ସକାଳ ସମୟରୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରୀ ସୁନ୍ଦରାକାଣ୍ଡ ପାରାୟଣ ସହ ୧୦୮ ଶ୍ରୀ ହନୁମାନ ଚାଳିଶା ପାଠ କରାଯାଇଥିଲା। ମନ୍ଦିର କମିଟିର ଆବାହକ ଡ ଗୌର ସାଧନ ମିଶ୍ରଙ୍କ ଦ୍ୱାରା ସଂକଳ୍ପ କରିଥିଲେ। ବିଶିଷ୍ଟ ପ୍ରବଚକ ପଣ୍ଡିତ ଆଦିତ୍ୟ ନାରାୟଣ ମିଶ୍ର ଓ ତାଙ୍କ ସହଯୋଗୀ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ପୁଷ୍ପାଞ୍ଜଳି ଦେବା ସହ ଶ୍ରୀହନୁମାନ ଜୟନ୍ତୀ ଉତ୍ସବର ଶୁଭାରମ୍ଭ କରିଥଲେ। ବାଲେଶ୍ୱର ସହର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରମୁଖ ଗୋପାଳ ଚନ୍ଦ୍ର ନାୟକ ଓ ବାଲେଶ୍ୱର ଜିଲ୍ଲା ବ୍ରାହ୍ମଣ ସମିତିର ସାଧାରଣ ସମ୍ପାଦକ ଗୌର ଚନ୍ଦ୍ର ଦାଶ ଏବଂ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରବଚକ ଶାନ୍ତି ସ୍ୱରୂପ ମିଶ୍ର ଶ୍ରୀରାମ କଥା ଉପରେ ପ୍ରବଚନ ଦେଇଥିଲେ।

● ରାଜ୍ୟ ବ୍ୟାଡ୍‌ମିଣ୍ଟନ ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ

## ବେଦାଂଶ ଆଦିଦେବଙ୍କ ସଫଳତା




**ବାଲେଶ୍ୱର, ୧୬।୪(ସମିସ):** ରାଜ୍ୟ ବ୍ୟାଡମିଣ୍ଟନ ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟରେ ବାଲେଶ୍ୱରର ବେଦାଂଶ ଆଦିଦେବ ସିଂହ ଏଗାର ବର୍ଷରୁ କମ୍ ବାଳକ ଡବଲ୍ସ ବର୍ଗରେ ରନର୍ସ ଅପ୍ ହୋଇଛନ୍ତି। ସେ ସମ୍ବଲପୁରରେ ସମ୍ପନ୍ନ ଅଲ୍ ଓଡ଼ିଶା ଷ୍ଟେଟ୍ ମିନି (ନବ ବର୍ଷରୁ କମ୍ ଏବଂ ଏକାଦଶ ବର୍ଷରୁ କମ୍) ଏବଂ ସବ୍ ଜୁନିଅର (ତେର ବର୍ଷରୁ କମ୍) ରାଙ୍କିଂ ଟୁର୍ଣ୍ଣାମେଣ୍ଟରେ ଏହା ହାସଲ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ସମ୍ବଲପୁର ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଏବଂ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ ସହିତ ମିଳିତ ଭାବରେ ଭିଏସଏସ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ସମସ୍ତ ଜିଲ୍ଲାରୁ କେବଳ ନଅ, ଏଗାର ଏବଂ ତେର ବର୍ଷରୁ କମ୍ ବୟସର ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି। ଅନ୍ତିମ ମ୍ୟାଚରେ ବେଦାଂଶ ଏବଂ ତାଙ୍କ ସାଥୀ ସମରଥ ପାଢି ସମ୍ବଲପୁର ଯୋଡି ଅନଓ୍ୱେଶ ଏବଂ ଭିହାନଙ୍କୁ ସିଧାସଳଖ ସେଟରେ ହରାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଚିବ ନିଲୀନ କୁମାର, ଯୁଗ୍ମ ସମ୍ପାଦକ ଜୟପ୍ରକାଶ ସିଂହ ଏବଂ ଶୈଳେନ୍ଦ୍ର ଚୌଧୁରୀ, ବରଗଡ଼ ଜିଲ୍ଲା ବ୍ୟାଡମିଣ୍ଟନ ସମ୍ପାଦକ ସୁବମ ଅଗ୍ରୱାଲ, ଅମ୍ପାୟାର କର୍ଡନେଟର ଲକ୍ଷ୍ୟ ପତି ନାଣ୍ଡୋ ଏବଂ ମୁଖ୍ୟ ରେଫରି ସମିର ସାହୁ ଉପସ୍ଥିତ ଥିଲେ ଏବଂ ସମସ୍ତ ଇଭେଣ୍ଟର ସମସ୍ତ ଫାଇନାଲିଷ୍ଟଙ୍କୁ ଟ୍ରଫି, ଉପହାର, ପୁରସ୍କାର ଟଙ୍କା ଏବଂ ପ୍ରମାଣପତ୍ର ବଣ୍ଟନ କରିଥିଲେ।

## ୨୦ତମ ଗଜାନନ ପୂଜା ପାଳିବ 'ଦ ସାଇନିଙ୍ଗ ପର୍ଲ୍ସ' କ୍ଲବ୍




**ବାଲେଶ୍ୱର, ୧୬।୪ (ସମିସ):** ଚଳିତ ବର୍ଷ କନଭେଣ୍ଟ ସ୍କୁଲ୍ ଲେନ୍ ଇଲେକ୍ଟ୍ରି ଅଫିସ୍ ନିକଟରେ ଥିବା ଦ ସାଇନିଙ୍ଗ ପର୍ଲ୍ସ କ୍ଲବ୍ ୨୦ ତମ ବର୍ଷର ଶ୍ରୀ ଗଜାନନଙ୍କ ପୂଜା ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ କ୍ଲବ୍ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହେଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଉଦ୍ୟୋଗପତି ତଥା ଓଡ଼ିନେଟ୍ ର ଚେୟାରମ୍ୟାନ ଦେବଜ୍ୟୋତି ଦାସ ମହାପାତ୍ର ଏବଂ ତାଙ୍କ ଧର୍ମପତ୍ନୀ ବନମାଳା ଦାସ ମହାପାତ୍ର ଯୋଗଦେଇ ଅନୁଷ୍ଠାନର ସଦସ୍ୟ ମାନଙ୍କୁ ପ୍ରଶାସନର ନୀତି ନିୟମ ଅନୁଯାୟୀ ଶାନ୍ତି ଶୃଙ୍ଖଳା ରକ୍ଷା କରି ପୂଜା କରିବା ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଉପ ସଭାପତି ଅଭିଷେକ ପ୍ରମାଣିକ ମଞ୍ଚ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଜ୍ୟୋତି ପ୍ରକାଶ ଦାଶ, ବରିଷ୍ଠ ସଦସ୍ୟ ପ୍ରଶାନ୍ତ କୁମାର ଆଶ୍, ପ୍ରଦୀପ କୁମାର ସାହୁ, ସ୍ୱରୂପ ଶତପଥୀ, ଇନ୍ଦ୍ରଜିତ ଲେଙ୍କା, ଶୁଭ୍ରଜ୍ୟୋତି ଗିରି, ଅମିତ୍ କୁମାର ଦେ, ମୋହିତ ଖଣ୍ଡେଲୱାଲ୍ ପ୍ରମୁଖ ଯୋଗ ଦେଇ ଥିଲେ। ଅନୁଷ୍ଠାନ ସଭାପତି ହିମାଂଶୁ ଶେଖର କର ଧନ୍ୟବାଦ ଅର୍ପଣ କରିଥିଲେ।

## ଇଏନ୍‌ଟି ବିଭାଗ ପକ୍ଷରୁ ଦୁଇଦିନିଆ କର୍ମଶାଳା



**ବାଲେଶ୍ୱର, ୧୬।୪ (ସମିସ):** ଫକୀରମୋହନ ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲ୍‌ର ଇଏନଟି ବିଭାଗ ପକ୍ଷରୁ ଦୁଇଦିନିଆ 'ଟେମ୍ପୋରାଲ୍ ବୋନ୍ ଡିସେକ୍ସନ୍ (ଟିବିଡି)' ଏବଂ 'ଫଙ୍କସନାଲ୍ ଏଣ୍ଡୋସ୍କୋପିକ୍ ସାଇନସ୍ ସର୍ଜେରି (ଏଫ୍ ଇ ଏସ୍ ଏସ୍)' ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳାକୁ କଲେଜ୍‌ର ଡିନ୍ ଓ ପ୍ରିନ୍ସିପାଲ୍ ପ୍ରଫେସର ଡା. ଜୈନେନ୍ଦ୍ରନାଥ ବେହେରା ଉଦ୍‌ଘାଟନ କରିଥିଲେ। ଏହି କର୍ମଶାଳାରେ ପ୍ରାୟ ୮୦ ଜଣ ପ୍ରତିନିଧି, ଯେଉଁଥିରେ ପୋଷ୍ଟଗ୍ରାଜୁଏଟ୍ ଛାତ୍ରଛାତ୍ରୀ, ଜୁନିଅର କନସଲଟାଣ୍ଟ ଓ ଡିସେକ୍ଟରମାନେ ଅଂଶଗ୍ରହଣ କରିଥିଲେ। ହାଇଦ୍ରାବାଦର ଖ୍ୟାତନାମା ସିନିଅର କନସଲଟାଣ୍ଟ ଡା. ଅଦ୍ଧାରୁ ସତ୍ୟ କିରଣ ଓ ଡା. ଶକୁନ୍ତଳା ଘୋଷ ଏହି କର୍ମଶାଳାକୁ ଗୌରବାନ୍ୱିତ କରିଥିଲେ। ଟେମ୍ପୋରାଲ୍ ବୋନ୍ ଡିସେକ୍ସନ୍‌କୁ ଡା. ସତ୍ୟ କିରଣ ନିକଟତମ ଭାବରେ ପ୍ରଦର୍ଶନ କରିଥିଲେ। ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ଅନୁଭବୀ ଡାକ୍ତରମାନଙ୍କ ନିୟନ୍ତ୍ରଣରେ ଓନ୍-ଟେବଲ୍ ହାଣ୍ଡସ୍-ଅନ୍ ଟ୍ରେନିଂ ଏହି ୱାର୍କସପ୍‌ର ଏକ ବିଶେଷ ଆକର୍ଷଣ ଥିଲା। ବିଭାଗର ମୁଖ୍ୟ ପ୍ରଫେସର ଡା. ଅନିଲ କୁମାର ଦାଶଙ୍କ ସହଯୋଗରେ ଆସୋସିଏଟ୍ ପ୍ରଫେସର ଡା. ନୀଳମାଧବ ପୃଷ୍ଟି ଓ ଆସିଷ୍ଟାଣ୍ଟ ପ୍ରଫେସର ଡା. ମାନସ ରଞ୍ଜନ ଶତପଥୀ ବିଭାଗର ଚିକିତ୍ସା ସେବା ଆଗକୁ ନେଇଯାଉଛନ୍ତି।

## ରାଇବଣିଆ ଦୁର୍ଗର ଅଧିଷ୍ଠାତ୍ରୀ ଦେବୀ ଗଡ଼ଚଣ୍ଡୀଙ୍କ ପୂଜାର୍ଚ୍ଚନା

**ଜଳେଶ୍ୱର ବ୍ଲକ, ୧୬।୪ (ସମିସ):** ଉତ୍ତର ଓଡ଼ିଶା ପ୍ରସିଦ୍ଧ ରାଇବଣିଆ ଦୁର୍ଗର ଅଧିଷ୍ଠାତ୍ରୀ ଦେବୀ ମା ଗଡ଼ଚଣ୍ଡୀଙ୍କ ପୂଜା ଅର୍ଚ୍ଚନା ଓ ମହାବିଷୁବ ସଂକ୍ରାନ୍ତି ପରଦିନ ଠାରୁ ଆରମ୍ଭ ହୋଇ ତିନି ଦିନ ଧରି ଏହି ପୂଜା ଅର୍ଚ୍ଚନା ହୋଇଥାଏ। ଏହି ମେଳାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଏକ କମିଟି ଗଠନ କରାଯାଇଛି। କମିଟିର ସଦସ୍ୟ ରବୀନ୍ଦ୍ର ମହାପାତ୍ର, ବିଶ୍ୱଜିତ୍ ପରିଡ଼ା, ସୁବର୍ଣ୍ଣ ଦାସ, ସୂର୍ଯ୍ୟ ପଟ୍ଟନାୟକ, ରବୀନ୍ଦ୍ର ଦତ୍ତ, କେଦାର କାମିଲା, ବିଶ୍ୱଜିତ୍ ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର, ଚନ୍ଦ୍ରକାନ୍ତ ମହାନ୍ତି, ଆଲୋକ ପାତ୍ର, କାହ୍ନୁ ପଟ୍ଟନାୟକ, ସଞ୍ଜୟ ଜେନା, ଆଶିଷ ଘୋଷ, ପ୍ରଫୁଲ୍ଲ କୁମାର ସ୍ୱର ପ୍ରମୁଖ ସକ୍ରୀୟ ସଦସ୍ୟ ସହଯୋଗ ଗ୍ରହଣ କରିଥାନ୍ତି।

## କୁଳିଗଡ଼ି ଗ୍ରାମରେ ଦୁଇ ମନ୍ଦିରରୁ ଚୋରି

**ନୀଳଗିରି, ୧୬।୪ (ସମିସ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ କୁଳିଗଡ଼ି ଗ୍ରାମ ସମେତ ଅଞ୍ଚଳରେ ଚୋରି, ରାହାଜାନୀ, ଡକାୟତି ଭଳି ଘଟଣା ବଢ଼ିଚାଲିଛି। ବୁଧବାର ବିଳମ୍ବିତ ରାତିରେ ଗ୍ରାମରେ ଥିବା ଶନିମନ୍ଦିର, ହନୁମାନମନ୍ଦିରରୁ ଠାକୁରଙ୍କର ଅଳଙ୍କାର, ଦାନବାକ୍ସର ଟଙ୍କା ସହିତ ଉକ୍ତଗ୍ରାମରେ ବନମାଳୀ ମହାନ୍ତି ଓ ଶମ୍ଭୁନାଥ ମହାନ୍ତିଙ୍କର ଦୁଇଟି ସାଇକେଲ ଚୋରିହୋଇଛି ବୋଲି ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ତଥ୍ୟ ଅନୁଯାଇ, ଗ୍ରାମପାର୍ଶ୍ୱ କେନାଲରେ ସନ୍ଧ୍ୟାହେଲେ ମଦୁଆ, ଡ୍ରଗସ ମାଫିଆ ଙ୍କର ଆଡସ୍ଥଳୀ ପାଲଟିଛି। ସ୍ଥାନୀୟ ଈଶ୍ୱରପୁର ଫାଣ୍ଡିରେ ତିନିମାସରୁ ଉର୍ଦ୍ଧ୍ୱ ସମୟ ହୋଇଗଲାଣି ଅଧିକାରୀ ନାହାଁନ୍ତି। ଫଳରେ ଅଞ୍ଚଳରେ ପାଟ୍ରୋଲିଂ ହେଉନାହିଁ। ତେଣୁ କ୍ରମାଗତ ଭାବେ ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇ ଚାଲିଛି। ଜିଲ୍ଲା ଆରକ୍ଷୀଅଧିକ୍ଷକ ତୁରନ୍ତ ଉକ୍ତ ଅଞ୍ଚଳରେ ଶାନ୍ତିର ବାତାବରଣ ପାଇଁ ଈଶ୍ୱରପୁର ଫାଣ୍ଡିରେ ଜଣେ ଅଧିକାରୀଙ୍କୁ ନିଯୁକ୍ତି କରିବା ସହ ଉକ୍ତ ଅଞ୍ଚଳରେ ଚୋରି ଡକାୟତିରୁ ରୋକିବାକୁ ହେଲେ ଦିବାରାତ୍ର ପାଟ୍ରୋଲିଂ କରିବାସହ ମନ୍ଦିରଗୁଡ଼ିକରେ ଚୋରି ହୋଇଥିବା ଲକ୍ଷାଧିକ ଟଙ୍କା, ଅଳଙ୍କାର ଓ ଦୁଇଟି ସାଇକେଲ ଉଦ୍ଧାରକରି ଦୋଷୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ସାଧାରଣରେ ଦାବିହୋଇଛି।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

**ସୋର, ୧୬।୪ (ସମିସ):** ଅନନ୍ତପୁର ଥାନା ଅଞ୍ଚଳରେ ଏକ ନାବାଳିକାକୁ ଦୁଷ୍କର୍ମ କରାଯାଇଥିବା ନେଇ ଅନନ୍ତପୁର ଥାନାରେ ଅଭିଯୋଗ ହୋଇଛି। ଗତକାଲି ରାତିରେ ପ୍ରବଚନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ନାବାଳିକାକୁ ଏକୁଟିଆ ପାଇ ଜଣେ ଯୁବକ ଦୁଷ୍କର୍ମ କରିଥିଲେ। ଏ ବାବଦରେ ନାବାଳିକା ଜଣଙ୍କ ଘରେ ପହଞ୍ଚି ତାଙ୍କ ମାଆଙ୍କୁ ଜଣାଇବା ପରେ ତାଙ୍କ ମାଆ ଆଜି ସକାଳେ ଅନନ୍ତପୁର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତ ଜଣଙ୍କ ଫେରାର ଥିବା ଜଣାପଡ଼ିଛି।

## ବାଇକ ଚୋରି ଅଭିଯୋଗ

**ସୋର, ୧୬।୪ (ସମିସ):** ଅନନ୍ତପୁର ଥସନା ବାଳଙ୍ଗ ଗ୍ରାମ ପଞ୍ଚାୟତ ସିମୁଳିଆ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଏକ ବାଇକ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ଗ୍ରାମର ନିତ୍ୟାନନ୍ଦ ବାରିକ ଗତକାଲି ରାତିରେ ନିଜର ବାଇକଟିକୁ ନିଜ ଘର ପିଣ୍ଡାରେ ରଖି ଖାଇ ପିଇ ଶୋଇଥିଲେ। କିନ୍ତୁ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ଗେଟ ତାଲା ଭାଙ୍ଗି ଭିତରେ ପଶି ବାଇକ ଟିକୁ ଚୋରି କରି ନେଇଥିଲେ। ଆଜି ସକାଳେ ନିତ୍ୟାନନ୍ଦ ଏ ବାବଦରେ ଜାଣିବା ପରେ ଅନନ୍ତପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ୬ ଦିନ ଧରି ଚାଲିବ ସାରଡାଙ୍ଗ ହରିହାଟ ଉତ୍ସବ

**ବାଲେଶ୍ୱର, ୧୬।୪(ସମିସ):** ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପାଳନ ହେବାକୁ ଯାଉଛି ସାରଡାଙ୍ଗ ହରିହାଟ ଉତ୍ସବ ତଥା ଭାଗବତ ପାରାୟଣ ୨୦ ତାରିଖ ଅକ୍ଷୟ ତୃତୀୟାରେ କଳସ ଶୋଭାଯାତ୍ରା ମାଧ୍ୟମରେ ଆରମ୍ଭ ହେବ। ୨୧, ୨୨ ଓ ୨୩ ତାରିଖରେ ପ୍ରଥମ ଥର ଶ୍ରୀ ଜଗନ୍ନାଥ ସେବା ସଂଗଠନ ଦ୍ୱାରା ପ୍ରତିଭା ପ୍ରଦର୍ଶନ ଓ ପ୍ରତିଯୋଗିତା ମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ 'ଅନ୍ୱେଷଣ' ହେବାକୁ ଯାଉଛି। ସାରଡାଙ୍ଗ ହରିହାଟ କମିଟିର ସଭାପତି ତଥା ଶ୍ରୀ ଜଗନ୍ନାଥ ସେବା ସଂଗଠନର ମୁଖ୍ୟ ପରିଚାଳକ ଅନିରୁଦ୍ଧ ପଣ୍ଡା କହିଛନ୍ତି ଯେ ଦୀର୍ଘ ୨୩୧ ବର୍ଷର ଅନୁଷ୍ଠାନ ଯାହାକି ସାରଡାଙ୍ଗ, ନାଖପଦା, ମିର୍ଜାପୁର, ନାୟକସାହି, ଦାସସାହି, କୁଣ୍ଡସାହି, ଖରାଖିଆ, ସେଠିସାହି, ଘଡେଇସାହି ଓ ପତିସାହି ଭଳି ପାଖାପାଖି ୧୦ ର ଉର୍ଦ୍ଧ୍ୱ ଗାଁ କୁ ନେଇ ପରିଚାଳିତ ହୋଇଆସୁଛି। ହରିହାଟ ଉତ୍ସବ କୁ ସଭାପତି ଶ୍ରୀ ପଣ୍ଡା ଙ୍କ ସମେତ ସମ୍ପାଦକ ଜ୍ୟୋତିପ୍ରକାଶ କର, କୋଷାଧ୍ୟକ୍ଷ ନିରଞ୍ଜନ ସେଠୀ, ସଦସ୍ୟ କହେଁଇ ଜେନା, ଭାସ୍କର ଘଡେଇ, ପୁରସ୍ତମ ପତି, ଜୟକୃଷ୍ଣ ପତି, ନବକିଶୋର ପାତ୍ର, ଶୁକ ଜେନା, ବସନ୍ତ ଦାସ, ଗଙ୍ଗା ସେଠୀ, ଦିଲ୍ଲୀପ କର, ଅକ୍ଷୟ ଜେନା, ସରୋଜ ବେହେରା, ସୀତାକାନ୍ତ ପତି ଓ ଉପଦେଷ୍ଟା ଭାବେ ନାରାୟଣ ପଣ୍ଡା, ମନୋରଞ୍ଜନ ପଣ୍ଡା, ଛାୟାକାନ୍ତ ମହାନ୍ତି, ବୈକୁଣ୍ଠ ସେଠୀ, ଛୁଟି ମିଶ୍ର ଓ କାଁହୁଆ ଦାସ ପ୍ରମୁଖ ସହଯୋଗ କରୁଛନ୍ତି।

## ମଣ୍ଡଳ କମିଟି ଗଠନକୁ ନେଇ ବିଜେପି ସଭାପତିଙ୍କ ଅସନ୍ତୋଷ

**ଖଇରା, ୧୬।୪ (ସମିସ):** ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଇରା ବ୍ଲକରେ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା ୧୩ତାରିଖ ଦିନ ୪ମଣ୍ଡଳ ର ଯୁବ, ମହିଳା, ଅନୁସୂଚିତ ଜାତି, ଜନଜାତି, ଓବିସି ଓ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ତଥା ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ନାମ ମନୋନୀତ କରାଯାଇଛି। ଏଭଳି ଘୋଷଣା ବା ମନୋନୟନ ପ୍ରକ୍ରିୟାକୁ ବିଜେପି ଜିଲା ସଭାପତି ଈଶ୍ୱର ବେହେରା ନାପସନ୍ଦ କରିଛନ୍ତି। ସଙ୍ଗଠନ ଭିତରେ କର୍ମକର୍ତ୍ତା ମନୋନୟନ ଅଧିକାର କେବଳ ସଭାପତିଙ୍କର ରହିଛି। ହେଲେ ଜଣେ ଲୋକପ୍ରତିନିଧି ଜିଲା କିମ୍ବା ମଣ୍ଡଳ ସଭାପତିଙ୍କ ବିନା ପରାମର୍ଶରେ କାର୍ଯ୍ୟକର୍ତ୍ତାଙ୍କ ନାମ ମନୋନୟନରେ କୌଣସୀ ବୈଧତା ନାହିଁ ବୋଲି ସଭାପତି ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏହା ପୂର୍ବରୁ କିଛି ମାସ ତଳେ ମଧ୍ୟ ଖଇରା ବ୍ଲକର ୪ନମ୍ବର ଓ ୬ନମ୍ବର ଜୋନରେ ମଣ୍ଡଳ ସଭାପତିଙ୍କ ନାମ ଘୋଷଣାକୁ ନେଇ ତତ୍କାଳୀନ ଜିଲା ସଭାପତି ଉମାକାନ୍ତ ମହାପାତ୍ର ଅସନ୍ତୋଷ ଜାହିର କରିଥିଲେ।

● ସିବିଏସଇ ଦଶମ ପରୀକ୍ଷା

## ମଡର୍ଣ୍ଣ ପବ୍ଲିକ ସ୍କୁଲରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ବାଲେଶ୍ୱର, ୧୬।୪(ସମିସ):** ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ମଡର୍ଣ୍ଣ ପବ୍ଲିକ ସ୍କୁଲରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟର ୭୮ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଗୌରବ ଅର୍ଜନ କରିଛନ୍ତି। ଛାତ୍ରୀ ନମିତା ପ୍ରିୟଦର୍ଶିନୀ ଦାସ ସର୍ବାଧିକ ୯୯.୪୦ ପ୍ରତିଶତ ନମ୍ବର ରଖି ଉତ୍ତର ଓଡ଼ିଶା ଟପ୍ପର ହୋଇଛନ୍ତି। ତେଜସ୍ କୁମାର ପାତ୍ର ୯୯ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଏବଂ ହାର୍ଦ୍ଦିକ ଦାଶ ୯୮.୬୦ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ବିଦ୍ୟାଳୟର ଉପାଧ୍ୟକ୍ଷ ରବୀନ୍ଦ୍ର ନାଥ ମହାନ୍ତି ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତି ସାଧାରଣ ସମ୍ପାଦକ ଶଶୀଭୂଷଣ ମିଶ୍ର ଏବଂ ଯୁଗ୍ମ ଚେୟାରମ୍ୟାନ ସଞ୍ଜୟ ଦାସ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟତମ ଉପାଧ୍ୟକ୍ଷ ରଞ୍ଜନ କୁମାର ନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷାଦାନ ପଦ୍ଧତି ଓ ଛାତ୍ରଛାତ୍ରୀମାନଙ୍କ ନିରନ୍ତର ଉଦ୍ୟମ ଫଳରେ ଏହି ସଫଳତା ହାସଲ ହୋଇପାରିଛି ବୋଲି ଶିକ୍ଷକ ଶିକ୍ଷୟିତ୍ରୀ ପ୍ରକାଶ କରିଛନ୍ତି। ଶିକ୍ଷକ ସଞ୍ଜୀବ ମହାନ୍ତି ସମ୍ବର୍ଦ୍ଧନା ଉତ୍ସବ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ପଲ୍ଲବୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଧିତପୁରା ପାଲଟିଛି ବାଲି ଚାଲାଣର ପେଣ୍ଠସ୍ଥଳୀ

ରାଜଘାଟ, ୧୬।୪ (ସମିସ)



● ୩୦ ପରିବାର ଜୀବନ ଲାଗିଛି ବାଜିରେ

● ନଦୀରେ ବିଲୀନ ହେବ ୬୦ ଲକ୍ଷ ଟଙ୍କାର ବସୁଧା ଟାଙ୍କି

ବସ୍ତା ଥାନା ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ଧିତପୁରା ହନୁମାନ ମନ୍ଦିର ନିକଟରୁ ମାଫିଆ ମାନେ ଦୀର୍ଘଦିନ ହେବ ସୁବର୍ଣରେଖା ନଦୀରୁ ଚୁରା ବାଲି ଚାଲାଣ କରିଆସୁଛନ୍ତି, ଫଳରେ ନଦୀର ଗତିପଥ ବଦଳିବା ସହ ନଦୀକୂଳ ଖାଇଯାଉଛି ଯାହା ଦ୍ୱାରା ସନ୍ତୋଷପୁର ପଞ୍ଚାୟତ ର ଧିତପୁରା, ଓଡ଼ିଆପଡ଼ା, ତେଘରି ଗ୍ରାମର ପାଖା ପାଖି ୩୦ ପରିବାର ବିପଦ ସଂକୁଳ ଅବସ୍ଥାରେ ରହୁଛନ୍ତି, ଏଭଳି ବେଆଇନ ବାଲି ଖନନ ଚାଲିଲେ ଖୁବ ଶୀଘ୍ର ଏ ସମସ୍ତ ଘର ନଦୀରେ ବିଲୀନ ହୋଇଯିବ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ମାଫିଆ ମାନେ ଦିନରାତି ବେଆଇନ ବାଲି ଉତ୍ତୋଳନ କରୁଛନ୍ତି ଫଳରେ ନଦୀ କୁଳ ୫୦ ଫୁଟରୁ ଅଧିକ ଗଭୀର ହୋଇଗଲାଣି, କୂଳ ଖାଇ ଗାଁ ଆଡକୁ ମାଡି ଆସୁଛି, ଯେକୌଣସି ମୁହୂର୍ତ୍ତରେ ନଦୀ କୂଳରେ ଥିବା ସରକାରଙ୍କ ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ୬୦ ଲକ୍ଷ ଟଙ୍କାର ପାଣି ଟାଙ୍କି ନଦୀରେ ବିଲୀନ ହୋଇଯିବ ଫଳରେ ୧୩୫ ପରିବାର ର ୮୦୦ ଜନସଂଖ୍ୟା ବିଶିଷ୍ଟ ତେଘରି ଗ୍ରାମର ଲୋକେ ପାଣି ପାଇଁ ଘୋର ସମସ୍ୟାରେ ପଡ଼ିବେ ବୋଲି ଅନୁମାନ କରାଯାଉଛି। ସେହିପରି ରାମଚନ୍ଦ୍ରପୁରରୁ କାଦରାୟାଁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଏବେ ନଦୀ ଗର୍ଭ ମୁହାଁ ଫଳରେ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଯାତାୟତ କରୁଛନ୍ତି ଏହି ରାସ୍ତାଟି ନଦୀ ଗର୍ଭକୁ ଗଲେ ସନ୍ତୋଷପୁର ଓ କାଦରାୟାଁ ପଞ୍ଚାୟତର ପାଖା ପାଖି ୧୦ ହଜାର ରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହେବେ। ଏ ବାବଦରେ ଲୋକେ ଜିଲ୍ଲା ଖଣିଅଧିକାରୀ, ବସ୍ତା ଏସଡିପିଓ, ବସ୍ତା ଥାନା ଅଧିକାରୀ, ବସ୍ତା ଜୁନିଅର ଖଣି ଅଧିକାରୀଙ୍କୁ ଜଣାଇ ଆସୁଥିଲେ ହେଁ ସମସ୍ୟାର କୌଣସି ସମାଧାନ ହେଉ ନାହିଁ, ଫଳରେ ସ୍ଥାନୀୟ ଲୋକ ବାଲେଶ୍ୱର ଜିଲ୍ଲପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସହ ଜିଲ୍ଲା ଖଣି ଉପ ନିର୍ଦ୍ଦେଶକ ଧ୍ୟାନ ଦେବାକୁ ଦାବି କରିଛନ୍ତି। ବାଲି ଚାଲାଣ ଯୋଗୁଁ ଗ୍ରାମ୍ୟ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି, ରାତି ହେଲେ ବାଲି ମାଫିଆଙ୍କ ଉତ୍ପାତ ବଢ଼ିଯାଉଛି ଫଳରେ ଗ୍ରାମବାସୀ ଶାନ୍ତିରେ ଶୋଇପାରୁନାହାନ୍ତି, ସ୍କୁଲ ପିଲା ଓ ବୟସ୍କ ଲୋକ ଧୂଳି ଓ ଶବ୍ଦ ପ୍ରଦୂଷଣରେ ଅତିଷ୍ଠ ହୋଇପଡୁଛନ୍ତି ବୋଲି କହିଛନ୍ତି ସନ୍ତୋଷପୁର ବିଜେଡି ପଞ୍ଚାୟତ ସଭାପତି ସନ୍ତୋଷ କୁମାର ଦାସ ମହାପାତ୍ର। ଚୋରା ବାଲି ଉତ୍ତୋଳନ ବହୁଳ ଭାବରେ ଚାଲିଛି, ପୁଲିସ ପ୍ରଶାସନ ଓ ଖଣିବିଭାଗ ଏଥି ପ୍ରତି ଦୃଷ୍ଟି ଦେଲେ କିଛିମାତ୍ରାରେ ରୋକାଯାଇ ପାରନ୍ତା ବୋଲି ସରପଞ୍ଚ ସଂଗ୍ରାମ କୁମାର ଦାସ ମହାପାତ୍ର କହିଛନ୍ତି। ବସ୍ତା ତହସିଲଦାର ସୁଶାନ୍ତ ପଟ୍ଟନାୟକଙ୍କୁ ପଚାରିବାରୁ କହିଲେ ମୁଁ ଏ ବିଷୟରେ ଅବଗତ ନାହିଁ, ଏବେ ଜାଣିଲି ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-289 ♦FRIDAY ♦17 APRIL 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୨୮୯ ♦ଶୁକ୍ରବାର ♦୧୭ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଜଳୁଛି ପଶ୍ଚିମ

### ତାତି ଟପିଲା ୪୩ ଡିଗ୍ରୀ

ଟିଟିଲାଗଡ଼ରେ ତାପମାତ୍ରା ୪୩. ୭ ଡିଗ୍ରୀ

୪୦ ଡିଗ୍ରୀ ଉପରେ ୧୪ ସହର ତାପମାତ୍ରା

୨୨ ତାରିଖ ଯାଏଁ ଭୀଷଣ ତାତି ଓ ଗୁଳୁଗୁଳି

■ ଭୁବନେଶ୍ୱର, ୧୬।୪ (ସମିସ): ରାଜ୍ୟରେ ବଢ଼ିଚାଲିଛି ତାତି। ଦୁଇ ଦିନ ମଧ୍ୟରେ ତାପମାତ୍ରା ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଗୁରୁବାର ଟିଟିଲାଗଡ଼ରେ ତାପମାତ୍ରା ୪୩.୭ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଏହା ରାଜ୍ୟର ସବୁଠୁ ଉତ୍ତପ୍ତ ଓ ଦେଶର ଷଷ୍ଠ ଉତ୍ତପ୍ତ ସହର ପାଲଟିଛି। ଟିଟିଲାଗଡ଼ ତଳକୁ ଝାରସୁଗୁଡ଼ାରେ ତାପମାତ୍ରା ୪୩.୬ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ସମ୍ବଲପୁରରେ ୪୨.୨, ହୀରାକୁଦରେ ୪୨.୨, ଭବାନୀପାଟଣାରେ ୪୨.୨, ବଲାଙ୍ଗିରରେ ୪୨.୨, ରାଉରକେଲାରେ ୪୧.୬, ସୁନ୍ଦରଗଡ଼ ୪୧.୫, ଓ ନୂଆପଡ଼ାରେ ୪୧ ଡିଗ୍ରୀ ସହ ମୋଟ୍ ୧୪ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ରାଜ୍ୟରେ ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରା ଆହୁରି ୨-୩ ଡିଗ୍ରୀ ବଢ଼ିବା ନେଇ ଆଶଙ୍କା କରାଯାଉଛି ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୪୫ ଡିଗ୍ରୀ ଛୁଇଁବା ଆଶଙ୍କା କରାଯାଉଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ୭ ଦିନିଆ ବୁଲେଟିନ୍‌ରେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଭୀଷଣ ତାତି ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେବା ନେଇ ପୂର୍ବାନୁମାନ କରାଯାଇଛି।



## ଆସିଲା ମହିଳା ସଂରକ୍ଷଣ ଓ ସୀମା ପୁନଃନିର୍ଦ୍ଧାରଣ (ସମ୍ବିଧାନ ସଂଶୋଧନ) ବିଲ୍

# ସଂସଦରେ ସରକାର-ବିରୋଧୀ ମୁହାଁମୁହିଁ



- ସୀମା ପୁନଃନିର୍ଦ୍ଧାରଣ ଏବେ କରାନଯାଉ: ବିରୋଧୀ
- କୌଣସି ରାଜ୍ୟ ପ୍ରତି ଅନ୍ୟାୟ ହେବନାହିଁ: ସରକାର
- ମହିଳା ସଂରକ୍ଷଣକୁ ନେଇ ରାଜନୀତି କରା ନ ଯାଉ
- ଆଜି ମତଦାନ, ସଂଶୋଧନ ପାଇଁ ଅଙ୍କକଷା ଆରମ୍ଭ

■ ନୂଆଦିଲ୍ଲୀ, ୧୬।୪ (ଏଜେନ୍ସି): ବିରୋଧୀ ଦଳଙ୍କ ପ୍ରତିବାଦ ମଧ୍ୟରେ କେନ୍ଦ୍ର ସରକାର ଆଜି ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିଛନ୍ତି। ମହିଳା ସଂରକ୍ଷଣ ଏବଂ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ସଂକ୍ରାନ୍ତ ଏହି ବିଲକୁ ନେଇ ଆଜି ସଂସଦରେ ମୁହାଁମୁହିଁ ହୋଇଛନ୍ତି ସରକାର ଏବଂ ବିରୋଧୀ। ମହିଳା ଆସନ ସଂରକ୍ଷଣ ବିଲକୁ ସୀମା ପୁନଃନିର୍ଦ୍ଧାରଣ ଠାରୁ ଅଲଗା କରିବା ପାଇଁ ବିରୋଧୀ ଦଳ ଦାବି କରିବା ସହିତ ଅଭିଯୋଗ କରିଛନ୍ତି ଯେ ମହିଳାଙ୍କ ନାମରେ ସରକାର କ୍ଷମତାସୀନ ଦଳକୁ ଫାଇଦା ପହଞ୍ଚାଇବା ଲାଗି ସୀମା ପୁନଃନିର୍ଦ୍ଧାରଣ ବିଲ୍ ଆଗତ କରିଛନ୍ତି। ବିରୋଧୀ କହିଛନ୍ତି ଯେ ସେମାନେ ମହିଳା ସଂରକ୍ଷଣ ବିଲକୁ ସମର୍ଥନ କରୁଛନ୍ତି। କିନ୍ତୁ ସୀମା ପୁନଃନିର୍ଦ୍ଧାରଣ ବିଲକୁ ସମର୍ଥନ କରିବେ ନାହିଁ। କାରଣ ଏହା ଯେ କେବଳ ଶାସକ ଦଳକୁ ଫାଇଦା ଦେବ ତାହା ନୁହେଁ, ଦକ୍ଷିଣ ଭାରତ ରାଜ୍ୟ ସମେତ ଅନେକ ଛୋଟ ଛୋଟ ରାଜ୍ୟମାନଙ୍କର ପ୍ରତିନିଧିତ୍ୱ କମିଯିବ। ଅନ୍ୟପକ୍ଷରେ ସରକାର ଏହି ଆଶଙ୍କା ଦୂର କରିବାକୁ ଯାଇ କହିଛନ୍ତି ଯେ କୌଣସି ରାଜ୍ୟର କ୍ଷତି ହେବନାହିଁ। ସମସ୍ତ ରାଜ୍ୟରେ ଲୋକସଭା ସଭ୍ୟସଂଖ୍ୟା ୫୦ ପ୍ରତିଶତ ବୃଦ୍ଧି ପାଇବ।

ସମ୍ବିଧାନ ସଂଶୋଧନ ବିଲ୍ ଆଗତ ହେବାପରେ ଏହା ଉପରେ ଆଜି ସଂସଦରେ ସରଗରମ ଆଲୋଚନା ଚାଲିଥିବା ବେଳେ ହସ୍ତକ୍ଷେପ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଲେ ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା କାହାର କ୍ଷତି ହେବନାହିଁ, ସରକାର ଗ୍ୟାରେଣ୍ଟି ଦେଉଛନ୍ତି। ଛୋଟ ରାଜ୍ୟ ହୁଅନ୍ତୁ କି ବଡ଼ ରାଜ୍ୟ କାହା ପ୍ରତି ଅନ୍ୟାୟ ହେବନାହିଁ। ମହିଳା ସଂରକ୍ଷଣ ବିଲକୁ ରାଜନୈତିକ ରୂପ ନଦେବା ଲାଗି ▸ପୃଷ୍ଠା-୭

## ସୀମା ନିର୍ଦ୍ଧାରଣ ବିଲ୍‌କୁ ପୋଡ଼ିଲେ ଷ୍ଟାଲିନ୍



■ ଚେନ୍ନାଇ, ୧୬।୪ (ଏଜେନ୍ସି): କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ବିଲ୍‌କୁ ବିରୋଧ କରି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଆଜି ଏକ ବଡ଼ ଧରଣର ପ୍ରତିବାଦ କରିଛନ୍ତି। କେନ୍ଦ୍ରର ଏହି ପଦକ୍ଷେପକୁ ଷ୍ଟାଲିନ୍ 'ସଂଘୀୟ ବ୍ୟବସ୍ଥା ଉପରେ ଆକ୍ରମଣ' ବୋଲି ଅଭିହିତ କରିବା ସହ ରାଜ୍ୟବ୍ୟାପୀ ଆନ୍ଦୋଳନର ଡାକରା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ସୀମା ନିର୍ଦ୍ଧାରଣ ସମ୍ପର୍କିତ 'ସମ୍ବିଧାନ (୧୩୧ତମ ସଂଶୋଧନ) ବିଲ୍, ▸ପୃଷ୍ଠା-୭

## ଭାରତକୁ ତେଲ ଝଟ୍‌କା

### ରୁଷ, ଇରାନରୁ ଆମଦାନୀ ଉପରୁ ଛାଡ଼ ହଟାଇଲା ଆମେରିକା




■ ୱାଶିଂଟନ/ନୂଆଦିଲ୍ଲୀ, ୧୬।୪ (ଏଜେନ୍ସି): ରୁଷ ଏବଂ ଇରାନରୁ ତୈଳ କ୍ରୟ ପାଇଁ ଦିଆଯାଇଥିବା ସାମୟିକ କୋହଳ ବ୍ୟବସ୍ଥା ଅବଧିକୁ ଆଉ ବଢ଼ାଇବ ନାହିଁ ଆମେରିକା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଘୋଷଣା କରିଛନ୍ତି। ଆମେରିକାର ଏହି କଡ଼ା ଆଭିମୁଖ୍ୟ ଯୋଗୁଁ ଭାରତ ସମେତ ଅନେକ ଆମଦାନୀକାରୀ ଦେଶ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି।

ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଣ୍ଟ୍ ସୂଚନା ଦେଇଛନ୍ତି ଯେ, ମାର୍ଚ୍ଚ ୧୧ ପୂର୍ବରୁ ସମୁଦ୍ର ମାର୍ଗରେ ଥିବା ତୈଳ କିଣିବା ଲାଗି ଯେଉଁ ଲାଇସେନ୍ସ ପ୍ରଦାନ କରାଯାଇଥିଲା, ତାର ଅବଧି ଶେଷ ହୋଇଛି। ଆମେରିକା ଏବେ ଇରାନ ଉପରେ ଅର୍ଥନୈତିକ କ୍ରୋଧ ନୀତି ଆପଣାଇବାକୁ ଯାଉଛି। ଯଦି କୌଣସି ଦେଶ ଇରାନରୁ ତୈଳ କ୍ରୟ କରେ କିମ୍ବା ଇରାନର ଅର୍ଥ ନିଜ ବ୍ୟାଙ୍କରେ ରଖେ, ତେବେ ଆମେରିକା ସେହି ଦେଶ ଉପରେ କଠୋର ଆର୍ଥିକ କଟକଣା ଜାରି କରିବ। ବିଶ୍ୱର ଅନ୍ୟତମ ବୃହତ୍ତମ ଅଶୋଧିତ ତୈଳ ଆମଦାନୀକାରୀ ଦେଶ ଭାବେ ଭାରତ ପାଇଁ ଏହା ଝଟକା ହୋଇଛି। ଦୀର୍ଘ ୭ ବର୍ଷ ପରେ ଗତ ▸ପୃଷ୍ଠା-୭

## ଦଳ, ମତ ନିର୍ବିଶେଷରେ ରାଜ୍ୟର ସମସ୍ତ ସାଂସଦଙ୍କୁ ଚିଠି

# ଓଡ଼ିଶାର ସ୍ୱାର୍ଥ ପାଇଁ ଏକାଠି ହେବା: ନବୀନ



- ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଦ୍ୱାରା କ୍ଷତିଗ୍ରସ୍ତ ହେବ ଓଡ଼ିଶା
- ଲୋକସଭାରେ ୩.୪ ପ୍ରତିଶତକୁ ହ୍ରାସ ପାଇବ ଓଡ଼ିଶାର ପ୍ରତିନିଧିତ୍ୱ
- ଆର୍ଥିକ ଭାବେ କ୍ଷତି ସହିବ ଓଡ଼ିଶା, ଉପକୃତ ହେବେ ଅନ୍ୟ ରାଜ୍ୟ
- ବିପୁଳ ରାଜସ୍ୱ ପ୍ରଦାନ ସତ୍ତ୍ୱେ ଓଡ଼ିଶାକୁ ମିଳୁନି ସ୍ୱତନ୍ତ୍ର ପାହ୍ୟା ମାନ୍ୟତା

■ ଭୁବନେଶ୍ୱର, ୧୬।୪ (ସମିସ): ସଂସଦରେ ଆଗତ ୧୩୧ ତମ ସମ୍ବିଧାନ ସଂଶୋଧନ ବିଲ୍‌କୁ ଦ୍ୱାରା ଓଡ଼ିଶା ବହୁଭାବରେ କ୍ଷତିଗ୍ରସ୍ତ ହେବ। ଜାତୀୟସ୍ତରରେ ଓଡ଼ିଶାର ରାଜନୈତିକ ପ୍ରତିନିଧିତ୍ୱ ହ୍ରାସ ପାଇବ। ରାଜ୍ୟକୁ ଅନୁଦାନ ଓ ପାଣ୍ଠି କମିବ। ତେଣୁ ରାଜ୍ୟର ଏକ ସହସ୍ରାଂଶ ସ୍ୱାର୍ଥହାନୀ ନ ହେବା ପରି ପଦକ୍ଷେପ ନେବା ଲାଗି ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖିଥିଲେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଏହି ପ୍ରସଙ୍ଗରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ୪୮ ଘଣ୍ଟା ମଧ୍ୟରେ ଡ଼ାକିବାକୁ ମଧ୍ୟ ଅନୁରୋଧ କରିଥିଲେ। ଆଜି ପୁଣି ନବୀନ ଏହି ପ୍ରସଙ୍ଗରେ ଦଳମତ ନିର୍ବିଶେଷରେ ରାଜ୍ୟର ସମସ୍ତ ସାଂସଦଙ୍କୁ ଚିଠି ଲେଖିଛନ୍ତି। ୧୩୧ତମ ସମ୍ବିଧାନ ସଂଶୋଧନ ବିଧେୟକରେ ଯେପରି ଓଡ଼ିଶାର ସ୍ୱାର୍ଥ, ସମ୍ମାନ ହାନି ନ ହେବ ସେଥିପାଇଁ ଯତ୍ନବାନ ହେବା, ଏହି ପ୍ରସଙ୍ଗରେ ସଂସଦ ଭିତରେ ଓ ବାହାରେ ଏକଜୁଟ୍ ହୋଇ ସ୍ୱର ଉତ୍ତୋଳନ ପାଇଁ ନବୀନ ରାଜ୍ୟର ସମସ୍ତ ସାଂସଦଙ୍କୁ ଚିଠି ଲେଖିଛନ୍ତି।

ପ୍ରସ୍ତାବିତ ସଂଶୋଧନ ରାଜନୈତିକ, ଭାବନାତ୍ମକ ଓ ସାଂସ୍କୃତିକ ତଥା ଆର୍ଥିକ ଭାବରେ ଓଡ଼ିଶାକୁ କ୍ଷତିଗ୍ରସ୍ତ କରିପାରେ ବୋଲି ଆଶଙ୍କା ବ୍ୟକ୍ତ କରି ନବୀନ ନିଜ ଚିଠିରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମହିଳା ସଂରକ୍ଷଣ ସହ ସୀମା ନିର୍ଦ୍ଧାରଣ ବା ଡିଲିମିଟେସନକୁ ଯୋଡ଼ିବା ଦ୍ୱାରା ଓଡ଼ିଶାର ରାଜନୈତିକ ସ୍ୱାର୍ଥ କ୍ଷତିଗ୍ରସ୍ତ ହୋଇପାରେ ବୋଲି ନବୀନ ସତର୍କ କରାଇଛନ୍ତି। ସଂସଦରେ ଆଗତ ୧୩୧ ତମ ସମ୍ବିଧାନ ସଂଶୋଧନ ବିଲ ଦ୍ୱାରା ଯଦି ଓଡ଼ିଶାର ପ୍ରତିନିଧିତ୍ୱ କୌଣସି ମତେ ପ୍ରଭାବିତ ନ ହୁଏ; ତେବେ ଏହି ସଂଶୋଧନକୁ ବିଜେଡ଼ି ସମର୍ଥନ କରିବ ବୋଲି ନବୀନ ସ୍ପଷ୍ଟ କରିଛନ୍ତି। ବିଜେଡି ସଭାପତି ଭାବରେ ନୁହେଁ; ବରଂ ଓଡ଼ିଶାର ଜଣେ ସାଧାରଣ ନାଗରିକ ଭାବରେ ରାଜ୍ୟର ଦୀର୍ଘକାଳୀନ ସ୍ୱାର୍ଥ, ମର୍ଯ୍ୟାଦା ଓ ସମାନ ପ୍ରତିନିଧିତ୍ୱକୁ ସୁରକ୍ଷିତ ରଖିବା ପାଇଁ ସେ ପ୍ରତିବଦ୍ଧ ବୋଲି ନବୀନ କହିଛନ୍ତି।

ଚିଠିରେ ନବୀନ କହିଛନ୍ତି ଯେ ମହିଳା ସଶକ୍ତିକରଣ ଏବଂ ସଂସଦ ତଥା ବିଧାନସଭାରେ ମହିଳାଙ୍କର ଅଧିକ ପ୍ରତିନିଧିତ୍ୱର ନୀତିକୁ ଆମେ ପୂର୍ଣ୍ଣ ହୃଦୟରେ ସମର୍ଥନ କରୁଛୁ। ସଂସଦ ଓ ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ ଆବଶ୍ୟକ ଅଟେ। ମୋ ▸ପୃଷ୍ଠା-୭

## ସୀମା ପୁନଃନିର୍ଦ୍ଧାରଣ; ଚାପରେ ସରକାର

■ ଭୁବନେଶ୍ୱର, ୧୬।୪ (ସମିସ): ସୀମା ପୁନଃ ନିର୍ଦ୍ଧାରଣ ଯୋଗୁଁ ଓଡ଼ିଶାର ରାଜନୈତିକ ପ୍ରତିନିଧିତ୍ୱ ହ୍ରାସ ଆଶଙ୍କା ଉପୁଜିଛି। ଓଡ଼ିଶା ଏହାଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଥିବାରୁ ବିରୋଧୀ ଦଳଗୁଡ଼ିକ ଏହାକୁ ନେଇ ତୀବ୍ର ଆପତ୍ତି ଉଠାଇବାରେ ଲାଗିଛନ୍ତି। ବୁଧବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୪୮ ଘଣ୍ଟା ମଧ୍ୟରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିବା ବେଳେ ଆଜି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସମାନ ଦାବି ଦୋହରାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ତୁରନ୍ତ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଶ୍ରୀ କାଡ଼ାମ୍ ଅନୁରୋଧ କରିଛନ୍ତି।

**ମୁଖ୍ୟମନ୍ତ୍ରୀ ତୁରନ୍ତ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକନ୍ତୁ: କାଡ଼ାମ୍**

ଶ୍ରୀ କାଡାମ କହିଛନ୍ତି ଯେ ଓଡ଼ିଶାର ରାଜନୈତିକ ଅଧିକାରରେ କୌଣସି ବୁଝାମଣା କରାଯିବ ନାହିଁ। ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଭୂମିକା ▸ପୃଷ୍ଠା-୭

## ୧୦ ବର୍ଷର ରେକର୍ଡ ଭାଙ୍ଗିଲା ଘରୋଇ ଋଣ

# ଋଣ ଜିଡିପିର ୬.୨%କୁ ବୃଦ୍ଧି

■ ନୂଆଦିଲ୍ଲୀ, ୧୬।୪ (ଏଜେନ୍ସି): ଧୀରେ ଧୀରେ ଋଣ ଯନ୍ତାରେ ଡୁବୁଛି ଭାରତ। ଏହି ଋଣ ଭାର ଏତେ ଯେ ଏହା ୧୦ ବର୍ଷର ରେକର୍ଡ ଭାଙ୍ଗିଛି। ଗତ ଏକ ଦଶନ୍ଧି ମଧ୍ୟରେ ଲୋକଙ୍କ ଆର୍ଥିକ ଅଭ୍ୟାସରେ ଦ୍ରୁତ ପରିବର୍ତ୍ତନ ହୋଇଛି। ଇଏମ୍‌ଆଇ, କ୍ରେଡିଟ୍ କାର୍ଡ ଏବଂ ହୋମ୍ ଲୋନ୍ ବର୍ତ୍ତମାନ ଲୋକଙ୍କ ଦୈନନ୍ଦୀନ ଜୀବନର ଏକ ଅଂଶ ପାଲଟିଯାଇଛି। ଜୀବନଶୈଳୀ ଏବଂ ସମ୍ପତ୍ତି ସୃଷ୍ଟି ପାଇଁ ଲୋକେ ବ୍ୟକ୍ତିଗତ/ପର୍ସନାଲ୍ ଋଣ କରିବାରେ ବ୍ୟସ୍ତ। ଅପରପକ୍ଷେ ଅଧିକ ମାତ୍ରାରେ କ୍ରେଡିଟ୍ କାର୍ଡ ବ୍ୟବହାର ମଧ୍ୟ ଏଥିପାଇଁ ଦାୟୀ। ଭାରତୀୟ ପରିବାରଗୁଡିକ ଉପରେ ଋଣ ଭାର ଏବେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୬.୨%କୁ ବୃଦ୍ଧି ପାଇଛି, ଯାହା ବିଗତ ଏକ ଦଶନ୍ଧିର ସର୍ବୋଚ୍ଚ ସ୍ତର ବୋଲି କୁହାଯାଉଛି। ଏମିତିକି କରୋନା ମହାମାରୀ ପରେ ଭାରତୀୟଙ୍କ ଆର୍ଥିକ ସଞ୍ଚୟରେ ତୀବ୍ର ହ୍ରାସ ଘଟିଛି।

**ଦଶନ୍ଧିରେ ସର୍ବୋଚ୍ଚ ସ୍ତର ଛୁଇଁଲା**

**ମହାମାରୀ ପରେ ଆର୍ଥିକ ସଞ୍ଚୟରେ ତୀବ୍ର ହ୍ରାସ**

କ୍ଲାଏଣ୍ଟ ଆସୋସିଏଟ୍ସର ହ୍ୱାଇଟ୍ ପେପର 'ଦି ନ୍ୟୁ ଇଣ୍ଡିଆନ୍ ହାଉସହୋଲ୍ଡ ବାଲାନ୍ସ ସିଟ୍ (୨୦୨୫) ରିପୋର୍ଟ ଅନୁଯାୟୀ, ଭାରତୀୟମାନଙ୍କର ଋଣ କରିବାର ଅଭ୍ୟାସ ସେମାନଙ୍କର ସଞ୍ଚୟଠାରୁ ବି ବଳିଯାଉଛି। ମହାମାରୀ ପରବର୍ତ୍ତୀ ସମୟରେ ପାରିବାରଗୁଡିକର ଋଣ ୪୪.୬% ▸ପୃଷ୍ଠା-୭






## 'ବିଶ୍ୱର ବୃହତ୍ତମ ଜଳ କ୍ରୀଡ଼ା' ପାଲଟିଲା ମରଣଯନ୍ତା

# 'ସୋଙ୍ଗକ୍ରାନ' ଉତ୍ସବର ୩ ଦିନରେ ୧୯୧ ମୃତ



■ ବ୍ୟାଙ୍କକ, ୧୬।୪ (ଏଜେନ୍ସି): ଥାଇଲ୍ୟାଣ୍ଡର ପାରମ୍ପରିକ ନବବର୍ଷ ଉତ୍ସବ 'ସୋଙ୍ଗକ୍ରାନ', ଯାହା ବିଶ୍ୱର ବୃହତ୍ତମ ଜଳ କ୍ରୀଡ଼ା (ୱାଟର ଫାଇଟ୍) ଭାବେ ଖ୍ୟାତି ଲାଭ କରିଛି, ଏଥର ଚଳିତ ବର୍ଷ ଏକ ରକ୍ତାକ୍ତ ରୂପ ନେଇଛି। ଉତ୍ସବର ପ୍ରଥମ ତିନି ଦିନ ମଧ୍ୟରେ ବିଭିନ୍ନ ସଡ଼କ ଦୁର୍ଘଟଣାରେ ଅତିକମ୍‌ରେ ୧୯୧ ଜଣ ପ୍ରାଣ ହରାଇଥିବା ବେଳେ ଶତାଧିକ ଆହତ ହୋଇଛନ୍ତି। 'ନ୍ୟୁୟର୍କ ପୋଷ୍ଟ' ରିପୋର୍ଟ ଅନୁଯାୟୀ, ଚଳିତ ଉତ୍ସବ ଅବସରରେ ସମୁଦାୟ ୯୫୧ଟି ସଡ଼କ ଦୁର୍ଘଟଣା ଘଟିଛି, ଯେଉଁଥିରେ ୯୧୧ ଜଣ ଗୁରୁତର ଆହତ ହୋଇଛନ୍ତି। ଉତ୍ସବର କେବଳ ପ୍ରଥମ ଦିନରେ ହିଁ ୫୧ ଜଣଙ୍କର ମୃତ୍ୟୁ ଘଟିଥିଲା। ଥାଇଲ୍ୟାଣ୍ଡରେ ଏହି ସମୟକୁ ସାଧାରଣତଃ 'ସାତୋଟି ବିପଜ୍ଜନକ ଦିନ' ଭାବେ କୁହାଯାଏ, କାରଣ ଏହି ସମୟରେ ଲକ୍ଷ ଲକ୍ଷ ଲୋକ ବ୍ୟାଙ୍କକ ଭଳି ବଡ଼ ସହରରୁ ନିଜ ଗ୍ରାମକୁ ଫେରିଥାନ୍ତି, ଫଳରେ ରାସ୍ତାରେ ଅତ୍ୟଧିକ ଭିଡ଼ ପରିଲକ୍ଷିତ ହୁଏ। ଥାଇ ସରକାରଙ୍କ ପକ୍ଷରୁ ବ୍ୟାପକ ସଡ଼କ ସୁରକ୍ଷା ଅଭିଯାନ ଏବଂ ପୋଲିସ୍ ଯାଞ୍ଚ ସତ୍ତ୍ୱେ ମୃତ୍ୟୁସଂଖ୍ୟା ହ୍ରାସ ପାଉନାହିଁ। ଦୁର୍ଘଟଣାର କାରଣଗୁଡ଼ିକ ହେଲା:

ଦ୍ରୁତ ଗତି: ୪୨ ପ୍ରତିଶତ ଦୁର୍ଘଟଣା ପାଇଁ ଗାଡ଼ିର ଅନିୟନ୍ତ୍ରିତ ବେଗ ଦାୟୀ। ▸ପୃଷ୍ଠା-୭




ସକାଳ
THE SAKALA

# ସମ୍ପାଦକୀୟ



ପତି-ପତ୍ନୀ ଉଭୟେ ଉଭୟଙ୍କର ସମର୍ଥକ ଓ ଉତ୍ତମ ବନ୍ଧୁ ହେବା ଉଚିତ।
-ସୁଧା ମୂର୍ତ୍ତି

## ପଶ୍ଚିମବଙ୍ଗ ବ୍ୟତିକ୍ରମ

ଆସାମ, କେରଳ ଏବଂ ପୁଡୁଚେରିରେ ବିଧାନସଭା ନିର୍ବାଚନ ସମାପ୍ତ ହୋଇଥିବା ବେଳେ ଏବେ ତାମିଲନାଡୁ ଏବଂ ପଶ୍ଚିମ ବଙ୍ଗ ନିର୍ବାଚନ ହେବାକୁ ଯାଉଛି। ସାରା ଦେଶର ନଜର ରହିଛି ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନ ଉପରେ। ଏଠାରେ ଆସନ୍ତା ୨୩ ଓ ୨୯ ତାରିଖ ଦିନ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଯାଉଛି। ନିର୍ବାଚନ କମିସନଙ୍କ ଏସ୍‌ଆଇଆର ବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ରାଜ୍ୟ ରାଜନୀତିକୁ ଦୋହଲାଇ ରଖିଛି। ଏହି ପ୍ରକ୍ରିୟା ଜରିଆରେ ପ୍ରାୟ ୯୧ ଲକ୍ଷ ଭୋଟରଙ୍କ ନାମ ଭୋଟର ତାଲିକାରୁ କାଟି ଦିଆଯାଇଛି। ମୃତ୍ୟୁ, ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର ଏବଂ ଏକାଧିକ ସ୍ଥାନରେ ନାମ ଥିବା ଲୋକଙ୍କର ନାମକୁ କାଟି ଦିଆଯାଇଥିବା କୁହାଯାଇଛି। ଫଳରେ ରାଜ୍ୟରେ ଭୋଟର ସଂଖ୍ୟା ପ୍ରାୟ ୧୨ ପ୍ରତିଶତ ହ୍ରାସ ପାଇଛି। ମୋଟ୍ ଭୋଟର ସଂଖ୍ୟା ୭.୬ କୋଟିରୁ ୬.୭ କୋଟିକୁ ହ୍ରାସ ପାଇଛି। ଯେଉଁ କଥାଟି ରାଜ୍ୟରେ ଭୋଟରମାନଙ୍କ ମଧ୍ୟରେ ଅଶାନ୍ତିର ନିଆଁ ଲଗାଇଛି, ତାହାହେଲା ସନ୍ଦିଗ୍ଧ ତାଲିକା ବା ଲଜିକାଲ ଡିସକ୍ରିପାନ୍ସି ପ୍ରୋସେସ୍। ଅର୍ଥାତ୍ ଯେଉଁମାନଙ୍କର ତଥ୍ୟକୁ ନେଇ ଅସଙ୍ଗତି ରହିଛି, ସେମାନଙ୍କ ନାମ ଏହି ତାଲିକାରେ ରହିଛି। ଜନ୍ମ ତାରିଖ, ପିତାମାତାଙ୍କ ନାମ, ନାମ ବନାନରେ ଅସଙ୍ଗତି ଭଳି ତଥ୍ୟକୁ ନେଇ ଏହି ତାଲିକା କରାଯାଇଛି। ଏଭଳି ତାଲିକାରେ ଯେଉଁମାନଙ୍କର ନାମ ରହିଛି, ସେମାନେ ଭୋଟ ଦେଇପାରିବେ ନାହିଁ। ଏଭଳି ତାଲିକାରେ ୬୦ଲକ୍ଷ ଭୋଟର୍‌ଙ୍କ ନାମ ସ୍ଥାନ ପାଇଥିଲା। ଇତିମଧ୍ୟରେ ଯାଞ୍ଚ ପରେ ୩୨ ଲକ୍ଷ ୨୮ ହଜାରଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯାଇଥିବା ବେଳେ ୨୭ ଲକ୍ଷ ୧୬ ହଜାର ଭୋଟରଙ୍କ ନାମ ବାଦ୍ ପଡ଼ିଛି। ଏମାନେ ଭୋଟ ପାଇଁ ଯୋଗ୍ୟ କି ନୁହେଁ, ତାହା କୋଲକାତା ହାଇକୋର୍ଟ ଦ୍ୱାରା ନିଯୁକ୍ତ ୧୯ଟି ଟ୍ରିବୁନାଲ ସ୍ଥିର କରିବେ। ତେବେ ଏଥିପାଇଁ ଟ୍ରିବୁନାଲକୁ ସମୟସୀମା ଦିଆଯାଇନଥିବାରୁ ଏହି ଭୋଟରମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଏଭଳି ଭୋଟର ସୁପ୍ରିମକୋର୍ଟ ଯାଇ ନିରାଶ ହୋଇଛନ୍ତି। ମତଦାନ ତାରିଖ ଯେତେ ପାଖେଇ ଆସୁଛି, ସେମାନଙ୍କ ମଧ୍ୟରେ ସେତିକି ଉତ୍ତେଜନା ପ୍ରକାଶ ପାଇବାରେ ଲାଗିଛି। ନିର୍ବାଚନର ଦୁଇ ଦିନ ପୂର୍ବରୁ ସେମାନଙ୍କର ନାମ ଭୋଟର ତାଲିକାରେ ସ୍ଥାନ ନପାଇଲେ ସେମାନେ ଭୋଟ ଦେଇପାରିବେ ନାହିଁ। ଏହି ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି କୋଲକାତା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ନିଯୁକ୍ତ ଟ୍ରିବ୍ୟୁନାଲ ଉପରେ ଚାପ ପକାଇବା ଠିକ୍ ହେବାହିଁ ବୋଲି ସୁପ୍ରିମ କୋର୍ଟ ଉଲ୍ଲେଖ କରିଛନ୍ତି।

ତେବେ ଏପ୍ରିଲ ୧୩ ତାରିଖରେ ଏହି ମାମଲାର ଶୁଣାଣି ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ଯେଉଁ ପ୍ରଶ୍ନ ଉଠାଇଛନ୍ତି ତାହା ବିଚାରଯୋଗ୍ୟ। ଏହି ଖଣ୍ଡପୀଠରେ ଥିବା ଅନ୍ୟତମ ବିଚାରପତି ଜଷ୍ଟିସ ଜୟମାଲ୍ୟ ବାଗଚି ପ୍ରଶ୍ନ କରିଛନ୍ତି ଯେ ବିହାର ସମେତ ୧୩ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏସ୍‌ଆଇଆର ପ୍ରକ୍ରିୟା ସଂପନ୍ନ ହୋଇଛି। କିନ୍ତୁ ସେହି ରାଜ୍ୟରେ ଲଜିକାଲ ଡିସକ୍ରିପାନ୍ସି ଭଳି କିଛି ବ୍ୟବସ୍ଥା ନଥିବା ବେଳେ ପଶ୍ଚିମ ବଙ୍ଗରେ ଏଭଳି ନୂଆ ଶ୍ରେଣୀ କାହିଁକି ସୃଷ୍ଟି ହେଲା। ପୂର୍ବ ଏସ୍‌ଆଇଆର୍ ସହ ମ୍ୟାପିଙ୍ଗ୍ ପରେ ଅନ୍ୟ ରାଜ୍ୟରେ ବିବାଦ ଦେଖାଦେଇ ନଥିବା ବେଳେ ପଶ୍ଚିମ ବଙ୍ଗରେ ଏଭଳି ବ୍ୟତିକ୍ରମ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଲଜିକାଲ ଡିସକ୍ରିପାନ୍ସି ଶ୍ରେଣୀରେ ସେହି ଭୋଟରମାନଙ୍କ ନାମ ରହିଛି, ଯେଉଁମାନଙ୍କ ପିତାମାତାଙ୍କ ନାମ, ପିତାମାତାଙ୍କ ବୟସ ସହ ପିଲାମାନଙ୍କ ବୟସ ତାରତମ୍ୟକୁ ନେଇ ଅସଙ୍ଗତି ରହିଛି। କମିସନଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ସେମାନେ ବୈଧ ପ୍ରମାଣପତ୍ର ଦାଖଲ କରିଥିଲେ ମଧ୍ୟ ଏହି ତାଲିକାରେ ସେମାନଙ୍କୁ ରଖାଯାଇଥିବା ଅନେକ ଭୋଟର ଅଭିଯୋଗ କରିଛନ୍ତି। ପଶ୍ଚିମ ବଙ୍ଗ ନିର୍ବାଚନରେ ଏହାହିଁ ସବୁଠାରୁ ବଡ଼ ପ୍ରସଙ୍ଗ ହୋଇଛି। ଏହାକୁ ନେଇ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିସନଙ୍କ ସହିତ ମୁହାଁମୁହିଁ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ସେ ଅଭିଯୋଗ କରିଛନ୍ତି ତାଙ୍କୁ ହରାଇବା ଲାଗି ତାଙ୍କ ଦଳର ସମର୍ଥକମାନଙ୍କୁ ଜାଣିଶୁଣି ଭୋଟର ତାଲିକାରୁ କାଟି ଦିଆଯାଉଛି। କିନ୍ତୁ ନିର୍ବାଚନ କମିସନ କହୁଛନ୍ତି ଯେ କେବଳ ଅଯୋଗ୍ୟ ଲୋକଙ୍କୁ ହିଁ ଭୋଟର ତାଲିକାରୁ ବାଦ୍ ଦିଆଯାଉଛି। ବିଜେପି ମଧ୍ୟ କମିସନଙ୍କୁ ସମର୍ଥନ କରି ଯୁକ୍ତି କରିଛି ଯେ ଭୋଟର ତାଲିକାରୁ ସେମାନେ ହିଁ ବାଦ୍ ପଡ଼ିଛନ୍ତି ଯେଉଁମାନେ ହେଉଛନ୍ତି ବାଂଲାଦେଶୀ ଅନୁପ୍ରବେଶକାରୀ। ମମତା ଆହୁରି ଅଭିଯୋଗ କରିଛନ୍ତି ଯେ ଲଜିକାଲ ଡିସକ୍ରିପାନ୍ସି ବୋଲି ନିର୍ବାଚନ କମିସନରେ କୌଣସି ଶବ୍ଦ ହିଁ ନାହିଁ। କେବଳ ବିଜେପିକୁ ଫାଇଦା ଦେବା ପାଇଁ ପଶ୍ଚିମବଙ୍ଗରେ ଏଭଳି ବ୍ୟବସ୍ଥାକୁ ଯୋଡ଼ାଯାଇଛି ବୋଲି ସେ କହିଛନ୍ତି।

ରାଜନୈତିକ ପର୍ଯ୍ୟବେକ୍ଷକମାନଙ୍କ ମତରେ ଭୋଟର ତାଲିକାରୁ ଲକ୍ଷ ଲକ୍ଷ ଲୋକଙ୍କ ନାମ କାଟିବା ଘଟଣା ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ବ୍ୟାପକ ସଂଖ୍ୟାରେ ଭୋଟରଙ୍କୁ ବାଦ୍ ଦେଇ ନିର୍ବାଚନ ଆୟୋଜନର ବିଶ୍ୱସନୀୟତା ଉପରେ ସେମାନେ ପ୍ରଶ୍ନ ଉଠାଇଛନ୍ତି। ସୁପ୍ରିମ କୋର୍ଟ ହସ୍ତକ୍ଷେପ କରି ଏଥିରେ ସୁଧାର ଆଣିପାରିବେ। ଯେଉଁମାନେ ଅଯୋଗ୍ୟ ସେମାନେ ବାଦ୍ ପଡ଼ିବା ଉଚିତ। କିନ୍ତୁ ଯେଉଁମାନେ ଯୋଗ୍ୟ, ସେମାନଙ୍କୁ ମତାଧିକାର ସାବ୍ୟସ୍ତ କରିବାରୁ ବଞ୍ଚିତ କରାଯିବା ଠିକ୍ ହେବନାହିଁ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ତେବେ ଏପ୍ରିଲ ୧୬ ତାରିଖରେ ନିର୍ବାଚନ କମିସନଙ୍କୁ ସୁପ୍ରିମ କୋର୍ଟ ଦେଇଥିବା ନିର୍ଦ୍ଦେଶ ଲଜିକାଲ ଡିସକ୍ରିପାନ୍ସି ଶ୍ରେଣୀରେ ଥିବା ଭୋଟରମାନଙ୍କ ପାଇଁ କିଛି ପରିମାଣରେ ଆଶ୍ୱସ୍ତି ଆଣିଛି। ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ଟ୍ରିବ୍ୟୁନାଲ ଯେଉଁମାନଙ୍କ ନାମକୁ ସନ୍ଦେହରୁ ମୁକ୍ତ କରୁଛନ୍ତି ସେମାନେ ଆସନ୍ତା ନିର୍ବାଚନରେ ମତଦାନ କରିପାରିବେ। ତେବେ ସେମାନଙ୍କର ନାମ ମତଦାନର ଦୁଇ ଦିନ ପୂର୍ବରୁ ମଞ୍ଜୁର ହେବା ଉଚିତ। ●

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

# ବିଜୁବାବୁଙ୍କ ମନ ଆଇନାରେ ମହାତ୍ମା ଗାନ୍ଧୀ

**ପ୍ରହଲାଦ କୁମାର ସିଂହ**

ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀଙ୍କ ସହ ବିଜୁବାବୁ ପ୍ରଥମ ସାକ୍ଷାତ ସଂକ୍ରାନ୍ତରେ ଅନେକ କଥା କୁହାଯାଏ। ତେବେ ତାଙ୍କ ଜୀବନରେ ପ୍ରଥମ ଗାନ୍ଧୀ ଦର୍ଶନ ସଂକ୍ରାନ୍ତରେ ନିଜେ ବିଜୁ ପଟ୍ଟନାୟକ ଲେଖିଛନ୍ତି ତାଙ୍କ ଭ୍ରମଣ କାହାଣୀ 'ବୁଲା ନିଶା'ରେ। ରେଭେନ୍ସା କଲେଜ୍‌ରେ ଇଣ୍ଟରମିଡିଏଟ୍ ସାଇନ୍ସ ପଢ଼ିବା ବେଳେ ଅମର ଦେ ଓ ଭ୍ରମରବର ସାହୁଙ୍କ ଭଳି ଦୁଇଜଣ ଯୁବ ବନ୍ଧୁଙ୍କ ସହ ଖରାଛୁଟିରେ ସେ ଏକ ଦୁଃସାହସିକ ସାଇକେଲ୍ ଯାତ୍ରା ଅଭିଯାନରେ କଟକରୁ ଯାଇଥିଲେ ପେଶାୱାର। ସେତେବେଳକୁ ତାଙ୍କ ବୟସ ପ୍ରାୟ ୧୬ବର୍ଷ।

ଏ ସଂକ୍ରାନ୍ତରେ 'ବୁଲା ନିଶା'ରେ ବିଜୁବାବୁ ଲେଖିଛନ୍ତି, "ସକାଳ ପ୍ରାୟ ୫ଟା ବେଳକୁ ଆମେ ଚାଇଁବସାରୁ ଯାତ୍ରା ଆରମ୍ଭ କରି ପ୍ରାୟ ୭ଟା ବେଳକୁ ଆସି ପହଞ୍ଚିଲୁ ଚକ୍ରଧରପୁରରେ। ସେଦିନ ସେଠି ଗାନ୍ଧୀଙ୍କ ଆସିବା କଥା ବୋଲି ବହୁତ ଲୋକ ଜମା ହୋଇଥିଲେ। ସେଠାରେ ଜଣେ ପରିଚିତ ଓଡ଼ିଆ ଭଦ୍ରଲୋକଙ୍କ ବସାରେ ଯାଇ ସ୍ନାନ ଓ ଭୋଜନ ପରେ ଗାନ୍ଧୀଙ୍କୁ ଦେଖିବା ଆଶାରେ ବାହାରିଲୁ। କିଛିକ୍ଷଣ ପରେ ଗାନ୍ଧୀ ସଦଳବଳ ଆସି ଉପସ୍ଥିତ ହେଲେ। ଜୀବନରେ ମୋର ଏହି ପ୍ରଥମ ଗାନ୍ଧୀ ଦର୍ଶନ। କିନ୍ତୁ ଛବିରେ ଦେଖି ଦେଖି ତାଙ୍କ ଆକୃତି ମନରେ ଏପରି ଭାବରେ ବସି ଯାଇଥିଲା ଯେ, ନୂଆ କିଛି ଦେଖିଲି ବୋଲି ମନେ ହେଲାନାହିଁ। ମୋଟର ଭିତରେ ସେହିପରି ଭାବରେ ହାତ ଉପରେ ଭରାଦେଇ ବସିଥିଲେ। ବାହାରେ ଏତେ ଲୋକଙ୍କର ଉଲ୍ଲାସ ଧ୍ୱନି; କିନ୍ତୁ କୌଣସି ଆଡ଼େ ଭ୍ରୂକ୍ଷେପ ନାହିଁ, ଯେପରିକି କୌଣସି ଗଭୀର ଚିନ୍ତାରେ ନିମଗ୍ନ। ଚକ୍ରଧରପୁରରେ ସେ ହରିଜନଙ୍କ ସମ୍ବନ୍ଧରେ ଗୋଟିଏ କ୍ଷୁଦ୍ର ବକ୍ତୃତା ଦେଲେ ଓ କିଛି ଚାନ୍ଦା ଉଠାଇବା ପରେ ପୁଣି ମୋଟରରେ ବସି ଚାଲିଗଲେ, ବୋଧହୁଏ ଜାମସେଦପୁର ଆଡକୁ। ଏଣେ ଗାନ୍ଧୀ ଦର୍ଶନ ହେଲା; କିନ୍ତୁ ରାଞ୍ଚି ରାସ୍ତାରେ ଭୀଷଣ ଜଙ୍ଗଲ, ଯାଏ କୁଆଡ଼େ ?' ସୁତରାଂ ତରତର ହୋଇ ଜିନିଷପତ୍ର ବାନ୍ଧି ୧୨ଟା ବେଳକୁ ଚକ୍ରଧରପୁରରୁ ବାହାରିଲୁ। ସେଠାରୁ ରାଞ୍ଚି ୭୫ ମାଇଲ୍। ଏତିକି ବେଳେ ଅତ୍ୟନ୍ତ ଗରମ ପବନ ବିପରୀତ ଦିଗରୁ ବହିବାକୁ ଲାଗିଲା। ସାଇକେଲ ଚଳାଇବାକୁ ଅତ୍ୟନ୍ତ କଷ୍ଟହେଲା ସତ; କିନ୍ତୁ କ'ଣ କରାଯିବ?"

ବିଜୁବାବୁଙ୍କୁ ଦୁଃସାହସୀ ଭାବେ ଗଢ଼ି ତୋଳିବାରେ ତାଙ୍କ ବାପା ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କର ଢେର୍ ଅବଦାନ ଥିଲା। ଏହାଛଡ଼ା ତାଙ୍କ ମାମୁଙ୍କ ପରିବାରର କିଛି ସମ୍ପର୍କୀୟ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରି କଳାପାଣିରେ କାରାଦଣ୍ଡ କାଟିଥିବା କଥା ସେ ଶୁଣିଥିଲେ ତାଙ୍କ ମା' ଆଶାଲତା ଦେବୀଙ୍କଠାରୁ। ବାଲ୍ୟ ଓ କୈଶୋର ଜୀବନରେ ପଢ଼ିଥିବା ମୂଳଦୁଆରୁ ବିଜୁଙ୍କ ମନରେ ଦେଶପ୍ରେମ ଭାବନା ଦୃଢ଼ୀଭୂତ ହୋଇଥିଲା। ତାଙ୍କ ପିଲାଦିନର ସାଥୀ ମନମୋହନ ଚୌଧୁରୀ, ବିନୋଦ କାନୁନ୍‌ଗୋ, ବିଶ୍ୱନାଥ ରଥ, ଅଶୋକ ଦାଶ ଆଦି ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିବା ଘଟଣା ବି ତାଙ୍କୁ ପ୍ରଭାବିତ କରିଥିଲା। ଏହାଛଡ଼ା ରେଭେନ୍ସା କଲିଜିଏଟ୍ ସ୍କୁଲରେ ପଢ଼ିବାବେଳେ ଶିକ୍ଷକମାନଙ୍କଠାରୁ ସେ ଶୁଣିଥିଲେ ଏହି ବିଦ୍ୟାଳୟର ପୁରାତନ ଛାତ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ତ୍ୟାଗ ଓ ସଂଗ୍ରାମର କାହାଣୀ। କଟକ ସହରରେ ଦିନେ ଅବତରଣ କରିଥିବା ଏକ ବିମାନକୁ ସ୍ପର୍ଶ କରି ବ୍ରିଟିଶ ପୁଲିସଠାରୁ ମାଡ଼ ଖାଇବା ଘଟଣା ସ୍କୁଲ ଛାତ୍ର ବିଜୁଙ୍କୁ ପରବର୍ତ୍ତୀ କାଳରେ ପାଇଲଟ୍ ହେବାପାଇଁ ଜିଦିଆ କରିଥିଲା। ପରବର୍ତ୍ତୀ ସମୟରେ ବଡ଼ଲାଟ୍ ୱାଭେଲ୍‌ଙ୍କ ବିମାନ ଚଳାଇବା ସହିତ ସେ ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ଯେଭଳି ଦୁଃସାହସୀ ବିମାନଚାଳକ ଭାବେ କାର୍ଯ୍ୟକଲେ, ତାହା ଏବେବି କ୍ରେମ୍‌ଲିନ୍ ଝୁରୁଛି। ବଡ଼ଲାଟ୍‌ଙ୍କ ବିମାନର ପାଇଲଟ୍ ଥିବାବେଳେ ବିଜୁବାବୁ କିନ୍ତୁ ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ସହ ସମ୍ପର୍କରେ ଥିଲେ। ହେଲେ ମୋଟା ଅଙ୍କର ବେତନ ତାଙ୍କୁ ଆତ୍ମସନ୍ତୋଷ ପ୍ରଦାନ କରୁ ନ ଥିଲା। ବିଶେଷ କରି ୧୯୪୨ରେ ଗାନ୍ଧୀଜୀଙ୍କ ଭାରତ ଛାଡ଼ ଆନ୍ଦୋଳନ ସମୟରେ ତାଙ୍କ ଦେଶପ୍ରେମ ଭାବନା ଏଭଳି ପ୍ରଜ୍ୱଳିତ ହେଲା ଯେ ଶେଷରେ ୧୯୪୩ ଜାନୁୟାରୀ ମାସରେ ବ୍ରିଟିଶ ସରକାର ତାଙ୍କୁ ଗିରଫ କରି ଦିଲ୍ଲୀ, ଫିରୋଜ୍‌ପୁର ଓ କଟକ ଆଦି ଜେଲ୍‌ରେ ଦୀର୍ଘଦିନ ରଖିବା ପରେ ୧୯୪୫ରେ କାରାମୁକ୍ତ କରିଥିଲେ। ସେବେଠାରୁ ୧୯୯୭ ଏପ୍ରିଲ୍ ୧୭ରେ ପରଲୋକ ଗମନ ପର୍ଯ୍ୟନ୍ତ ବିଜୁ ବାବୁଙ୍କ ପରିଧାନ ଥିଲା ଖଦଡ଼।



ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଅରୁଣା ଅସଫ୍ ଅଲ୍ଲୀ ବିଜୁ ବାବୁଙ୍କ ସଂକ୍ରାନ୍ତରେ ଲେଖିଛନ୍ତି, "ପାଇଲଟ୍ ବିଜୁ ପଟ୍ଟନାୟକ ଥିଲେ ନିର୍ଭୀକତାର ଏକ ଜ୍ୱଳନ୍ତ ଉଦାହରଣ। ଜୟପ୍ରକାଶ ନାରାୟଣ, ଅଚ୍ୟୁତ ପଟ୍ଟବର୍ଦ୍ଧନ, ରାମମନୋହର ଲୋହିଆ ଓ ମୋ ଭଳି ଆଉ କେତେଜଣଙ୍କୁ ନେଇ ଗଠିତ ଅଣ୍ଡର ଗ୍ରାଉଣ୍ଡ ଡିରେକ୍ଟୋରେଟ୍‌କୁ ସାହାଯ୍ୟ ଯୋଗାଇବା ଲାଗି ସେ ତାଙ୍କର ସାଥୀ ପାଇଲଟ୍‌ମାନଙ୍କୁ ନେତୃତ୍ୱ ଓ ପ୍ରେରଣା ଦେଉଥିଲେ। ସେମାନଙ୍କ ସାହସ ଓ ନିର୍ଭୀକତା ବିନା ଆମେ କେବେହେଲେ ବମ୍ବେ, କଲିକତା ଓ ନୂଆଦିଲ୍ଲୀରେ ଆମ କମ୍ରେଡ୍‌ମାନଙ୍କ ସହିତ ଯୋଗସୂତ୍ର ରଖି ପାରି ନ ଥାନ୍ତୁ... ଶ୍ରୀ ରାଜଗୋପାଳଚାରୀ ଆମକୁ ଭେଟିବାର ଅଭିପ୍ରାୟ ପ୍ରକାଶ କରିବାରୁ ବିଜୁ ପଟ୍ଟନାୟକ ନିଜେ ରାଜାଜୀଙ୍କୁ ମାଡ୍ରାସରୁ ନୂଆଦିଲ୍ଲୀ ଉଡ଼ାଇ ଆଣି ୧୯୪୨-୪୩ ଡିସେମ୍ବର-ଜାନୁୟାରୀ ମାସରେ ଜୟପ୍ରକାଶ ନାରାୟଣ ଓ ଅଣ୍ଡରଗ୍ରାଉଣ୍ଡ ଡିରେକ୍ଟୋରେଟ୍ ସହ ସାକ୍ଷାତ କରାଇଥିଲେ। ମୁଁ ନିଜେ ଏହି ଗୁପ୍ତ ବିମାନଯାତ୍ରାର ସୁବିଧା ବହୁଥର ହାସଲ କରିଛି.... ବିଜୁ ପଟ୍ଟନାୟକଙ୍କ ଭଳି ଦୁଃସାହସୀ ପୁରୁଷ ଓ ତାଙ୍କର ସାହସୀ କମ୍ରେଡ୍‌ମାନଙ୍କ ପ୍ରତି ମୋର ଶ୍ରଦ୍ଧା ଅକ୍ଷୁଣ୍ଣ ରହିଛି।'

ପ୍ରଫେସର ସମର ଗୁହା ଦୁଃସାହସୀ ଦେଶଭକ୍ତ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ଲେଖିଛନ୍ତି, 'ହଜାରୀବାଗ ଜେଲ୍‌ରୁ ଜେ. ପି. ଖସିଯିବା ପରେ ଗୋପନରେ ସ୍ୱାଧୀନତା ସଂଗ୍ରାମୀମାନଙ୍କର ନେତୃତ୍ୱ ନେଉଥା'ନ୍ତି। ତାଙ୍କୁ ଗିରଫ କରିବା ଲାଗି ବ୍ରିଟିଶ ପୁଲିସ ସମସ୍ତ ପ୍ରକାର ଉଦ୍ୟମ କରୁଥାଏ। ସେତିକିବେଳେ ଜେପିଙ୍କୁ ମିଳିଲେ ବିଜୁଙ୍କ ଭଳି ଜଣେ ଅତି ନିର୍ଭରଯୋଗ୍ୟ ସହଯୋଗୀ। ତାଙ୍କ ଦାୟିତ୍ୱ ରହିଲା ବିମାନରେ ବିଭିନ୍ନ ସ୍ଥାନକୁ ଜେ.ପି. ଓ ଅନ୍ୟମାନଙ୍କୁ ସେ ନେବାଆଣିବା କରିବେ। ଜେ.ପି. ସେତେବେଳେ ବର୍ମାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସହିତ ସମ୍ପର୍କ ପ୍ରତିଷ୍ଠା ଲାଗି ଉତ୍ସୁକ ଥା'ନ୍ତି। ଏହି ଉଦ୍ଦେଶ୍ୟରେ ସେ ତରବରିଆ ଭାବେ ଆକ୍ୟାବ ଅଭିମୁଖେ ଉଡ଼ିଯିବା ପାଇଁ ବିଜୁଙ୍କୁ କହିଲେ। ମାତ୍ର ଯାତ୍ରା ଆରମ୍ଭ ପୂର୍ବରୁ ବିଜୁ ହଠାତ୍ ଗିରଫ ହେଲେ। ଗୋଡ଼ହାତରେ ଶୃଙ୍ଖଳ ପିନ୍ଧାଇ ତାଙ୍କୁ ବ୍ରିଟିଶ ଜେଲ୍‌ରେ ରଖାଗଲା। ଜେଲ୍ ଭିତରେ ସେ ଅମାନୁଷିକ ନିର୍ଯ୍ୟାତନାର ସମ୍ମୁଖୀନ ହେଲେ। ଏହାସତ୍ତ୍ୱେ ତାଙ୍କର ଆସ୍ପର୍ଦ୍ଧା ଓ ମନୋବଳ ତିଳେମାତ୍ର ହ୍ରାସ ପାଇ ନ ଥିଲା।'

୧୯୪୭ରେ ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ମହାତ୍ମା ଗାନ୍ଧୀଙ୍କ ଆଗ୍ରହ କ୍ରମେ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା ଇଣ୍ଟର ଏସିଆନ୍ ରିଲେସନ୍ସ କନ୍‌ଫରେନ୍ସ। ଏହି ସମ୍ମିଳନୀ ସମ୍ପର୍କରେ ବିଜୁବାବୁ ତାଙ୍କ ଇଣ୍ଡୋନେସିଆ ଅନୁଭୂତି ବଖାଣି ୧୯୯୫ ଅକ୍ଟୋବର ୧୧ ସନ୍ଧ୍ୟାରେ କଟକ ଶହୀଦ ଭବନରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ କହିଥିଲେ, "ସମ୍ମିଳନୀ ଅବସରରେ ନେତାମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଟେବୁଲର ବ୍ୟବସ୍ଥା ହୋଇଥାଏ। ମହାତ୍ମା ଗାନ୍ଧୀ, ଜବାହରଲାଲ ନେହରୁ ଓ ଅନ୍ୟାନ୍ୟ ତୁଙ୍ଗ ଭାରତୀୟ ନେତାମାନେ ଗୋଟିଏ ଦେଶର ଟେବୁଲରୁ ଆଉ ଗୋଟିଏ ଦେଶର ଟେବୁଲକୁ ଯାଇ ସେ ସବୁ ରାଷ୍ଟ୍ରର ନେତା ଓ ପ୍ରତିନିଧିଙ୍କ ସହିତ କଥାବାର୍ତ୍ତା କରି ସେମାନଙ୍କ ସମସ୍ୟା ଓ ଭଲମନ୍ଦ ସମ୍ପର୍କରେ ବୁଝୁଥା'ନ୍ତି। ମୁଁ ସେମାନଙ୍କ ପଛେ ପଛେ ଚାଲିଥାଏ। ଇଣ୍ଡୋନେସିଆ ଟେବୁଲ ପାଖରେ ପଣ୍ଡିତ ନେହରୁ କିଛି ସମୟ ଅଟକିଗଲେ। ଜଣେ ପ୍ରତିନିଧି ତାଙ୍କୁ କହିଲେ ଯେ, ଡଚ୍‌ମାନଙ୍କ କବଳରୁ ସୁଲ୍‌ତାନ୍ ସାହାରିୟରଙ୍କୁ କିପରି ଉଦ୍ଧାର କରାଯିବ? ନେହରୁ ସବୁ ଶୁଣିଲେ କିନ୍ତୁ କିଛି କହିଲେ ନାହିଁ। ମୋ ଆଡ଼କୁ ବୁଲିପଡ଼ି ସେହି ପ୍ରତିନିଧିଙ୍କୁ କହିଲେ ଏଠି ଜଣେ ପାଇଲଟ୍ ଅଛନ୍ତି, ତାଙ୍କୁ ପଚାର ସେ ଯଦି ପାରିବେ? ତା'ପରେ ମୋତେ କହିଲେ, ଯାଙ୍କୁ କିଛି ସାହାଯ୍ୟ କର... ମୁଁ ଇଣ୍ଡୋନେସିଆ ଯାଇ ସୁଲ୍‌ତାନ୍ ସାହାରିୟରଙ୍କୁ ଉଦ୍ଧାର କରିବା ପାଇଁ ହଁ ମାରିଲି। ଏକ ଡାକୋଟା ବିମାନରେ ମୁଁ ଇଣ୍ଡୋନେସିଆ ଅଭିମୁଖେ ଯାତ୍ରା କଲି। ସାଙ୍ଗରେ ଏକମାତ୍ର ସହଯାତ୍ରୀ ଥିଲେ ମୋର ପତ୍ନୀ ଜ୍ଞାନ ପଟ୍ଟନାୟକ... ମୁଁ ସୁକର୍ଣ୍ଣଙ୍କୁ ସାକ୍ଷାତ କରିବାବେଳକୁ ତାଙ୍କ ପତ୍ନୀ ଗର୍ଭଯନ୍ତ୍ରଣା ପାଉଥା'ନ୍ତି। ସେ ଚିନ୍ତିତ ଥା'ନ୍ତି। ମୋ ପହଞ୍ଚିବାର ଅଳ୍ପ ସମୟ ପରେ ତାଙ୍କ ପତ୍ନୀ ଫାତ୍‌ମା ଏକ କନ୍ୟାସନ୍ତାନ ଜନ୍ମଦେଲେ। ଆନନ୍ଦିତ ହୋଇ ସୁକର୍ଣ୍ଣ ମୋତେ କହିଲେ, ବିଜୁ ତୁମେ ମୋ ନବଜାତ ଶିଶୁଟିର ଏକ ସଂସ୍କୃତ ନାମ ଦିଅ। ସେଦିନ ପ୍ରବଳ ବର୍ଷା ହେଉଥାଏ। ପରିବେଶ ଓ ପରିସ୍ଥିତିକୁ ବିଚାରକୁ ନେଇ ନବଜାତ କନ୍ୟାଟିର ନାମ ରଖିଲି- ମେଘାବତୀ ସୁକର୍ଣ୍ଣ ପୁତ୍ରୀ... ପରେ ମୁଁ ଜାକର୍ତ୍ତାରୁ ଇଣ୍ଡୋନେସିଆର ପ୍ରଧାନମନ୍ତ୍ରୀ ସୁଲତାନ ସାହାରିୟର ଓ ସୁମାତ୍ରାରୁ ଉପରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ଆଣି ଭାରତରେ ପହଞ୍ଚିଲି। କଲିକତା ଦେଇ ନୂଆଦିଲ୍ଲୀରେ ପହଞ୍ଚିବା ବେଳକୁ ରାତି ହୋଇଯାଇଥାଏ। ସାହାରିୟର ଓ ହଟ୍ଟାଙ୍କୁ ବିମାନବନ୍ଦରରୁ ସିଧା ଗାଡ଼ିରେ ନେଇ ନେହରୁଙ୍କ ଘରକୁ ଗଲି.... ତା' ପରେ ନେହରୁ ସେମାନଙ୍କ ସହ ବିଳମ୍ବିତ ରାତିରେ ପ୍ରାୟ ୨ ଘଣ୍ଟା ଯାଏ ଆଲୋଚନା କଲେ।" ମହାତ୍ମା ଗାନ୍ଧୀଙ୍କ ସହ ଇଣ୍ଡୋନେସିଆର ଏହି ନେତାମାନେ ପରେ ଆଲୋଚନା କରିବାବେଳେ ବିଜୁବାବୁଙ୍କ ଦୁଃସାହସିକ ଅଭିଯାନ ସଂକ୍ରାନ୍ତରେ ବିସ୍ତୃତ ବିବରଣୀ ଦେଇଥିଲେ। ଗାନ୍ଧୀଜୀ ଏଥିପାଇଁ ତାଙ୍କୁ ପିଠି ଥାପୁଡେଇ ସାବାସୀ ଦେଇଥିଲେ। ବୋଧହୁଏ ବାପୁଙ୍କ କରସ୍ପର୍ଶ ସେତେବେଳର ଯୁବ ବିଧାୟକ ବିଜୁ ପଟ୍ଟନାୟକଙ୍କ ଜୀବନର ଥିଲା ସର୍ବଶ୍ରେଷ୍ଠ ପୁରସ୍କାର।

ସ୍ୱାଧୀନତା ପ୍ରାପ୍ତି ପରେ ପରେ ପାକିସ୍ତାନ କାଶ୍ମୀର କବ୍‌ଜା କରିବାକୁ ଅଭିଯାନ ଚଳାଇଥିଲା। ସେ ସମୟରେ ଭାରତୀୟ ସେନାକୁ ଯେଉଁ ବିମାନ ଶ୍ରୀନଗର ନେଇଥିଲା ତାହା ଚଳାଉଥିଲେ ବିଜୁ ପଟ୍ଟନାୟକ। ଶ୍ରୀନଗର ଅଭିଯାନ ପୂର୍ବରୁ ସେ ବିରଳା ଭବନ ଆସି ଗାନ୍ଧୀଜୀଙ୍କ ଆଶୀର୍ବାଦ ମଧ୍ୟ ନେଇଥିଲେ। ଏହା ତାଙ୍କ ଜୀବନର ଅନ୍ୟ ଏକ ଅଭୁଲା ସ୍ମୃତି ହୋଇ ରହିଗଲା। ଏହି ଦୁଃସାହସୀ ବିଜୁବାବୁ ପରବର୍ତ୍ତୀ ସମୟରେ ଚୀନ୍ ଯୁଦ୍ଧ ସମୟରେ ମଧ୍ୟ ନେହରୁ ସରକାରଙ୍କୁ ସହାୟତା ଦେଇଥିଲେ। କେବଳ ସେତିକି ନୁହେଁ; ୧୯୬୫ରେ ପାକିସ୍ତାନ ଭାରତ ସହ ଯୁଦ୍ଧ ଆରମ୍ଭ କରିଥିବାବେଳେ ଇଣ୍ଡୋନେସିଆର ନୌସେନା ପାକିସ୍ତାନକୁ ସାହାଯ୍ୟ କରିବାକୁ ବାହାରିଥିଲା। ସେତେବେଳର ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ପରାମର୍ଶକ୍ରମେ ବିଜୁବାବୁ ଇଣ୍ଡୋନେସିଆର ରାଷ୍ଟ୍ରପତିଙ୍କ ସହ ଯୋଗାଯୋଗ କରି ପାକିସ୍ତାନ ସପକ୍ଷରେ ଯାଉଥିବା ନୌଭେଳାକୁ ଇଣ୍ଡୋନେସିଆ ଫେରାଇ ଆଣିବାରେ ସମର୍ଥ ହୋଇଥିଲେ। ଗାନ୍ଧୀଜୀ ଯେଭଳି ତାଙ୍କ ସ୍ୱପ୍ନର ଭାରତ ପରିକଳ୍ପନା କରିଥିଲେ ବିଜୁବାବୁ ମଧ୍ୟ ସେହିଭଳି ନିଜ ସ୍ୱପ୍ନର ଓଡ଼ିଶା ଗଢ଼ିବା ପାଇଁ ଅର୍ଦ୍ଧଶତାବ୍ଦୀରୁ ଅଧିକ ସମୟ କାମ କରିଯାଇଛନ୍ତି। ସେ ପେଶାଦାର ରାଜନେତା ନ ଥିଲେ, ଥିଲେ ରାଷ୍ଟ୍ରନୀତିଜ୍ଞ। ସ୍ୱାଧୀନୋତ୍ତର ଭାରତ ବର୍ଷର ଜରୁରୀ ପରିସ୍ଥିତି ସମୟରେ ସେ କାରାବରଣ କରିଥିଲେ। ସେତେବେଳେ ଜାତୀୟ ସ୍ତରର ବହୁ ନେତାଙ୍କର ମେଳି ବସୁଥିଲା ବିଜୁବାବୁଙ୍କ ନୂଆଦିଲ୍ଲୀସ୍ଥିତ ଔରଙ୍ଗଜେବ୍ ରୋଡ୍ ଘରେ। ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ ଓ ଲକ୍ଷଲକ୍ଷ ସତ୍ୟାଗ୍ରହୀଙ୍କ କାରାବରଣ ପୃଷ୍ଠଭୂମିରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯେଉଁ ସ୍ୱାଧୀନତା ଲାଭ କରିଥିଲା, ତାହାକୁ ସମୃଦ୍ଧ ଓ ସଫଳ କରିବା ଲାଗି ଜାତୀୟ ସ୍ତରରେ ଏବଂ ଜନ୍ମଭୂମି ଓଡ଼ିଶାକୁ ଉପରକୁ ଉଠାଇବା ପାଇଁ ପ୍ରାଦେଶିକ ସ୍ତରରେ ବିଜୁଙ୍କ ସଂକଳ୍ପବଦ୍ଧ ଉଦ୍ୟମର ପଟାନ୍ତର ନାହିଁ। ●

E-mail:prahalladsinha@gmail.com
ମୋ: ୯୪୩୭୦୧୭୩୯୫

# ଜେନେରିକ ଔଷଧ ଫଳପ୍ରଦ ତ?

**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ମଧ୍ୟବିତ୍ତ ପରିବାରଗୁଡ଼ିକରେ ମାସିକ ଆୟର ଅଧିକାଂଶ ଔଷଧପତ୍ରରେ ଖର୍ଚ୍ଚ ହୋଇଯାଇଥାଏ। ଡାଇବେଟିସ୍, ହୃଦ୍‌ରୋଗ, ରକ୍ତଚାପ ଇତ୍ୟାଦିର ଔଷଧ। ସୀମିତ ଆୟ ଭିତରେ ପରିବାରର ସମସ୍ତ ଖର୍ଚ୍ଚ ଚଳେଇବା ତ ସହଜେ ଏକ ସମସ୍ୟା। ତା' ସାଙ୍ଗକୁ ଔଷଧ ଖର୍ଚ୍ଚ ଯୋଗାଇବା ପରିବାରରେ ଦୁଶ୍ଚିନ୍ତାର ପ୍ରଧାନ କାରଣ। ସେ କ୍ଷେତ୍ରରେ ଅନେକେ ଏବେ ନାମୀଦାମୀ ବ୍ରାଣ୍ଡର ଔଷଧ ବଦଳରେ ଖର୍ଚ୍ଚ ବଞ୍ଚେଇବା ପାଇଁ ନିର୍ଭର କରୁଛନ୍ତି ଜେନେରିକ୍ ମେଡିସିନ୍ ଉପରେ।

ସହରଗୁଡ଼ିକର ନାନା ସ୍ଥାନରେ ଏବେ ଖୋଲି ଚାଲିଛି ଜେନେରିକ୍ ଔଷଧର ଦୋକାନ। ପ୍ରେସ୍‌କ୍ରିପ୍‌ସନ୍ ହାତରେ ଧରି ସେଠାକୁ ଗଲେ ଅନେକ ସମୟରେ ଶୁଣାଯାଏ – 'ଏଇ ସମାନ ଔଷଧର ଜେନେରିକ ଔଷଧ ଅଛି। ଦାମ୍ ଅନେକ କମ୍।' ଅନେକେ କିନ୍ତୁ ଏଥିପ୍ରତି ଧ୍ୟାନ ଦେଇ ନ ଥା'ନ୍ତି। ଏଇଆ ଭାବି ସଂକୋଚବୋଧ କରନ୍ତି, ଏ ଔଷଧ କାମ କରିବ ତ? ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ତ? ଇତ୍ୟାଦି। ମାତ୍ର ଜାଣି ରଖିବା ଦରକାର ଯେ ଡ୍ରଗ୍ ରେଗୁଲେଟରୀ ବୋର୍ଡ ତରଫରୁ ପରୀକ୍ଷା କଲାପରେ ତେବେ ଯାଇ ଜେନେରିକ ମେଡିସିନକୁ ବଜାରକୁ ଛଡ଼ାଯାଇଥାଏ ବିକ୍ରି ହେବା ପାଇଁ। ତେଣୁ ଜେନେରିକ ଔଷଧ ଖାଇଲେ ଯେ କ୍ଷତି ହେବନି ଏହି ଭରସା କରି ହେବ।

### ଜେନେରିକ ମେଡିସିନ କ'ଣ?

କୌଣସି ନିର୍ଦ୍ଦିଷ୍ଟ ବ୍ରାଣ୍ଡର ମୂଳ ଔଷଧଟିର ପ୍ୟାଟେଣ୍ଟ କରାଯାଇଥାଏ। ପ୍ୟାଟେଣ୍ଟ ଅଧିକାର ବଳବତ୍ତର ରହିଥାଏ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ। ସେହି ସମୟ ଶେଷ ହୋଇଯିବା ପରେ ସେହି ସକ୍ରିୟ ଉପାଦାନ, ସମାନ ଡୋଜ୍, ଖାଇବା କି ଇଞ୍ଜେକସେନ ଆକାରରେ କି ଅନ୍ୟ ପ୍ରକାରରେ ପ୍ରୟୋଗ କରିବା ପାଇଁ ଯେଉଁ ଔଷଧ ବଜାରକୁ ଆସିଥାଏ, ତାକୁ ହିଁ କୁହାଯାଏ ଜେନେରିକ୍ ମେଡିସିନ୍। ଗୋଟିଏ ନୂତନ ଔଷଧ ଆବିଷ୍କାର କଲେ ସଂଶ୍ଳିଷ୍ଟ ସଂସ୍ଥା କିଛି ବର୍ଷ ପାଇଁ ସେହି ଔଷଧ ଉପରେ ପ୍ୟାଟେଣ୍ଟ ପାଇଥାଏ। ଏହି ସମୟରେ ଅନ୍ୟ କୌଣସି କମ୍ପାନୀ ସେହି ସମାନ ଔଷଧ ତିଆରି କରି ପାରେନା। ପ୍ୟାଟେଣ୍ଟର ମିଆଦ ପୂରିଗଲେ ଅନ୍ୟାନ୍ୟ କମ୍ପାନୀ ମଧ୍ୟ ସେହି ସମାନ ଉପାଦାନ ବ୍ୟବହାର କରି ଔଷଧ ତିଆରି କରିପାରନ୍ତି – ତାହା ହିଁ ଜେନେରିକ ମେଡିସିନ୍। ଏଗୁଡିକୁ କୁହାଯାଏ ମୂଳ ବ୍ରାଣ୍ଡେଡ୍ ଔଷଧର କପି ବା ନକଲ। କିନ୍ତୁ ତା'ର ଗୁଣମାନ, କାର୍ଯ୍ୟକାରିତା ମାନଦଣ୍ଡ ମାନି ଅନୁମୋଦିତ ହୋଇଥାଏ। ସ୍ୱାସ୍ଥ୍ୟ ବ୍ୟବସ୍ଥାରେ କ୍ରମବର୍ଦ୍ଧମାନ ଖର୍ଚ୍ଚ ମଧ୍ୟରେ ଜେନେରିକ ମେଡିସିନ୍ ଏବେ ସାରା ବିଶ୍ୱରେ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ ଭାବରେ ଉଭା।

### କାର୍ଯ୍ୟକାରିତା କିପରି ?

ଜେନେରିକ୍ ଔଷଧର କାର୍ଯ୍ୟକାରିତା ମୂଳ ଔଷଧର କାର୍ଯ୍ୟକାରିତା ସହିତ ସମାନ ହେବାର କଥା। ଏହି ଔଷଧକୁ ବଜାରକୁ ଆଣିବାର ଅନୁମୋଦନ ପାଇବା ପାଇଁ ହେଲେ ତାହା ଯେ ଶରୀରରେ ବ୍ରାଣ୍ଡେଡ୍ ଔଷଧ ଭଳି କାର୍ଯ୍ୟ କରିବ, ତା'ର ପ୍ରମାଣ ଦେବାକୁ ପଡ଼େ। କିଛି କ୍ଷେତ୍ରରେ ମୂଳ ଔଷଧରୁ ଏହି ଜେନେରିକ୍ ଔଷଧର ରଙ୍ଗ, ଆକୃତି, ପ୍ୟାକେଜିଂ ଇତ୍ୟାଦି ଅଲଗା ହୋଇପାରେ। କେତେବେଳେ କେମିତି ସହାୟକ ଉପାଦାନରେ ହୋଇଥାଏ ସାମାନ୍ୟ କିଛି ହେରଫେର। ତେବେ ଏହି ଉପାଦାନଗୁଡିକ ସାଧାରଣତଃ ଔଷଧର ମୂଳ କାର୍ଯ୍ୟଟିକୁ ପ୍ରଭାବିତ କରି ନ ଥାଏ। କିନ୍ତୁ ଏ କଥାଟି ମଧ୍ୟ ଠିକ୍ ଯେ ଜେନେରିକ ମେଡିସିନ ସମସ୍ତଙ୍କ କ୍ଷେତ୍ରରେ ସମାନ ଭାବରେ କାର୍ଯ୍ୟ କରେନି। ମୂଳ ଔଷଧର ଯେଉଁ ଡୋଜ୍‌ରେ ଜଣକର କାମ ହୋଇଯାଏ, ଜେନେରିକ ଔଷଧରେ କେବେ କେବେ ସେହି ଡୋଜ୍‌ରେ ପରିବର୍ତ୍ତନର ପ୍ରୟୋଜନ ପଡ଼େ।

### ସେ କ୍ଷେତ୍ରରେ ଉପାୟ?

ଚିକିତ୍ସକମାନଙ୍କ ମତରେ, ସାଧାରଣତଃ ରୋଗୀକୁ ସପ୍ତାହେ ଖଣ୍ଡେ ବ୍ରାଣ୍ଡେଡ୍ ଔଷଧ ଦେଇ ଶାରୀରିକ ଅବସ୍ଥା ପରୀକ୍ଷା କରିବା ପାଇଁ ହୁଏ। ତା'ପରେ ସମଗୋତ୍ରୀୟ ଜେନେରିକ୍ ଔଷଧ ଦିଆଯାଏ ସମାନ ସମୟ ପାଇଁ। ସେହି ଔଷଧ ଖାଇବା ପରେ ପୁନର୍ବାର ପରୀକ୍ଷା କରାଯାଏ। ଦୁଇଟି ଯାକର ଫଳାଫଳକୁ ଅନୁଧ୍ୟାନ କଲା ପରେ ଯାଇ ଜେନେରିକ ଔଷଧର ମାତ୍ରା ସମ୍ବନ୍ଧରେ ସିଦ୍ଧାନ୍ତ ନିଆଯାଏ। ପ୍ରୟୋଜନ ପଡ଼ିଲେ ଜେନେରିକ ଔଷଧର ଡୋଜ୍‌କୁ ଟିକିଏ ବଢ଼େଇ ଦେବା ପାଇଁ ପଡ଼େ। ଅନେକ ସମୟରେ ଜେନେରିକ ମେଡିସିନ୍ ସାଧାରଣ ଔଷଧ ତୁଳନାରେ ଟିକିଏ ଧୀରେ କାର୍ଯ୍ୟ କରେ। କିନ୍ତୁ ଚିକିତ୍ସକମାନଙ୍କ ମତ ହେଲା, ଏ ଦେଶରେ ଅଧିକାଂଶ ଲୋକ ନିମ୍ନମଧ୍ୟବିତ୍ତ ଶ୍ରେଣୀର। ମାସରେ ନିୟମିତ କେବଳ ଔଷଧ ପିଛାରେ ଟଙ୍କା ଖର୍ଚ୍ଚ କଲେ ହୁଏ ତ ଅନ୍ୟାନ୍ୟ ଖର୍ଚ୍ଚକୁ ତୁଲେଇବା କଷ୍ଟ ସାଧ ହୋଇପଡ଼ିବ। ସେକ୍ଷେତ୍ରରେ ଅର୍ଥ ଅଭାବରୁ ଔଷଧ ବ୍ୟବହାର ଅଧାରୁ ବନ୍ଦ କରିଦେବା ଅପେକ୍ଷା ଜେନେରିକ ମେଡିସିନ୍ ବରଂ ଭଲ। ତା'ର ଡୋଜ୍ ସାଧାରଣ ଔଷଧଠାରୁ ଟିକିଏ ବଢ଼େଇ ଦେଇ ହେଉ, କିମ୍ବା ଟିକିଏ ଧୀରେ କାର୍ଯ୍ୟ କରୁ ପଛେ, ରୋଗୀଟା ଅନ୍ତତଃ ସୁସ୍ଥ ତ ରହିବ। ରୋଗ ମଧ୍ୟ ନିୟନ୍ତ୍ରଣକୁ ଆସିଯିବ।

### ମାନସିକତାରେ ପାର୍ଥକ୍ୟ

ଆମେ ଜାଣୁ ଯେ ଔଷଧର କାର୍ଯ୍ୟକାରିତା ଅନେକଟା ନିର୍ଭର କରିଥାଏ ରୋଗୀର ମାନସିକ ଅବସ୍ଥା ଉପରେ। ଆମ ଦେଶରେ ରହିଛନ୍ତି ବିଭିନ୍ନ ଆର୍ଥିକ ଅବସ୍ଥାର ଲୋକ। ସେମାନଙ୍କ ମାନସିକତା ମଧ୍ୟ ଅଲଗା ହୋଇଥାଏ। ଟଙ୍କା ବ୍ୟବସ୍ଥା କରିବାରେ ସମସ୍ୟା ହେଲେ ମଧ୍ୟ ଅନେକଙ୍କର କମ୍ ଦାମ୍‌ର ଔଷଧ ଉପରେ ଭରସା ଆସେନି। ତେଣୁ ଡାକ୍ତର ଯେତେ ଆଶ୍ୱାସନା ଦେଲେ ବି ସେ କ୍ଷେତ୍ରରେ ଔଷଧ ଉପରେ ଭରସା ରଖି ଅଧାଅଧି ସୁସ୍ଥ ହୋଇଯା'ନ୍ତି। ସେ କ୍ଷେତ୍ରରେ ଜେନେରିକ ମେଡିସିନ୍ ହେଉ କିମ୍ବା ବ୍ରାଣ୍ଡେଡ୍, ଔଷଧ ଅନେକ ଦ୍ରୁତ କାର୍ଯ୍ୟ କରିବ। ସୁତରାଂ ମେଡିସିନ ଓ ତା'ର ଡୋଜ୍ ନିର୍ଦ୍ଧାରଣ କରାଯାଏ।

### ଜେନେରିକ ଔଷଧର ଦାମ ଏତେ କମ୍ କାହିଁକି ?

କୌଣସି ନୂତନ ଔଷଧର ଉଦ୍‌ଭାବନ ସମୟରେ ଗବେଷଣାର ତା'ର ପରୀକ୍ଷାନିରୀକ୍ଷା ଇତ୍ୟାଦିରେ ଗୋଟିଏ ବ୍ରାଣ୍ଡ ପାଇଁ ବିପୁଳ ଅର୍ଥ ବ୍ୟୟ କରିବା ପାଇଁ ହୋଇଥାଏ। ମାର୍କେଟିଂ ପାଇଁ ମଧ୍ୟ ଖର୍ଚ୍ଚ ହୁଏ ଅନେକ ଟଙ୍କା। କିନ୍ତୁ ଜେନେରିକ କମ୍ପାନୀଗୁଡିକର ସେସବୁ ଖର୍ଚ୍ଚ ନାହିଁ। ବଜାର ଚଳନ୍ତି ଔଷଧକୁ ହିଁ ସେମାନେ ନୂଆ ଭାବରେ ତିଆରି କରିଥା'ନ୍ତି। ଫଳରେ ସେମାନେ ଔଷଧର ଦାମ କମ୍ ରଖିପାରନ୍ତି। ପୁଣି ବଜାର ଦୃଷ୍ଟିରୁ ଦେଖିଲେ ଜେନେରିକ କମ୍ପାନୀଗୁଡିକ ବ୍ରାଣ୍ଡେଡ୍ ଔଷଧ ଭଳି ବେଶୀ ମାର୍କେଟିଂ ମଧ୍ୟ କରି ନଥା'ନ୍ତି। ଫଳରେ ଔଷଧ ତିଆରି ଖର୍ଚ୍ଚ ଅନେକ କମିଯାଏ। ପୁଣି ସମାନ ଔଷଧକୁ ଅନେକ କମ୍ପାନୀ ତିଆରି କରିବା ଯୋଗୁଁ ସେମାନେ ନିଜ ପ୍ରୟୋଜନ ଅନୁସାରେ ଦାମ୍ କମ୍ ରଖିଥା'ନ୍ତି।

### ପାର୍ଶ୍ୱ ପ୍ରତିକ୍ରିୟା ଥାଏ କି?

ସାଧାରଣତଃ ଜେନେରିକ୍ ମେଡିସିନ୍‌ର ସେପରି ଅତିରିକ୍ତ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନଥାଏ। ତେବେ ଅନେକ ସମୟରେ ଆଲର୍ଜି, ମୁଣ୍ଡ ବୁଲେଇବା, ପେଟରେ ସମସ୍ୟା ଆଦି ହୋଇପାରେ। ହେଲେ ସମାନ ଗୋତ୍ରର ବ୍ରାଣ୍ଡେଡ୍ ଔଷଧ କ୍ଷେତ୍ରରେ ମଧ୍ୟ ତାହା ହୋଇପାରେ। ଏହାର ମୂଳ କାରଣ ଔଷଧରେ ଥିବା ସକ୍ରିୟ ଉପାଦାନ; ବ୍ରାଣ୍ଡ ବା ଜେନେରିକ୍ ନୁହେଁ। ସହାୟକ ଉପାଦାନଗୁଡିକ ସମାନ ହେଲେ ମଧ୍ୟ ଔଷଧର ରଙ୍ଗ ବା ଆବରଣ ଅଲଗା ହୋଇପାରେ। ସେକ୍ଷେତ୍ରରେ ସେହି ରଙ୍ଗ ବା ଆବରଣ. ଅନେକଙ୍କୁ ସୁଖ ହୋଇ ନଥାଏ। ସେଥିରୁ ବି ଆଲର୍ଜି ହୋଇପାରେ।

### ସତର୍କତା ପ୍ରୟୋଜନ

ଜେନେରିକ ଔଷଧ ନିରାପଦ। ଏହାସତ୍ତ୍ୱେ ଚିକିତ୍ସକଙ୍କୁ ନ ପଚାରି ନିଜେ ନିର୍ବାଚନ କରି ପକେଇ ସେହି ଔଷଧର ବ୍ୟବହାର ଆରମ୍ଭ କରିଦେବେନି। ସମାନ ଉପାଦାନ ଥାଉ ମଧ୍ୟ ଡୋଜ୍‌ରେ ପାର୍ଥକ୍ୟ ଥାଇପାରେ। ପୁଣି ପୂର୍ବରୁ ଅନ୍ୟ କୌଣସି ଶାରୀରିକ ସମସ୍ୟା କିମ୍ବା ଆଲର୍ଜି ହେଲେ ସବୁ ଜେନେରିକ୍ ମେଡିସିନ ସମାନ ଭାବରେ କାମ. କରିବନି। ଜେନେରିକ୍ ଔଷଧର ପରିଚୟରେ ବି ଅନେକ ସମୟରେ ନକଲି ଔଷଧ ଆସିଯାଏ ବଜାରକୁ। ସୁତରାଂ ନିଜେ ନିଜେ ଔଷଧ ଦୋକାନରେ କହି ଜେନେରିକ ଔଷଧ ନ କିଣି ଡାକ୍ତରଙ୍କ ପ୍ରେସ୍‌କ୍ରିପସନ ଦେଖେଇ ଔଷଧ କିଣିବା ଭଲ। ପରିଚିତ ନିର୍ଭରଯୋଗ୍ୟ ଔଷଧ ଦୋକାନ ବା ସରକାର ଅନୁମୋଦିତ ଜନଔଷଧି କେନ୍ଦ୍ରରୁ ଔଷଧ କିଣିବା ନିରାପଦ।

ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ମାନ ନିୟନ୍ତ୍ରଣ ଠିକ୍। ହେଲେ ମେଡିସିନ ଚିକିତ୍ସା କ୍ଷେତ୍ରରେ ନିରାପଦ ଏବଂ ଅର୍ଥନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ। ଚିକିତ୍ସକଙ୍କର ପରାମର୍ଶ, ଠିକ୍ ଡୋଜ୍ ଏବଂ ବିଶ୍ୱସ୍ତ ଉତ୍ସ – ଏହି ତିନିଟି ବିଷୟକୁ ମାନି ଚଳିଲେ ଜେନେରିକ ଔଷଧ ଅନେକ ରୋଗୀଙ୍କ ଚିକିତ୍ସାକୁ ସହଜ କରିପାରେ। ●

ଅଭୀପ୍ସା, ସେକ୍ଟର- ୬, ପ୍ଲଟ ନଂ – ୧୯୩୧
ଅଭିନବ ବିଡ଼ାନାସୀ, କଟକ - ୭୫୩୦୧୪

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ...

## ସଂସଦରେ ସରକାର-ବିରୋଧୀ...

ବିରୋଧୀଙ୍କୁ ପରାମର୍ଶ ଦେଇ ସେ କହିଲେ ଯେ ଏହାକୁ ବିରୋଧ କଲେ ମହିଳାମାନେ କ୍ଷମା କରିବେ ନାହିଁ। ମହିଳା ସଂରକ୍ଷଣ ବିଲକୁ ବିରୋଧ କରିଥିବା ଦଳ ଅତୀତରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ବୋଲି ସେ କହିଥିଲେ।

ସେହିଭଳି ଆଲୋଚନାରେ ଅଂଶଗ୍ରହଣ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଲେ ଯେ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ନାମରେ ବିଭ୍ରାନ୍ତି ସୃଷ୍ଟି କରାଯାଉଛି। ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା କୌଣସି ରାଜ୍ୟର କ୍ଷତି ହେବନାହିଁ। ବିଶେଷ କରି ଦକ୍ଷିଣ ଭାରତ ରାଜ୍ୟ ଏହାକୁ ନେଇ ଆଦୌ ଆତଙ୍କିତ ହେବା ଠିକ୍ ନୁହେଁ। କାରଣ ସମୁ ରାଜ୍ୟର ଲୋକସଭା ସଭ୍ୟ ସଂଖ୍ୟା ୫୦ ପ୍ରତିଶତ ବୃଦ୍ଧି ପାଇବ। ଉଦାହରଣ ଦେବାକୁ ଯାଇ ସେ କହିଲେ ଯେ ତାମିଲନାଡୁରେ ଏବେ ୩୯ ଆସନ ଥିବା ବେଳେ ସେମାନଙ୍କୁ ଆଉ ୨୦ଟି ଆସନ ମିଳିବ ଏବଂ ଲୋକସଭାରେ ରାଜ୍ୟର ପ୍ରତିନିଧିତ୍ୱ ୫୯କୁ ବୃଦ୍ଧି ପାଇବ। ସେହିଭଳି କେରଳକୁ ଆଉ ୧୦ଟି ଆସନ ମିଳିବାକୁ ଥିବା ବେଳେ ତେଲେଙ୍ଗାନାକୁ ୯ ଏବଂ ଆନ୍ଧ୍ର ପ୍ରଦେଶକୁ ଆଉ ୧୩ଟି ଆସନ ମିଳିବ। ଅନ୍ୟତମ ଦକ୍ଷିଣ ରାଜ୍ୟ କର୍ଣ୍ଣାଟକ ସଭ୍ୟ ସଂଖ୍ୟା ୨୮ ରୁ ୪୨କୁ ବୃଦ୍ଧି ପାଇବ। ଦକ୍ଷିଣ ଭାରତର ଏହି ୫ଟି ରାଜ୍ୟରେ ଏବେ ମୋଟ୍ ୧୨୯ ଲୋକସଭା ସଭ୍ୟ ଥିବା ବେଳେ ସୀମା ପୁନଃନିର୍ଦ୍ଧାରଣ ପରେ ଏହି ସଂଖ୍ୟା ୧୯୫କୁ ବୃଦ୍ଧି ପାଇବ। ଦେଶର ସବୁଠାରୁ ବଡ଼ ଦୁଇଟି ରାଜ୍ୟ ଉତ୍ତର ପ୍ରଦେଶର ସଭ୍ୟ ସଂଖ୍ୟା ୧୨୦କୁ ଏବଂ ମହାରାଷ୍ଟ୍ରରେ ସଭ୍ୟ ସଂଖ୍ୟା ୭୨କୁ ବୃଦ୍ଧି ପାଇବ।

ଆଲୋଚନାରେ ଭାଗ ନେଇ ବିରୋଧୀ ଦଳର ନେତାମାନେ ଉପରୋକ୍ତ ଦୁଇଟି ବିଲକୁ ସରକାର ଏକ ସଙ୍ଗରେ ଆଣିଥିବାରୁ ସମାଲୋଚନା କରିଥିଲେ। ସେମାନେ ପ୍ରଶ୍ନ କରିଥିଲେ ଯେ ମହିଳା ବିଲ ସହିତ ସୀମା ପୁନଃନିର୍ଦ୍ଧାରଣ ବିଲକୁ କାହିଁକି ଯୋଡ଼ାଯାଇଛି? ୨୦୨୬ ଜନଗଣନାକୁ ସରକାର ଅପେକ୍ଷା କରିବାକୁ ଡରୁଛନ୍ତି କାହିଁକି? ମହିଳାଙ୍କ ସ୍ୱାର୍ଥ ପାଇଁ ସରକାର ଯଦି ବ୍ୟାକୁଳ ତାହାହେଲେ ଏବେ କାହିଁକି ମହିଳା ସଂରକ୍ଷଣ ବିଲ ଲାଗୁ କରାଯାଉ ନାହିଁ? ସରକାର ୨୦୨୯କୁ କାହିଁକି ଅପେକ୍ଷା କରୁଛନ୍ତି? ଆଲୋଚନାରେ ଭାଗ ନେଇ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ପ୍ରିୟଙ୍କା ପ୍ରାଚୀନ କୂଟନୀତିଜ୍ଞ ଚାଣକ୍ୟଙ୍କ ସନ୍ଦର୍ଭ ଦେଇ ବିଜେପିର ନିର୍ବାଚନୀ ରଣନୀତିକୁ କଟାକ୍ଷ କରିଥିଲେ। ତାଙ୍କର ଏହି କଟାକ୍ଷ ଗୃହରେ ହାସ୍ୟରୋଳ ସୃଷ୍ଟି କରିଥିଲା। ଗୃହରେ ଉପସ୍ଥିତ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ମଧ୍ୟ ଏହି କଥାରେ ହସିବା ଦେଖାଯାଇଥିଲା। ପ୍ରିୟଙ୍କା ମହିଳାମାନଙ୍କୁ ସଂସଦରେ ପ୍ରତିନିଧିତ୍ୱ ନିମନ୍ତେ ସଂରକ୍ଷଣ ବିଲ୍ ନିଷ୍ପତ୍ତିକୁ ସମର୍ଥନ କରିଥିଲେ। ତେବେ ସେ ଏହି ବିଲ୍‌ର ଆଗତ ସମୟ ଏବଂ ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ ଯେ, ଶାସକ ବିଜେପି ସରକାର ଏହାକୁ ଏକ ସଂସ୍କାରମୂଳକ ପଦକ୍ଷେପ ଅପେକ୍ଷା ନିର୍ବାଚନୀ ରଣନୀତି ଭାବେ ଅଧିକ ବ୍ୟବହାର କରୁଛନ୍ତି। ସେ କହିଥିଲେ, 'ଯଦି ଚାଣକ୍ୟ ଆଜି ଜୀବିତ ଥାଆନ୍ତେ, ତେବେ ନିର୍ବାଚନ ଜିତିବା ପାଇଁ ବିଜେପିର ଏହି ଚତୁର ଷଡ଼ଯନ୍ତ୍ର ଦେଖି ସେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥାନ୍ତେ।' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମହିଳା ସଶକ୍ତୀକରଣ ଭାଷଣକୁ କଟାକ୍ଷ କରି ପ୍ରିୟଙ୍କା କହିଥିଲେ ଯେ, ସରକାର ଗୋଟିଏ ପଟେ ମହିଳାଙ୍କ ଅଧିକାର ବିଷୟରେ କହୁଥିବା ବେଳେ ଅନ୍ୟପଟେ ସାମ୍ବିଧାନିକ ନୀତିକୁ ଦୁର୍ବଳ କରୁଛନ୍ତି। କଂଗ୍ରେସର ଶଶି ଥରୁର, ଗୌରବ ଗୋଗଇ ଏବଂ ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ ସେମାନଙ୍କ ମତ ରଖିଥିଲେ।

ଅଲୋଚନା ପରେ ଆସନ୍ତାକାଲି ଏହି ବିଲ୍ ଉପରେ ମତଦାନ ହେବ ବୋଲି ସରକାର ସୂଚନା ଦେଇଛନ୍ତି। ମହିଳା ସଂରକ୍ଷଣ ବିଲ୍ ଏବଂ ସୀମା ପୁନଃନିର୍ଦ୍ଧାରଣ କମିସନ ଗଠନ ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ବିଲ୍ ଅନୁମୋଦନ କରିବାକୁ ହେଲେ ଗୃହରେ ଉପସ୍ଥିତ ଦୁଇ ତୃତୀୟାଂଶ ସଭ୍ୟ ସମର୍ଥନ ଦେବା ଦରକାର। କିନ୍ତୁ ସରକାର ପାଖରେ ଆବଶ୍ୟକ ସଂଖ୍ୟା ନଥିବାରୁ ଏହି ବିଲ୍ କିପରି ଅନୁମୋଦିତ ହେବ, ତାହାକୁ ନେଇ ସମସ୍ତଙ୍କର ନଜର ସରକାରଙ୍କର ରଣନୀତି ଉପରେ ରହିଛି।

### ସମ୍ବିଧାନ ସଂଶୋଧନ ପାଇଁ ଅଙ୍କକଷା ଆରମ୍ଭ

ଭାରତୀୟ ସଂସଦରେ ଆଜି ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରାଯାଇଛି, ଯେଉଁଥିରେ ବିଧାନସଭା ଓ ଲୋକସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ, ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଆସନ ବୃଦ୍ଧି ଭଳି ପ୍ରସଙ୍ଗ ରହିଛି। ସରକାର ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ଏହି କୋଟା ଲାଗୁ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ବିଲ୍‌ଗୁଡ଼ିକ ସମ୍ବିଧାନ ସଂଶୋଧନ ସହ ଜଡିତ ହୋଇଥିବାରୁ, ଏହାକୁ ପାରିତ କରିବା ପାଇଁ ସଂସଦରେ 'ସ୍ୱତନ୍ତ୍ର ସଂଖ୍ୟାଗରିଷ୍ଠତା' (ଉପସ୍ଥିତ ଏବଂ ଭୋଟ୍ ଦେଉଥିବା ସଦସ୍ୟଙ୍କ ଦୁଇ-ତୃତୀୟାଂଶ ସମର୍ଥନ) ଆବଶ୍ୟକ। ୫୪୧ ସଦସ୍ୟ ବିଶିଷ୍ଟ ଲୋକସଭାରେ ବିଲ୍ ପାସ୍ ପାଇଁ ୩୬୦ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ। ବର୍ତ୍ତମାନ ଶାସକ ଏନ୍‌ଡିଏ ମେଣ୍ଟ ପାଖରେ ୨୯୩ ସଦସ୍ୟ ଅଛନ୍ତି, ଅର୍ଥାତ୍ ବହୁମତ ପାଇଁ ସରକାରଙ୍କୁ ଆଉ ୬୭ଟି ସଦସ୍ୟଙ୍କର ଆବଶ୍ୟକତା ରହିଛି। ରାଜ୍ୟସଭାରେ ମ୍ୟାଜିକ୍ ନମ୍ବର ହେଉଛି ୧୬୩। ଏନ୍‌ଡ଼ିଏ ପାଖରେ ୧୪୨ରୁ ଅଧିକ ସଦସ୍ୟ ଥିଲେ ହେଁ, ଏଠାରେ ମଧ୍ୟ ସରକାର ଆଉ ୨୧ ଜଣ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ କରୁଛନ୍ତି। ଯଦିଓ ପ୍ରାୟ ସମସ୍ତ ବିରୋଧୀ ଦଳ ମହିଳା ସଂରକ୍ଷଣକୁ ସମର୍ଥନ କରୁଛନ୍ତି, କିନ୍ତୁ ଏହାକୁ ସୀମା ନିର୍ଦ୍ଧାରଣ (ଡିଲିମିଟେସନ) ସହ ଯୋଡ଼ିବାକୁ ନେଇ ସେମାନେ ଘୋର ବିରୋଧ କରୁଛନ୍ତି। ସୀମା ନିର୍ଦ୍ଧାରଣ ହେଲେ ଉତ୍ତର ଭାରତର ଆସନ ବଢ଼ିବ ଏବଂ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ସଂସଦରେ ପ୍ରଭାବ ହ୍ରାସ ପାଇବ ବୋଲି ଆଶଙ୍କା କରାଯାଉଛି।

ସୀମା ନିର୍ଦ୍ଧାରଣ ପରେ ଲୋକସଭା ଆସନ ସଂଖ୍ୟା ବର୍ତ୍ତମାନର ୫୪୩ରୁ ୮୫୦କୁ ବୃଦ୍ଧି ପାଇପାରେ। କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଆସନ ସଂଖ୍ୟା ୨୦ରୁ ୩୫କୁ ବୃଦ୍ଧି ପାଇବ। କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ସଂଖ୍ୟା ରହିଛି ଏବଂ କୌଣସି ଦଳ ମହିଳା ସଂରକ୍ଷଣକୁ ବିରୋଧ କରୁନାହାନ୍ତି।

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ, ବିଜେପି ୨୦୨୯ ନିର୍ବାଚନରେ ନିଜ ଫାଇଦା ପାଇଁ ଆସନଗୁଡ଼ିକର ପୁନର୍ଗଠନ କରିବାକୁ ଚାହୁଁଛି। ପୂର୍ବରୁ ସରକାରଙ୍କୁ ସମର୍ଥନ ଦେଉଥିବା ବିଜେଡି (ବିଜେଡି) ଏବଂ ବିଆରଏସ (ବିଆରଏସ୍) ଭଳି ଦଳ ମଧ୍ୟ ସୀମା ନିର୍ଦ୍ଧାରଣ ପ୍ରସଙ୍ଗରେ ନିଜର ଆଭିମୁଖ୍ୟ କଠୋର କରିଛନ୍ତି।

## ସୀମା ନିର୍ଦ୍ଧାରଣ...

୨୦୨୬'କୁ ଏକ 'କଳା ଆଇନ' ବୋଲି କହି ଏହାର ନକଲ୍‌କୁ ସର୍ବସମ୍ମୁଖରେ ପୋଡ଼ି ଦେଇଛନ୍ତି। ପ୍ରତିବାଦ ସ୍ୱରୂପ ସେ କଳା ପୋଷାକ ପରିଧାନ କରିବା ସହ ନିଜ ବାସଭବନରେ କଳା ପତାକା ଉତ୍ତୋଳନ କରିଛନ୍ତି। ତାମିଲନାଡୁର ସମସ୍ତ ଜନସାଧାରଣଙ୍କୁ ନିଜ ନିଜ ଘରେ କଳା ପତାକା ଲଗାଇବାକୁ ସେ ଆହ୍ୱାନ ଦେଇଛନ୍ତି।

ପୂର୍ବତନ ହିନ୍ଦୀ ବିରୋଧୀ ଆନ୍ଦୋଳନର ଉଦାହରଣ ଦେଇ ଷ୍ଟାଲିନ୍ କହିଛନ୍ତି ଯେ, ଏହି ନୂଆ ବିଲ୍ ତାମିଲମାନଙ୍କୁ ନିଜ ମାଟିରେ ଶରଣାର୍ଥୀ କରିଦେବ। ଦ୍ରାବିଡ଼ ଭୂମିର ଏହି ପ୍ରତିବାଦ ଦିଲ୍ଲୀର 'ଅହଙ୍କାର'କୁ ଚୂର୍ଣ୍ଣ କରିବ ବୋଲି ସେ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ତାମିଲନାଡୁ ସରକାର ଓ ଶାସକ ଡିଏମକେ (ଉଗକ) ପକ୍ଷରୁ କୁହାଯାଇଛି ଯେ, ଜନସଂଖ୍ୟା ଆଧାରରେ ସୀମା ନିର୍ଦ୍ଧାରଣ ହେଲେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ କ୍ଷତିଗ୍ରସ୍ତ ହେବେ।

କେନ୍ଦ୍ର ସରକାର ଲୋକସଭା ଆସନ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି କରିବାକୁ ଯୋଜନା କରୁଛନ୍ତି। ଏହାଦ୍ୱାରା ଉତ୍ତର ପ୍ରଦେଶ ଭଳି ଅଧିକ ଜନସଂଖ୍ୟା ବିଶିଷ୍ଟ ରାଜ୍ୟର ଆସନ ବଢ଼ିଯିବ, ଯାହାକି ପରିବାର ନିୟୋଜନକୁ ସଫଳତାର ସହ କାର୍ଯ୍ୟକାରୀ କରିଥିବା ତାମିଲନାଡୁ ଭଳି ରାଜ୍ୟର ରାଜନୈତିକ ପ୍ରତିପତ୍ତିକୁ ହ୍ରାସ କରିବ। ରାଜ୍ୟ ମନ୍ତ୍ରୀ ଅନବିଲ୍ ମହେଶ କହିଛନ୍ତି ଯେ, ବିରୋଧୀଙ୍କୁ ଏହି ବିଲ୍‌ର ଚିଠା ରିପୋର୍ଟ ଦିଆଯାଇ ନାହିଁ ଏବଂ ଅତ୍ୟନ୍ତ ତରବରିଆ ଭାବେ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। କେନ୍ଦ୍ର ସରକାର ଏପ୍ରିଲ ୧୬ରୁ ୧୮ ପର୍ଯ୍ୟନ୍ତ ସଂସଦର ଏକ ତିନି ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ଏଥିରେ ନାରୀ ଶକ୍ତି ବନ୍ଦନ ଅଧିନିୟମକୁ କାର୍ଯ୍ୟକାରୀ କରିବା ସହ ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ମହିଳା ସଂରକ୍ଷଣ ଓ ସୀମା ନିର୍ଦ୍ଧାରଣ ପ୍ରକ୍ରିୟାକୁ ଗତିଶୀଳ କରିବା ପାଇଁ ସମ୍ବିଧାନ ସଂଶୋଧନ କରାଯିବାର ସମ୍ଭାବନା ରହିଛି।

## ଭାରତକୁ ତେଲ...

ସପ୍ତାହ ଭାରତ, ଇରାନରୁ ୪୦ ଲକ୍ଷ ବ୍ୟାରେଲ ତୈଳ ଆମଦାନୀ କରିଥିଲା। ମାତ୍ର ଆମେରିକାର ନୂତନ କଟକଣା ପରେ ଇରାନରୁ ତୈଳ ଆମଦାନୀ ପୁଣି ଥରେ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। ସେହିଭଳି ରୁଷ ତେଲ ଉପରେ ମଧ୍ୟ ପୁଣି କଟକଣା ଜାରି କରିଛି ଆମେରିକା। ୟୁକ୍ରେନ ଯୁଦ୍ଧ ପରଠାରୁ ଭାରତ ରୁଷରୁ ମଧ୍ୟ ବହୁ ପରିମାଣରେ ଅଶୋଧିତ ତୈଳ କ୍ରୟ କରୁଛି। ଆମେରିକାର ଏହି ନିଷ୍ପତ୍ତି ପରେ ଏହି କାରବାର ଉପରେ ଚାପ ବଢ଼ିବ।

ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଯୋଗୁଁ ଇରାନ 'ହର୍ମୁଜ ପ୍ରଣାଳୀ' ଅବରୋଧ କରିଥିବାରୁ ବିଶ୍ୱ ବଜାରରେ ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଫଳରେ ତୈଳ ଦର ଆକାଶଛୁଆଁ ହୋଇଛି। ଯଦିଓ ଓମାନରେ ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଆଲୋଚନା ପାଇଁ ପ୍ରୟାସ ଜାରି ରହିଛି, ତଥାପି ୱାସିଂଟନ ଏହି ବିବାଦରେ କୌଣସି ପ୍ରକାର କୋହଳ ମନୋଭାବ ପୋଷଣ କରିବାକୁ ପ୍ରସ୍ତୁତ ନୁହେଁ। ଏହି ସମସ୍ୟା ସ ।।ତ୍ତ୍ୱେ ଭାରତ ସରକାର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ ଦେଶରେ ପର୍ଯ୍ୟାପ୍ତ ତୈଳ ମହଜୁଦ ରହିଛି। ଭାରତ ନିଜର ଆମଦାନୀ ପାଇଁ କେବଳ ଗୋଟିଏ କିମ୍ବା ଦୁଇଟି ଦେଶ ଉପରେ ନିର୍ଭର ନକରି 'ସୋର୍ସିଂ ଷ୍ଟ୍ରାଟେଜି' ବା ଉତ୍ସ ବିଭିଦ୍ଧିକରଣ ନୀତି ଆପଣାଇଛି, ଯାହା ଦ୍ୱାରା ଆଭ୍ୟନ୍ତରୀଣ ବଜାରରେ ତୈଳ ସଙ୍କଟ ସୃଷ୍ଟି ହେବାର ଆଶଙ୍କା କମ୍ ରହିଛି।

## ସୀମା ପୁନଃନିର୍ଦ୍ଧାରଣ...

ଅତୁଳନୀୟ। ଐତିହାସିକ ବିଦ୍ରୋହରୁ ଆରମ୍ଭ କରି ଗଣ-ଆନ୍ଦୋଳନ ପର୍ଯ୍ୟନ୍ତ ଓଡ଼ିଶାର ଅବଦାନ ରହିଛି। ଓଡ଼ିଶା ଅନେକ ସାହସୀ ସନ୍ତାନଙ୍କୁ ଜନ୍ମ ଦେଇଛି, ଯେଉଁମାନେ ଅନ୍ୟାୟ ବିରୋଧରେ ଅଟଳ ଭାବେ ଠିଆ ହୋଇଥିଲେ। ସେମାନଙ୍କ ମଧ୍ୟରେ ଭାରତର ପ୍ରଥମ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ନାୟକ ଆମ ଆଦିବାସୀ ସମାଜର ଅଟଳ ଚେତନାର ପ୍ରତୀକ। ଓଡ଼ିଶାର ଅଧିକାର କ୍ଷତିଗ୍ରସ୍ତ ହେଲେ କେବେ ମୁଣ୍ଡ ନୁଆଁଇବ ନାହିଁ ବୋଲି ଲକ୍ଷ୍ମଣ ନାୟକଙ୍କ ତ୍ୟାଗ ସ୍ମାରକୀ ଭାବେ ରହି ଆସିଛି। ରାଜ୍ୟର ସ୍ୱରକୁ ଦୁର୍ବଳ କରୁଥିବା କିମ୍ବା ଜାତୀୟ ସ୍ତରରେ ଓଡ଼ିଶାର ଯଥାର୍ଥ ସ୍ଥାନକୁ ହ୍ରାସ କରୁଥିବା ଯେ କୌଣସି ପ୍ରୟାସ ବିରୋଧରେ କଂଗ୍ରେସ ଦଳ ଅଟଳ ଭାବେ ଠିଆ ହେବ ବୋଲି ସେ କହିଛନ୍ତି। ଓଡ଼ିଶାରେ ବହୁଳ ଭାବେ ଆଦିବାସୀ ଜନସଂଖ୍ୟା ରହିଛି ଏବଂ ପ୍ରାୟ ଦଶଟି ଜିଲ୍ଲା ମୁଖ୍ୟତଃ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ରହିଛି। ରାଜନୈତିକ ପ୍ରତିନିଧିତ୍ୱରେ କୌଣସି ହ୍ରାସ ଘଟିଲେ ଏହି ଅଞ୍ଚଳଗୁଡ଼ିକୁ ସିଧାସଳଖ କ୍ଷତିଗ୍ରସ୍ତ ହେବେ। ତେଣୁ ପ୍ରସ୍ତାବିତ ସୀମା ନିର୍ଦ୍ଧାରଣ (ଡିଲିମିଟେସନ) ପ୍ରକ୍ରିୟା ଅତ୍ୟନ୍ତ ଚିନ୍ତାଜନକ ଏବଂ ଅଗ୍ରହଣୀୟ। ଯଦିଓ ଏଥିରେ ଓଡ଼ିଶାର ଲୋକସଭା ଆସନ ସଂଖ୍ୟା ବଢ଼ିବାର ପ୍ରସ୍ତାବ ରହିଛି, ହେଲେ ଓଡ଼ିଶାର ଆନୁପାତିକ ପ୍ରତିନିଧିତ୍ୱ ହ୍ରାସ ପାଇବାର ଆଶଙ୍କା କରାଯାଉଛି। ଏହା ଓଡ଼ିଶାର ସ୍ୱରକୁ ଜାତୀୟ ସ୍ତରରେ ଦୁର୍ବଳ କରିବ। ଏହା ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଅଧିକାର, ମର୍ଯ୍ୟାଦା ଏବଂ ଭବିଷ୍ୟତ ଉପରେ ସିଧାସଳଖ ଆକ୍ରମଣ। ଏହି ପ୍ରସଙ୍ଗରେ କୌଣସି ବୁଝାମଣା ଓଡ଼ିଶାବାସୀଙ୍କ ସହ ବିଶ୍ୱାସଘାତକତା ବୋଲି ଧରାଯିବ। ତେଣୁ ରାଜ୍ୟ ସରକାର ତୁରନ୍ତ ଏବଂ ନିଷ୍ପତ୍ତିମୂଳକ କାର୍ଯ୍ୟାନୁଷ୍ଠାନ ନେବା ଉଚିତ। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ନୀରବତା କିମ୍ବା ନିଷ୍କ୍ରିୟତା ଆଦୌ ଗ୍ରହଣୀୟ ନୁହେଁ। ତେଣୁ ଅବିଳମ୍ବେ ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି 'ଓଡ଼ିଶା ରାଜନୈତିକ ଅଧିକାରରେ ସାମାନ୍ୟତମ ହ୍ରାସକୁ ମଧ୍ୟ ସହ୍ୟ କରାଯିବ ନାହିଁ' ବୋଲି ପ୍ରସ୍ତାବ ପାରିତ କରାଯିବାର ଆବଶ୍ୟକତା ରହିଛି। ରାଜ୍ୟର ସ୍ୱାର୍ଥ ରକ୍ଷା କରିବାର ଦାୟିତ୍ୱ ମୁଖ୍ୟମନ୍ତ୍ରୀଙ୍କ ଉପରେ ରହିଛି। ଇତିହାସ ଏହି ସମୟକୁ ବିଚାର କରିବ ଏବଂ ଓଡ଼ିଶାବାସୀଙ୍କ ଅଧିକାର ପାଇଁ ଠିଆ ହେବାରେ କୌଣସି ବିଫଳତାକୁ କ୍ଷମା ଦେବ ନାହିଁ। ସଂଘୀୟ ବ୍ୟବସ୍ଥାରେ ଓଡ଼ିଶାର ଯଥାର୍ଥ ସ୍ଥାନ ସୁରକ୍ଷିତ କରିବା ଲକ୍ଷ୍ୟରେ କୌଣସି ପ୍ରୟାସରେ କଂଗ୍ରେସ ଦଳ ପୂର୍ଣ୍ଣ ସମର୍ଥନ ଦେବ ବୋଲି ଶ୍ରୀ କାଡାମ ଦଳ ପକ୍ଷରୁ କହିଛନ୍ତି।

## ଓଡ଼ିଶାର ସ୍ୱାର୍ଥ ପାଇଁ...

ପିତା ବିଜୁ ପଟ୍ଟନାୟକଙ୍କ ପରି ମୁଁ ବ୍ୟକ୍ତିଗତ ଭାବରେ ଏହାର ସମର୍ଥକ ରହି ଆସିଛି। ବିଜୁ ପଟ୍ଟନାୟକ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକରେ ମହିଳାଙ୍କ ପାଇଁ ସଂରକ୍ଷଣର ପ୍ରବର୍ତ୍ତନ କରିଥିଲେ ଏବଂ ମୁଁ ଆପଣମାନଙ୍କ ସମର୍ଥନରେ ଏହାକୁ ବୃଦ୍ଧି କରିଥିଲି। ସେହିପରି ୨୦୨୩ ମସିହାରେ ବିଜେଡି ୧୦୬ତମ ସମ୍ବିଧାନ ସଂଶୋଧନ ବିଲ୍ (ନାରୀ ଶକ୍ତି ବନ୍ଦନ ଅଧିନିୟମ)କୁ ପୂର୍ଣ୍ଣ ହୃଦୟରେ ସମର୍ଥନ କରିଥିଲା। କିନ୍ତୁ ପ୍ରସ୍ତାବିତ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଏହାର ଉଲ୍ଲେଖିତ ଉଦ୍ଦେଶ୍ୟଠାରୁ ଅଧିକ ଗମ୍ଭୀର ଚିନ୍ତା ସୃଷ୍ଟି କରୁଛି। ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ସଂସଦରେ ପାରିତ ହୁଏ, ତେବେ ଏଥିରେ ଓଡ଼ିଶା ଗଭୀର ଭାବରେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି।

ସେ ପୁଣି କହିଛନ୍ତି ଯେ ଭାରତୀୟ ସଂଘୀୟ ବ୍ୟବସ୍ଥାର ମୂଳ ହେଉଛି ସମତୁଲ ପ୍ରତିନିଧିତ୍ୱ। କୌଣସି ସୀମା ନିର୍ଧାରଣ (ଡିଲିମିଟେସନ୍) ପ୍ରକ୍ରିୟା ଯଦି ଏହି ସନ୍ତୁଳନକୁ ବଦଳାଏ, ତେବେ ଆମ ଭଳି ରାଜ୍ୟଗୁଡ଼ିକୁ ଜାତୀୟ ନିଷ୍ପତ୍ତି ଗ୍ରହଣରେ ସଂକୁଚିତ କରିବାର ଆଶଙ୍କା ଥାଏ। ଲୋକସଭାରେ ଓଡ଼ିଶାର ପ୍ରତିନିଧିତ୍ୱର ଆପେକ୍ଷିକ ହ୍ରାସ ଆମର ରାଜ୍ୟ-କୈନ୍ଦ୍ରୀକ ଆବଶ୍ୟକତାକୁ ଉପସ୍ଥାପନ କରିବାର ଅଧିକାରକୁ ଦୁର୍ବଳ କରିଦେବ। ଯାହାର ସିଧାସଳଖ ପ୍ରଭାବ ବିପର୍ଯ୍ୟୟ ପରିଚାଳନା ଠାରୁ ଆରମ୍ଭ କରି ଜନଜାତି କଲ୍ୟାଣ ପର୍ଯ୍ୟନ୍ତ ପ୍ରସଙ୍ଗ ଉପରେ ପଡ଼ିବ। ଏହା କେବଳ ରାଜନୈତିକ ପ୍ରସଙ୍ଗ ନୁହେଁ, ଏହା ଆମ ସମ୍ବିଧାନରେ ନିହିତ ସଂଘୀୟ ବ୍ୟବସ୍ଥାକୁ ସୁରକ୍ଷିତ ରଖିବାର ପ୍ରଶ୍ନ। ସଂଶୋଧନ ବିଲ୍ କାର୍ଯ୍ୟକାରୀ ହେଲେ ଲୋକସଭାରେ ଓଡ଼ିଶାର ଭାଗ ବର୍ତ୍ତମାନର ୩.୯ ପ୍ରତିଶତରୁ ହ୍ରାସ ପାଇ ୩.୪ ପ୍ରତିଶତ ରହିଯିବ। ଯାହା ରାଜ୍ୟକୁ ଦେଶର ଶୀର୍ଷ ୬ଟି କ୍ଷତିଗ୍ରସ୍ତ ରାଜ୍ୟ ମଧ୍ୟରେ ସାମିଲ କରିବ। ଏହି ହ୍ରାସ ଓଡ଼ିଶାର ଲୋକଙ୍କ ଭବିଷ୍ୟତର ରାଜନୈତିକ ପ୍ରତିନିଧିତ୍ୱକୁ ଚୋରି କରିବା ସହ ସମାନ। ଓଡ଼ିଶାର ଲୋକମାନେ ଆପଣଙ୍କୁ ସଂସଦ ମାଧ୍ୟମରେ ସେମାନଙ୍କର ଆର୍ଥିକ ଓ ରାଜନୈତିକ ଭବିଷ୍ୟତ ରକ୍ଷା କରିବା ପାଇଁ ଭୋଟ୍ ଦେଇଛନ୍ତି। ତେଣୁ ଓଡ଼ିଶା ଲୋକଙ୍କ ସହ ଏପରି ହେବାକୁ ଆମେ ଦେଇପାରିବା ନାହିଁ। ଓଡ଼ିଶାର ଲୋକଙ୍କ ପାଇଁ ସଂସଦରେ ପ୍ରତିନିଧିତ୍ୱ କେବଳ ସଂଖ୍ୟା ନୁହେଁ, ଏହା ଆମର ପରିଚୟ, ଗର୍ବ ଓ ଅସ୍ତିତ୍ୱର ପ୍ରତୀକ। ଜାତୀୟ ସ୍ତରରେ ଯଦି ଓଡ଼ିଶାର ପ୍ରଭାବ କମିଯାଏ, ତେବେ ଏହା ରାଜ୍ୟବାସୀଙ୍କ ମନରେ ଏକ ଅବହେଳିତ ଭାବନା ସୃଷ୍ଟି କରିବ ବୋଲି ନବୀନ ଆଶଙ୍କା ପ୍ରକାଶ କରିଛନ୍ତି।

ସେହିପରି ସଂଶୋଧନ ଦ୍ୱାରା ଓଡ଼ିଶା କିପରି ଆର୍ଥିକ ଭାବରେ ମଧ୍ୟ କ୍ଷତିଗ୍ରସ୍ତ ହେବ ସେନେଇ ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ମହିଳା ସଂରକ୍ଷଣ ସହିତ ପରବର୍ତ୍ତୀ ଜନଗଣନା ପରେ ହେବାକୁ ଥିବା ଡିଲିମିଟେସନ୍ ପ୍ରକ୍ରିୟାର ପ୍ରସ୍ତାବିତ ସଂଯୋଗର ଦୂରଗାମୀ ପ୍ରଭାବ ରହିଛି। ଓଡ଼ିଶା ପରି ଯେଉଁ ରାଜ୍ୟଗୁଡ଼ିକ ଜନସଂଖ୍ୟା ନିୟନ୍ତ୍ରଣ ଓ ମାନବ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି, ସେମାନଙ୍କର ଲୋକସଭା ଆସନ ଅନୁପାତିକ ଢଙ୍ଗରେ ହ୍ରାସ କରି ଦଣ୍ଡିତ କରାଯାଉଛି। ଅଧିକ ଜନସଂଖ୍ୟା ବିଶିଷ୍ଟ ରାଜ୍ୟଗୁଡ଼ିକରେ ଲୋକସଭା ଆସନର ଅନୁପାତିକ ବୃଦ୍ଧି ଦ୍ୱାରା କେନ୍ଦ୍ରୀୟ ଅନୁଦାନ ଓ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ସେମାନଙ୍କର ପ୍ରାଧାନ୍ୟ ବଢ଼ିବ। ଏହାଦ୍ୱାରା ଓଡ଼ିଶା ପ୍ରତ୍ୟକ୍ଷ ଭାବରେ କ୍ଷତିଗ୍ରସ୍ତ ହେବ। ଓଡ଼ିଶା କେନ୍ଦ୍ର ସରକାରର ରାଜସ୍ୱରେ ବଡ଼ ଅବଦାନକାରୀ ହୋଇଥିବା ସତ୍ତ୍ୱେ ସର୍ବଦା ବୈଷମ୍ୟପୂର୍ଣ୍ଣ ବ୍ୟବହାର ପାଇଛି। ଓଡ଼ିଶା ଦେଶର ରାଜକୋଷକୁ ପ୍ରଚୁର ଅର୍ଥ ଦେଉଥିଲେ ହେଁ ଆଜି ପର୍ଯ୍ୟନ୍ତ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଭଳି ଦାବିରୁ ବଞ୍ଚିତ ହୋଇଛି। ଏହି ଚିନ୍ତାଗୁଡ଼ିକୁ ଦୃଷ୍ଟିରେ ରଖି, ମୁଁ ଆପଣଙ୍କୁ ଦଳ ନିର୍ବିଶେଷରେ ସଂଶୋଧନର ବ୍ୟାପକ ପ୍ରଭାବ ଯତ୍ନର ସହିତ ବିଚାର କରିବାକୁ ଅନୁରୋଧ କରୁଛି। ଆବଶ୍ୟକ ସ୍ଥଳେ ମହିଳା ସଂରକ୍ଷଣକୁ ଡିଲିମିଟେସନ୍ ପ୍ରକ୍ରିୟାରୁ ଅଲଗା କରିବା ଜରୁରୀ ବୋଲି ନବୀନ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମେ ରାଜ୍ୟର ସ୍ୱାର୍ଥ ରକ୍ଷା କରିବା ସହିତ ପ୍ରକୃତ ଓ ସମାନ ସୁଧାରକୁ ସମର୍ଥନ କରିବା ପାଇଁ ଏକଜୁଟ୍ ହେବା ଆବଶ୍ୟକ। ଯଦି ଅନ୍ୟ ରାଜ୍ୟଗୁଡ଼ିକର ସଂଖ୍ୟା ଗରିଷ୍ଠ କଣ୍ଠସ୍ୱର ଦ୍ୱାରା ଆମର ନାର୍ଯ୍ୟ ହକ୍ ଏବଂ ଦାବିଗୁଡ଼ିକୁ ଅଣଦେଖା କରାଯାଏ, ତେବେ ବିଜୁ ଜନତା ଦଳ ଓଡ଼ିଶାର ଲୋକଙ୍କ ପାଖକୁ ଯିବାକୁ ପ୍ରସ୍ତୁତ ଅଛି ବୋଲି ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି।

## ଋଣ ଜିଡିପିର...

ସିଏଜିଆର୍ ହାରରେ ବୃଦ୍ଧି ପାଇଛି। ଯାହାଫଳରେ ଭାରତୀୟ ପରିବାରଗୁଡ଼ିକ ଉପରେ ଋଣ ଭାର ଜିଡିପିର ୬.୨%ରେ ପହଞ୍ଚିଛି। ମହାମାରୀ ପୂର୍ବରୁ ଭାରତୀୟଙ୍କ ଆର୍ଥିକ ସଞ୍ଚୟ ହାର ୭.୭ ପ୍ରତିଶତ ରହିଥିଲା। ଆର୍ଥିକବର୍ଷ ୨୦୨୪ରେ ଏଥିରେ ହ୍ରାସ ଘଟି ତାହା ୫.୨ ପ୍ରତିଶତକୁ ଖସିଆସିଛି। ସେହିପରି ପାରିବାରିକ ଋଣ (ମହାମାରୀ ପୂର୍ବରୁ) ଜିଡିପିର ୪.୧% ରୁ ବୃଦ୍ଧି ପାଇ ବର୍ତ୍ତମାନ ୬.୨% ହୋଇଛି, ଯାହା ଏକ ଦଶନ୍ଧିର ସର୍ବୋଚ୍ଚ ସ୍ତର। ତେବେ କ୍ରେଡିଟ୍ କାର୍ଡ କ୍ଷେତ୍ରରେ ୨୫.୨% ହାରରେ ସବୁଠାରୁ ଦ୍ରୁତ ଅଭିବୃଦ୍ଧି ଘଟିଛି। ଜୀବନଶୈଳୀରେ ଉନ୍ନତି ଏବଂ ବ୍ୟକ୍ତିଗତ ବ୍ୟବହାର ପାଇଁ ବ୍ୟକ୍ତିଗତ ଋଣରେ ୨୦.୧% ଅଭିବୃଦ୍ଧି ଦେଖାଦେଇଛି। ଏହାବାଦ୍ ଭୌତିକ ସମ୍ପତ୍ତି ପ୍ରତି ଲୋକଙ୍କ ଆକର୍ଷଣ ଋଣ ବଢ଼ିବାର ଅନ୍ୟତମ ମୁଖ୍ୟ କାରଣ। ଲୋକେ ବର୍ତ୍ତମାନ ସମୟରେ ସେମାନଙ୍କର ମୋଟ ସଞ୍ଚୟର ପ୍ରାୟ ୭୦% ଏବେ ରିଅଲ୍ ଇଷ୍ଟେଟ୍ ବା ଜମିବାଡ଼ି କ୍ଷେତ୍ରରେ ବିନିଯୋଗ ହେଉଛି, ଯେଉଁଥିପାଇଁ ଲୋକଙ୍କ ପାଖରେ ନଗଦ ଟଙ୍କାର ଅଭାବ ରହୁଛି। ତେବେ ଅର୍ଥନୈତିକ ବିଶେଷଜ୍ଞମାନେ କୁହନ୍ତି ଯେ ବୃଦ୍ଧି ପାଉଥିବା ଋଣ ସର୍ବଦା ଏକ ନକାରାତ୍ମକ ସଙ୍କେତ ନୁହେଁ।

## 'ସୋଙ୍ଗକ୍ରାନ' ଉତ୍ସବର...

ମଦ୍ୟପାନ କରି ଗାଡ଼ି ଚାଳନା: ପ୍ରାୟ ୨୭.୪ ପ୍ରତିଶତ କ୍ଷେତ୍ରରେ ମଦ୍ୟପାନ ଯୋଗୁଁ ଦୁର୍ଘଟଣା ଘଟିଛି।

**ହେଲମେଟ୍ ବ୍ୟବହାର ନକରିବା:** ଅଧିକାଂଶ ମୃତ୍ୟୁ ବାଇକ୍ ଚାଳକଙ୍କର ହୋଇଛି, ଯେଉଁମାନେ ସୁରକ୍ଷା ନିୟମ ପାଳନ କରିନଥିଲେ।

**ସମୟ:** ସୂଚନା ଅନୁଯାୟୀ, ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ସବୁଠାରୁ ଅଧିକ ଦୁର୍ଘଟଣା ଘଟୁଛି।

ସୋଙ୍ଗକ୍ରାନ ଉତ୍ସବରୁ ପ୍ରାୟ ୩୦.୪ ବିଲିୟନ ବାଟ୍ (ଥାଇ ମୁଦ୍ରା) ରାଜସ୍ୱ ମିଳିବାର ଆଶା କରାଯାଉଛି ଏବଂ ଏଥିପାଇଁ ପ୍ରାୟ ୫ ଲକ୍ଷ ବିଦେଶୀ ପର୍ଯ୍ୟଟକ ଥାଇଲ୍ୟାଣ୍ଡ ଆସିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଅନୁଯାୟୀ, ସଡ଼କ ଦୁର୍ଘଟଣା ମାମଲାରେ ଥାଇଲ୍ୟାଣ୍ଡ ବିଶ୍ୱର ଅନ୍ୟତମ ବିପଜ୍ଜନକ ଦେଶ। ସାଧାରଣ ଦିନରେ ଏଠାରେ ହାରାହାରି ୩୮ ଜଣ ପ୍ରାଣ ହରାଉଥିବା ବେଳେ ସୋଙ୍ଗକ୍ରାନ ଉତ୍ସବ ସମୟରେ ଏହି ହାର ବହୁଗୁଣିତ ହେବା ସମଗ୍ର ଦେଶ ପାଇଁ ଏକ ଚିନ୍ତାର ବିଷୟ ପାଲଟିଛି।


**IN THE COURT OF THE CIVIL JUDGE (JR. DVN.) CHANDBALI**
**CS NO. 505/07**

Nityananda Mohanty ... Plaintiff

Vrs.

State representing by
Collector Bhadrak & others ... Defendants

ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି ନିମ୍ନ ତଫସିଲ ବୃତ୍ତିକୁ ନିଜ ନାମରେ ସବୁ ସାବ୍ୟସ୍ତ ଦଖଲ କାଏମ ଓ ଚିରସ୍ଥାୟୀ ନିଷେଧାଜ୍ଞା ଚାନ୍ଦବାଲିଙ୍କ ଇଜିଲାସରେ ଉପରୋକ୍ତ ମୋକଦ୍ଦମା ଆଗତ କରିଅଛନ୍ତି। ଏଣୁ ଉକ୍ତ ବୃତ୍ତି ପକ୍ଷେ ଯଦି ସର୍ବ ସାଧାରଣଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ ତେବେ ସେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜରିଆରେ ଉକ୍ତ ମକୋଦ୍ଦମାର ଧାର୍ଯ୍ୟ ତା ୧୫.୦୪.୨୦୨୬ ରିଖ ଦିବା ୭.୩୦ଘଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହୋଇ ନିଜର ଆପତ୍ତି ଅଭିଯୋଗ ମାନ ଜଣାଇବେ। ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ତଫସିଲ ବୃତ୍ତି

ଜିଲ୍ଲା- ଭଦ୍ରକ, ତହସିଲ- ଚାନ୍ଦବାଲି, ଥାନା: ବାଂଶଡା, ମୌଜା- ଫାର୍ସିବନ୍ଧ, ସାବକ ଖାତା ନଂ-୧୬୨, ଖସଡା ନଂ.-୬୫୫, ଏ୧.୩୫ଡି, ଏଜନ ମୌଜା ଖାତା ନଂ-୧୫୯, ଖସଡା ନଂ-୭୫୯ ଏ୧.୩୧ଡି ଖସଡା ନଂ-୬୭୬ ଏ୦.୨୩ଡି ଖସଡା ନଂ-୬୭୭ ଏ୦.୪୮ଡି, ଖସଡା ନଂ-୭୭୯ ଏ୦.୦୭ଡି ଖସଡା ନଂ- ୫୫୬ ଏ୦.୦୮ଡି, ଖସଡା ନଂ-୬୮୧ ଏ୦.୧୦ଡି ଖସଡା ନଂ-୪୮୨ ଏ୦.୩୩ଡି ଏରୂପ ମୋଟ ୨ ଖାତା ୮ ଟି ଖସଡା ଏ୦୩.୯୫ଡି ସାବକ ଖାତା ନଂ-୧ ଖସଡା ନଂ-୬୧୦, ୪୭୧, ୬୧୮ ଓ ୬୧୯ ଖସଡା ଅଟେ।

ଅଦ୍ୟ ତା ୦୮.୦୪.୨୦୨୬ ରିଖ ଅଦାଲତଙ୍କ ସହି ମୋହର ଓ ସ୍ୱାକ୍ଷର କ୍ରମେ ଦିଆଗଲା।

C.J.J.D, Chandbali



4001/23/2627

Government of Odisha
**Office of the Additional Chief Engineer-Cum –Electrical Inspector, Keonjhar**
At-D.D College Road, Baniapat, Keonjhar-758001
Phone No.06766-796141, Email Id: eikeonjhar-od@od.gov.in

**QUOTATION/TENDER CALL NOTICE FOR HIRING VEHICLE FOR OFFICE OF ACE-CUM-ELECTRICAL INSPECTOR, KEONJHAR**

No.390 Dt.16.04.26

Sealed tenders are invited from interested reputed Travel Agencies / Tour Operators/ Private Individuals for providing1 (One) No. of AC vehicle on monthly hiring basis which shall confirm to the **terms and conditions (Annexure-1 and 2)** preferable for engagement in the office of ACE-Cum-Electrical Inspector, Keonjhar.

| Sl No | Type of Vehicle | Maximum Hiring Charges excluding GST & fuel | Minimum Average Mileage |
|---|---|---|---|
| 01 | BS-VI compliant petrol driven vehicle (TUV 300 / Bolero / Sumo Gold/ Ertiga or similar model) | Rs. 37,200.00 (Rupees Thirty Seven thousand two hundred) | 10 km per Liter |

The quotation completed in all respect should reach the undersigned by Regd. Post/ Speed Post or by person with proper acknowledgment on or before **07.05.2026 by 11 AM** and will be opened on the same day at **1.30 PM** by the tender opening committee in the O/o ACE-Cum-Electrical Inspector, Keonjhar in the presence of the bidders or their authorized representatives.

The application form of quotation / Tender containing General bid information & terms and condition for hiring of vehicle etc will be available in the office of ACE-Cum-EI, Keonjhar from 17.04.2026 to 07.05.2026 upto 11 AM or can be downloaded from website of https://eicelectricityodisha.nic.in/.

**Complete Address for submission of Tender**

Office of the ACE-Cum-Electrical Inspector, Keonjhar,
DD College Road, Baniapat, Keonjhar 758001

-sd-
Addl. Chief engineer-Cum
Electrical Inspector, Keonjhar

OIPR-4001/4073/1/26-27/0001



GOVERNMENT OF ODISHA,
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
JAGATSINGHPUR IRRIGATION DIVISION
Ph. No. 06724-220038, E-mail – eejspurirr@gmail.com

32001/65/2627

**"e" Procurement Notice No.JID-01 of 2026-27**

| | | | |
|---|---|---|---|
| 1 | Total No. of Works | : | 21 (twenty-one) Nos. |
| 2 | Tender Amount (Approx.) | : | Rs.17.03 Lakh to Rs.84.67 Lakh |
| 3 | Tender paper Cost | : | Rs. 6,000/- & Rs.10,000/- (On-line payment) (Non-refundable) |
| 4 | Cost of EMD | : | As per DTCN |
| 4 | Class of Contractor | : | "D", "C" & "B" Class Contractor |

5 Other details are as follows.

| Procurement Officer | Bid Identification No. | Availability of Tender | | Last date & time for seeking tender clarification in e-Procurement portal. | Place of opening of Tender O/o the Superintending Engineer, Jagatsinghpur Irrigation Division, Jagatsinghpur | | |
|---|---|---|---|---|---|---|---|
| | | From | To | | Technical Bid (Cover-I) | Financial Bid (Cover-II) | Date and Time of lottery if required |
| Superintending Engineer, Jagatsinghpur Irr. Division, Jagatsinghpur | JID-01 / 2026-27 | 18.04.2026 at 10.00 Hours | 04.05.2026 at 17.30 Hours | 02.05.2026 upto 1.00 PM during office hours | 05.05.2026 at 11.00 Hours | Will be intimated while uploading the Technical Evaluation Summary | Will be intimated while uploading the Financial Bid Opening Summary |

Further details can be seen from the Govt. web site "**https://tendersodisha.gov.in**"
All corrigendum / cancellation of tender if any, will only be uploaded in the above web site

Sd/-
Superintending Engineer,
Jagatsinghpur Irrigation Division,
Jagatsinghpur

OIPR-32001/32050/1/26-27/0001



**AFFIDAVIT**

By virtue of an affidavit sworn before the Notary, Bhubaneswar, dated: 15/04/2026, I, SANJANA MOHANTY, resident of Puruna, Someswarpur, PO: Nua Someswarpur, Dist.: Puri, Odisha, PIN-752014, declare that I have changed my name from Sanjana Sethi to SANJANA MOHANTY. Henceforh, I shall be known as **SANJANA MOHANTY** for all purposes.

**SANJANA MOHANTY**

**AFFIDAVIT**

I, Yasmin, W/o- Ali Asgar, resident of D Block 102, Beside Naina House, Near Sai Balaji Mandap, Pratapnagri, Urali, Cuttack, Pin-753011, Odisha, declare by this affidavit No. 162/2026, dated: 15/04/2026, that now onwards I shall be known as **YASMIN SALEH** for all future purposes.

**ସତ୍ୟପାଠ**

ସତ୍ୟପାଠ ନଂ ୨୨୮୪/୧୬.୦୪.୨୦୨୬ ମୁଁ କିଶୋର କୁମାର ତରାଇ (୪୬), ପିତା- କାର୍ତ୍ତିକ ଚନ୍ଦ୍ର ତରାଇ, ସା - ଦାମୋଦରପୁର, ପୋ - ମୋତିଗଞ୍ଜ, ଥାନା- ବାଲେଶ୍ୱର ସଦର, ଜିଲ୍ଲା - ବାଲେଶ୍ୱର ଘୋଷଣା କରୁଛି କି, କିଶୋର କୁମାର ତରାଇ (Kishore Kumar Tarai) ଏବଂ କିଶୋର କୁ ତରାଇ (Kishore Ku Tarai) ଜଣେ ଏବଂ ସମାନ ବ୍ୟକ୍ତିଙ୍କ ନାମ ଅଟେ। ପୁଅର ଆଧାର କାର୍ଡରେ କିଶୋର କୁମାର ତରାଇ ରହିଛି। ହେଲେ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ରେଜିଷ୍ଟର ବୁକରେ Kishore Ku Tarai ରହିଛି। ଆଜିଠାରୁ ସମସ୍ତ ଡକ୍ୟୁମେଣ୍ଟରେ କିଶୋର କୁମାର ତରାଇ ନାମ ବ୍ୟବହାର କରଯିବାକୁ ମୁଁ ଘୋଷଣା କରୁଛି।

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 13.04.2026, I Santosh Patra resident At/po-Kudutai, Sapanga, Sub Dist-Tarasingi, Dist-Ganjam, Odisha, Pin-761119, declare that I have changed the name of my Daughter from Sati patra to Swagatika Patra . Henceforth, She shall be known as **Swagatika Patra** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Athgarh, dated- 15.04 .2026 I Sanatan Rout of Village-Kuspangi PO-Balia .PS Gurudijhatia, Dist-Cuttack declare that the original name of my minor daughter is Baisakhi Rout but in her Aadhar card bearing No3432 8720 3831 her name wrongly recorded as Basakhi Rout. Basakhi Rout and Baisakhi Rout is one and same person. Henceforth, She shall be known as **Baisakhi Rout** for all purposes.

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, date-13/04/2026 I, Arpita Mohanty, W/o- Subha Sankalpa Pattnaik, Address: AT: Sri Radhadham Apartment, Plot No. A/100, Flat No.101, Near Rajadhani Gas, Nayapalli, Bhubaneswar, Dist: Khordha, PIN-751012, State: Odisha declare that I have changed my minor son's name from Sourya Pratap Pattnaik (old name) to Aarav Pattnaik (new name). Henceforth, he shall be known as **Aarav Pattnaik** (new name) for all purposes.

**Arpita Mohanty**

**AFFIDAVIT**
**Change of Name (Minor)**

By virtue of an affidavit (CF No. 02, date: 16/04/2026) sworn before The Executive Magistrate, Padampur. I, **Dibakar Bariha** (applicant name), S/o Jatha Bariha, permanent & current resident of AT: Jampali, PO: Bhandarpuri, PS: Jharbandh, Dist: Bargarh, PIN: 768042, State: Odisha declare that I have changed my minor daughter's name from **Puspanjali Bariha** to **Biswanjali Bariha.** Henceforth, she shall be known as **Biswanjali Bariha** (new name) for all purposes.

**(DIBAKAR BARIHA)**

**AFFIDAVIT**

By virtue of an affidavit sworn before Notary Public Nayagarh dated 13.04.26, I, Kaushalya Jena, W/o- Late Abhimanyu Jena, At/Po - Sikharpur, P.S - Sarankul, Dist - Nayagarh, State - Odisha, Pin - 752080 declare that I have changed my name from Kaushalya Beura to **Kaushalya Jena.** Henceforth, I shall be known as **Kaushalya Jena** for all purposes.

**Kaushalya Jena**

**AFFIDAVIT**

I, Pramila Kumari Patra, D/o - Krushna Chandra Patra, W/o - Satyanarayana Patro, resident at MIG-111, Bhimtangi, Phase-II, HB Colony, Bhubaneswar Urban, PO - Old Town, PS - Airfield, Dist - Khordha, Pin - 751002 Odisha declare by this affidavit no. 93 dt. 24.03.2026 that now onwards I shall be known as **Pramila Patra** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Jamankira, Sambalpur, date 30.08.2025, I, Sanjulata Sethi, Vill-Jamankira, PO & PS Jamankira, Dist. Sambalpur, hereby declare that my correct name is Sanjulata Sethi. But in my bank records my name has been wrongly mentioned as Sanjukta Sethy. That both names refer to one & the same person i.e myself. Henceforth, I shall be known as **Sanjulata Sethi** for all purposes.

**NOTICE**

By virtue of an affidavit sworn before the Notary Public, Cuttack, dated 10.04.2026, I, Subasini Jena, W/o Maharshi Sabyasachi Jena, resident of At-Goratanga, P.O- Podamarai, PS- Mahanga, Dist- Cuttack, Odisha, Pin- 754206 have changed my name from Subasini Rout to Subasini Jena.Henceforth, I shall be known as **Subasini Jena** for all purposes.

**(Subasini Jena)**

**AFFIDAVIT**

By virtue of an Affidavit before Notary Public, Malkangiri, I **Mangali Pujari,** aged about 22 Years, D/o.: Krushna Pujari, resident of village: Katameta, PO.: Bhejaguda, P.S./Dist.: Malkangiri, Odisha declare by this Affidavit No.: 719/2026, Dated: 15/04/2026 that I have changed my name from Mangalidei Pujari to Mangali Pujari. Henceforth I shall be known as **Mangali Pujari** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Sambalpur, date 16.04.2026, I, Hemin Patel, At- Ainthapali, Dist-Sambalpur, Odisha, hereby declare that the correct name of my son is Shiv Patel. However, in Aadhaar records, his name has been wrongly mentioned as Siddh Patel. That both the names refer to the one and same person. Henceforth he shall be known as **Shiv Patel** for all purposes.

**Sd/- Hemin Patel**

**AFFIDAVIT**
**Change of Name (Minor)**

By virtue of an affidavit (CF No. 03, date: 16/04/2026) sworn before The Executive Magistrate, Padampur. I, **Dibakar Bariha** (applicant name), S/o Jatha Bariha, permanent & current resident of AT: Jampali, PO: Bhandarpuri, PS: Jharbandh, Dist: Bargarh, PIN: 768042, State: Odisha declare that I have changed my minor daughter's name from **Bispanjali Bariha to Bidhanjali Bariha.** Henceforth, she shall be known as **Bidhanjali Bariha** (new name) for all purposes.

**(DIBAKAR BARIHA)**

**AFFIDAVIT**

I, **Pratap Pattanaik,** aged about 52 years, S/o- Late Udyanath Mohanty, resident of At- Odagaon (Nabajyoti Sahi), P.O./P.S.- Odagaon, Dist-Nayagarh, Odisha do hereby solemnly affirm state on oath as follows:

1. That, in my Educational certificates and Aadhaar Card No-7321 3449 0844 in my all documents my name is recorded as **Pratap Pattanaik** which is my real name.
2. That, At the time of childhood my father was named me as **Babuni Pattanaik** which is my nick name that has been reflected in the R.O.R vide Khata No - 205, 187, 339/10 of Mouza - Korapitha, Khata No - 512 of Mouza - Odagaon.
3. I am known as **Pratap Pattanaik** and **Babuni Pattanaik** is one and same person.
4. That, I would like to correct my name in above said Pattas by mentioning **Pratap Pattanaik** in place of **Babuni Pattanaik** on the strength of this affidavit and miss case. I shall be known as **Pratap Pattanaik** for all purposes.

I hereby affirm that this declaration is true and correct to the best of my knowledge and belief.

**Pratap Pattanaik**

### ଅଭାବୀ ସମ୍ବଳରେ ଧାମନଗର ପୁଲିସ

# ତଦନ୍ତ ବୋଝ ତଳେ ଚାପି ହେଉଛନ୍ତି ଅଧିକାରୀ

ଦୋବଲ,୧୬।୪(ସମିସ): ଧାମନଗର ଥାନା ଏବେ ଅପରାଧ ନିୟନ୍ତ୍ରଣ ଓ ତଦନ୍ତ ପ୍ରକ୍ରିୟା ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ସଂଘର୍ଷ କରୁଛି। ଧାମନଗର ବ୍ଲକ୍‌ର ଆନନ୍ଦପୁରଠାରୁ ଭଗବାନପୁର ଏବଂ ଭଣ୍ଡାରିପୋଖରୀର କିଛି ଅଂଶ ସମେତ ବିସ୍ତୃତ ଅଞ୍ଚଳର ସୁରକ୍ଷା ଦାୟିତ୍ୱ ଏହି ଥାନା ଉପରେ ରହିଛି। ମାତ୍ର ଆବଶ୍ୟକତା ତୁଳନାରେ କର୍ମଚାରୀ ସଂଖ୍ୟା କମ୍ ଥିବାରୁ ଜଣେ ଜଣେ ଅଧିକାରୀ ଏକାଧିକ ମାମଲାର ତଦନ୍ତ ବୋଝରେ ଚାପି ହୋଇ ରହୁଛନ୍ତି।




ପରିସଂଖ୍ୟାନ ଅନୁଯାୟୀ, ୨୦୨୧ରେ ମାମଲା ସଂଖ୍ୟା ୩୪୭ ଥିବାବେଳେ ୨୦୨୪ରେ ଏହା ୫୭୧କୁ ବୃଦ୍ଧି ପାଇଛି। ୨୦୨୬ରେ ମାତ୍ର ସାଢ଼େ ତିନି ମାସ ମଧ୍ୟରେ ୧୬୩ଟି ମାମଲା ରୁଜୁ ହୋଇସାରିଲାଣି। ଏଥିମଧ୍ୟରେ ୧ଟି ହତ୍ୟା, ୫ଟି ହତ୍ୟା ଉଦ୍ୟମ ଏବଂ ୪୦ଟି ଅଶ୍ଲୀଳ ବ୍ୟବହାର ଭଳି ମାମଲା ରହିଛି। ଏହା ବ୍ୟତୀତ ୧୫ଟି ମାମଲାକୁ 'ସମ୍ବେଦନଶୀଳ' ଶ୍ରେଣୀଭୁକ୍ତ କରାଯାଇଛି। ୧୨ କିଲୋମିଟର ଲମ୍ବ ଜାତୀୟ ରାଜପଥରେ ଦୈନିକ ଦୁର୍ଘଟଣା, ରାହାଜାନି ଏବଂ ଆନ୍ତଃରାଜ୍ୟ ଡକାୟତି ପୁଲିସ ପାଇଁ ଏକ ବଡ଼ ମୁଣ୍ଡବିନ୍ଧାର କାରଣ ସାଜିଛି। ଥାନାରେ କାର୍ଯ୍ୟରତ ଅଧିକାରୀମାନେ ଅପରାଧ ନିୟନ୍ତ୍ରଣ ପାଇଁ କେତେ ତତ୍ପର, ତାହା ଅଭିଯୋଗକାରୀ ତାଲିକାରୁ ସ୍ପଷ୍ଟ ହେଉଛି। ଏସ୍‌ଆଇ ନାରାୟଣ ନାୟକ ସର୍ବାଧିକ ୧୫ଟି ମାମଲାରେ ଅଭିଯୋଗକାରୀ ଥିବାବେଳେ ମହେଶ୍ୱର ପ୍ରଧାନ ଓ ନରେନ୍ଦ୍ର କୁମାର ରାଉତ ପ୍ରତ୍ୟେକ ୧୪ଟି ମାମଲା ଦାୟର କରିଛନ୍ତି। ସୁଜିତ୍ ରାଉତ ୧୦ଟି, ଲରେନ୍ସ କୁଜୁର ୧୦ଟି, ରଶ୍ମିତା ମଲ୍ଲିକ ୮ଟି ଓ କଳ୍ପନା ରାଉତ ୫ଟି ମାମଲାର ଅଭିଯୋଗକାରୀ ଅଛନ୍ତି। ଏଗୁଡ଼ିକ ମୁଖ୍ୟତଃ ଅବକାରୀ ଓ ଗାଡ଼ି ଚେକିଂ ସହ ଜଡ଼ିତ। କିନ୍ତୁ

## ନିଜେ ଅଭିଯୋଗକାରୀ, ନିଜେ ତଦନ୍ତକାରୀ !

ବିଡ଼ମ୍ବନା ହେଉଛି, ଏହି ଅଧିକାରୀମାନଙ୍କୁ ପୁଣି ଅନ୍ୟାନ୍ୟ ସଙ୍ଗୀନ ମାମଲାର ତଦନ୍ତ ଦାୟିତ୍ୱ ତୁଲାଇବାକୁ ପଡୁଛି। ସାଧାରଣ ମାମଲା ପାଇଁ ୬୦ ଦିନ ଓ ସଙ୍ଗୀନ ମାମଲା ପାଇଁ ୯୦ ଦିନର ସମୟସୀମା ମଧ୍ୟରେ ଚାର୍ଜସିଟ୍ ଦେବା ନିୟମ ଥିବାରୁ କର୍ମଚାରୀ ଅଭାବରୁ ସେମାନେ ଅତ୍ୟଧିକ ଚାପରେ ରହୁଛନ୍ତି। ଫରେନ୍ସିକ୍ ରିପୋର୍ଟ ଓ ସାଇବର ପ୍ରମାଣ ସଂଗ୍ରହରେ ବିଳମ୍ବ ହେଲେ ଏହି ଚାପ ଦ୍ୱିଗୁଣିତ ହୋଇଯାଉଛି। ଥାନାରେ ଜଣେ ଆଇଆଇସିଙ୍କ ସମେତ ୪ ଜଣ ସବ୍‌ଇନ୍ସପେକ୍ଟର ପଦ ମଞ୍ଜୁର ହୋଇଥିବାବେଳେ ମାତ୍ର ୩ ଜଣ (୨ ପୁରୁଷ ଓ ୧ ମହିଳା) ଅଛନ୍ତି। ସେହିପରି ୫ ଜଣ ଏଏସ୍‌ଆଇ ପଦରୁ ମାତ୍ର ୪ ଜଣ ଅଛନ୍ତି, ଯେଉଁଥିରୁ ଜଣେ ବଦଳି ହୋଇ ଚାଲିଯିବେ। ମଞ୍ଜୁର ଥିବା ୧ ହାବିଲଦାର ପଦ ଖାଲି ପଡ଼ିଛି। ୧୦ ଜଣ କନେଷ୍ଟବଳ ଓ ମାତ୍ର ୫ ଜଣ ଗୃହରକ୍ଷୀଙ୍କୁ ନେଇ ୧୨ ହଜାରରୁ ଅଧିକ ସଂଖ୍ୟାଲଘୁ ବସବାସ କରୁଥିବା ଏବଂ 'ଉର୍ସ' ଭଳି ଅନ୍ତର୍ଜାତୀୟ ଉତ୍ସବ ପାଳନ ହେଉଥିବା ଅଞ୍ଚଳରେ ଶାନ୍ତି ରକ୍ଷା କରିବା ଏକ ଆହ୍ୱାନ। ଥାନାର ଭିତ୍ତିଭୂମି ଅବସ୍ଥା ଅତି ଦୟନୀୟ। ଆଇଆଇସି ଓ ଏସ୍‌ଡିପିଓଙ୍କ ବ୍ୟତୀତ ଅନ୍ୟ ଅଧିକାରୀଙ୍କ ପାଇଁ କ୍ୱାର୍ଟର ନାହିଁ। ବାରାକ୍ ଅଭାବରୁ ଏପିଆର୍ କର୍ମଚାରୀମାନେ ମହିଳା ଓ ଶିଶୁ ଡେସ୍କ ଗୃହରେ ଅତ୍ୟନ୍ତ କଷ୍ଟରେ ରହୁଛନ୍ତି। ଥାନା ପରିସର ଖୋଲାମେଲା ଥିବାରୁ ବୁଲା ଗୋରୁଙ୍କ ପ୍ରାଦୁର୍ଭାବ ଯୋଗୁଁ ସବୁଆଡ଼େ ଗୋବର ଓ ଅଳିଆ ଭର୍ତ୍ତି ହୋଇ ରହୁଛି। ଧାମନଗର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଥାନାରେ ପଦ ପୂରଣ ସହ ଭିତ୍ତିଭୂମିର ଉନ୍ନତି କରାଗଲେ ପୁଲିସ ସେବା ଆହୁରି ସୁଦୃଢ଼ ହୋଇପାରନ୍ତା।

### ● ଋଣ କରାଇବାକୁ କହି ଲକ୍ଷାଧିକ ଟଙ୍କା ହରିଲୁଟ୍ ଅଭିଯୋଗ

## '୩୨ଶହ ଦିଅ, ୧ଲକ୍ଷ ଟଙ୍କା ନିଅ'



ଭଦ୍ରକ,୧୬।୪(ସମିସ): ଋଣ ବା ଲୋନ୍‌ର ଆଶା ଦେଖାଇ ଲକ୍ଷାଧିକ ଟଙ୍କା ହରିଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆସିଛି ଭଦ୍ରକ ସହର ଅପର୍ତ୍ତିବିନ୍ଧାସ୍ଥିତ ଏକ ପ୍ରାଇଭେଟ ଫାଇନାନ୍ସ କମ୍ପାନୀ ନାମରେ। ଅପର୍ତ୍ତିବିନ୍ଧାରେ ଏକ ଭଡ଼ା ଘରେ 'ଦ୍ୱାରା କେଜିଏଫ୍‌ସି ମାଇକ୍ରୋ ଫାଇନାନ୍ସ' ଓ 'ଅନ୍ନପୂର୍ଣ୍ଣା ଫାଇନାନ୍ସ' ନାମରେ ହୋର୍ଡିଂ ଲଗାଯାଇଥିବାବେଳେ ଏଠାରେ କାର୍ଯ୍ୟରତ କିଛି କର୍ମଚାରୀ ଲୋନ୍ ଦେବାକୁ କହି ଲକ୍ଷାଧିକ ଟଙ୍କା ଲୁଟ୍ କରିଥିବା ଅଭିଯୋଗ ହୋଇଛି। ସଂସ୍ଥା ପକ୍ଷରୁ ଲକ୍ଷେ ଟଙ୍କା ଲୋନ୍ ପାଇଁ ପ୍ରଥମେ ୩୨ଶହ ଟଙ୍କା ଡିପୋଜିଟ୍ କରିବାକୁ ପଡ଼ିବ ବୋଲି କୁହାଯାଇଥିଲା। ଯାହାକୁ ନେଇ ଅନେକ ମହିଳା ଓ ପୁରୁଷ ଗ୍ରୁପ୍ ହୋଇ ସମ୍ପୃକ୍ତ ସଂସ୍ଥାରେ ଆବଶ୍ୟକୀୟ ଲୋନ୍ ଅର୍ଥ ଅନୁଯାୟୀ ଟଙ୍କା ଡିପୋଜିଟ୍ କରିଥିଲେ। ଗୋଟିଏ ଗୋଟିଏ ଗ୍ରୁପ୍‌ର ସଦସ୍ୟ ଏଠାରେ ଲକ୍ଷ ଲକ୍ଷ ଟଙ୍କା ଡିପୋଜିଟ୍ କରିଥିବା ଅଭିଯୋଗ ହୋଇଛି। ଟଙ୍କା ଡିପୋଜିଟ୍ କରିବାର ଦିନ ପରେ ଦିନ ଗଡ଼ି ଚାଲିଥିଲେ ମଧ୍ୟ ସଂସ୍ଥା ପକ୍ଷରୁ ଲୋନ୍ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଏପରିକି ବୁଧବାର ଅଫିସ ବନ୍ଦ କରି କର୍ମଚାରୀମାନେ ଛୁ ମାରିଥିବା ଲୋନ୍ ଆଶାୟୀ ମମତା ମଣ୍ଡଳ ଓ ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ବୁଧବାର ସନ୍ଧ୍ୟାରେ ଲୋନ୍ ଆଶାୟୀମାନେ ଭଦ୍ରକ ଟାଉନ୍ ଥାନାରେ ପହଞ୍ଚି ଅଭିଯୋଗ ଜଣାଇଛନ୍ତି। ଅନ୍ୟପଟେ ଫାଇନାନ୍ସ କର୍ମଚାରୀଙ୍କୁ ଫୋନ୍‌ରେ ଯୋଗାଯୋଗ କରିବାରୁ ସେମାନେ ଟଙ୍କା ଆଦାୟ କରିଥିବା ଘଟଣାକୁ ସ୍ୱୀକାର କରିବା ସହିତ ସମସ୍ତଙ୍କ ଅର୍ଥ ଫେରସ୍ତ କରିବାକୁ କହିଛନ୍ତି।

## ବସ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଭଦ୍ରକ,୧୬।୪(ସମିସ): ବୁଧବାର ବିଳମ୍ବିତ ସନ୍ଧ୍ୟାରେ ଭଦ୍ରକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ମହୁଲିଆ ଛକ ନିକଟରେ ଘଟିଯାଇଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ବସ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ଦୁଇ ବାଇକ୍ ଆରୋହୀ ହେଉଛନ୍ତି ସ୍ଥାନୀୟ ମହୁଲିଆ ପଞ୍ଚାୟତ ଅନ୍ତର୍ଗତ ବାଲିପାଟଣା ଗ୍ରାମର ଅମିତ୍ ବେହେରା ଓ ଗଣେଶ ବେହେରା। ସୂଚନା ମୁତାବକ, ବୁଧବାର ବିଳମ୍ବିତ ସନ୍ଧ୍ୟାରେ ଅମିତ୍ ଓ ଗଣେଶ ଦୁଇ ସାଙ୍ଗ ଏକ ବାଇକ୍‌ରେ ଚାନ୍ଦବାଲିରୁ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଜୟ ମା' ତାରିଣୀ ନାମକ ଏକ ଘରୋଇ ବସ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ଘଟଣାସ୍ଥଳରେ ଦୁଇ ସାଙ୍ଗଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ରାସ୍ତା ଉପରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ଦୁର୍ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଛି। ଚାନ୍ଦବାଲି ପୁଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା ଜାରି ରଖିଛି।

## ଟ୍ରେଲରକୁ ଧକ୍କା ଦେଲା ପିକ୍‌ଅପ୍ ଭ୍ୟାନ୍

ଭଣ୍ଡାରିପୋଖରୀ,୧୬।୪(ସମିସ): ଗୁରୁବାର ସକାଳୁ ଭଣ୍ଡାରିପୋଖରୀ ତହସିଲ୍ ସାମ୍ନାରେ ଏକ ଲୁହା ପାଇପ୍ ବୋଝେଇ ଟ୍ରେଲର ଗାଡ଼ି (ଏନ୍‌ଏଲ ୦୧ ଜି ୮୮୩୦) ପଛ ପଟୁ ଏକ ପିକ୍‌ଅପ୍ ଭ୍ୟାନ୍ (ଓଡି ୦୧ ଏଜେଡ୍ ୪୪୩୧) ଧକ୍କା ଦେଇଥିଲା। ଏଥିରେ ପିକ୍‌ଅପ୍ ଭ୍ୟାନ୍ ଚାଳକ ଆହତ ହୋଇଛନ୍ତି। ତତ୍‌କ୍ଷଣାତ୍ ଭଣ୍ଡାରିପୋଖରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପିକ୍‌ଅପ୍ ଭ୍ୟାନ୍‌ର ଚାଳକଙ୍କୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପୁଲିସ କହିବା ଅନୁଯାୟୀ କାହାରି କିଛି କ୍ଷତି ହୋଇନାହିଁ। ଟ୍ରେଲର ଗାଡ଼ିର ଚାଳକ ଘଟଣାସ୍ଥଳରେ ନ ଥିବା ଦେଖିବାକୁ ପାଇଥିଲେ। ପିକ୍‌ଅପ୍ ଭ୍ୟାନ୍ ଚାଳକ ତରଫରୁ ଏକ ମାମଲା ରୁଜୁ ହୋଇଥିବା ପୁଲିସ୍ ପକ୍ଷରୁ ସୂଚନା ମିଳିଛି।

## ୧୨୦୦ ଲିଟର ଦେଶୀ ମଦ ବୋଝେଇ ବୋଲେରୋ ଜବତ

ଭଦ୍ରକ,୧୬।୪(ସମିସ): ୧୨ଶହ ଲିଟର ବୋଝେଇ ବୋଲେରୋ ଜବତ କରିବା ସହିତ ଡ୍ରାଇଭରକୁ ଗିରଫ କରିଛି ଭଦ୍ରକ ଟାଉନ୍ ପୁଲିସ। ଏକ ବୋଲେରୋରେ ଦେଶୀ ମଦ ବୋଝେଇ ହୋଇ କେନ୍ଦୁଝରର ଆନନ୍ଦପୁରରୁ ଭଦ୍ରକ ଇଚ୍ଛାପୁର ଅଭିମୁଖେ ଆସୁଥିବା ନେଇ ଭଦ୍ରକ ସହରାଞ୍ଚଳ ପୁଲିସ ଖବର ପାଇଥିଲା। ପୁଲିସ ବୋଲେରୋକୁ ଗୋଡ଼ାଇବା ଦେଖି ୧୬ ନମ୍ବର ଜାତୀୟ ରାଜପଥରେ ଦ୍ରୁତ ଗତିରେ ପଳାଉଥିଲା। ତେବେ ଭଦ୍ରକ ସହରାଞ୍ଚଳ ପୁଲିସର ଅନ୍ୟ ଏକ ଟିମ୍ ରାଜପଥରେ ଗାଡ଼ିଗୁଡ଼ିକୁ ଅଟକାଇ ରାଜପଥ ଜାମ୍ କରିଥିଲା। ଜାମ୍‌ରେ ଗାଡ଼ି ଫସିଯିବା ଦେଖି ଡ୍ରାଇଭର ଫେରାର୍ ହେଉଥିଲା। ପୁଲିସ ଡ୍ରାଇଭରକୁ ଗୋଡ଼ାଇ ଧରିବା ପରେ ବୋଲେରୋରୁ ୧୨୦୦ ଲିଟର ଦେଶୀ ମଦ ଜବତ କରିଛି। ଅନ୍ୟପଟେ ଗିରଫ ଡ୍ରାଇଭରକୁ କୋର୍ଟ ଚାଲାଣ କରାଯାଇଛି।

## ହନୁମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣ ନିମନ୍ତେ ଭୂମିପୂଜନ

ବନ୍ତ/ଆଗରପଡ଼ା,୧୬।୪(ସମିସ): ବନ୍ତ ବ୍ଲକ୍ ଛୟାଳସିଂହ ପଞ୍ଚାୟତ ପଳସା ଗ୍ରାମରେ ଜୟ ବଜରଙ୍ଗବାଲିଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଶୁଭ ଦିଆଯିବା ସହ ଭୂମି ପୂଜନ କରାଯାଇଥିବା ଜଣାପଡ଼ିଛି। ପ୍ରାରମ୍ଭରେ ୧୧ଟି କଳସ ନିକଟସ୍ଥ କପାଳୀ ନଈରୁ ଘଟୋତ୍ତୋଳନ କରାଯାଇ ବାଜା ବାଣ ରୋଷଣିରେ ଗ୍ରାମ ବଜାର ପରିକ୍ରମା କରାଯାଇ ପୂଜା ମଣ୍ଡପକୁ ଅଣାଯାଇଥିଲା। ପୂଜକ ପୀତବାସ ପଣ୍ଡାଙ୍କ ଦ୍ୱାରା ସମସ୍ତ ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିବାବେଳେ ଉମାକାନ୍ତ ସାହୁ, ଜଗନ୍ନାଥ ନାଥ, ଦେବୀପ୍ରସାଦ ସାହୁ, ପ୍ରଦୀପ ସାହୁ, ଅମୃତ୍ ସାହୁ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ଦେବାଶିଷ ସାହୁ, ରାଜୀବ ଲୋଚନ ସାହୁ, ଆଲୋକ ସାହୁ, ଭଗବାନ ସାହୁ, ବିନୋଦ ନାଥ, କରୁଣାକର ସେଠୀ, ନରହରି ସାହୁ, ଅଭିଷେକ ସାହୁ, ଦୀପକ ସାହୁ, ବିନ୍ଧୁ ନାଥ, ଉମାନାଥ, କୈବଲ୍ୟ ଚରଣ ପଣ୍ଡାଙ୍କ ସମେତ ପଳସା ସମେତ ଆଖପାଖ ଅଞ୍ଚଳରୁ ଭକ୍ତ ଉପସ୍ଥିତ ରହି ପ୍ରଭୁ କୃପା ଲାଭ କରିଥିଲେ।

### ପଞ୍ଚାୟତ ନିର୍ବାଚନ ଲାଗି ବ୍ୟାପକ ପ୍ରସ୍ତୁତି

## ଧାମନଗର ବ୍ଲକ୍‌ରେ କମିବ ପଞ୍ଚାୟତ ଓ ବୁଥ୍ ସଂଖ୍ୟା

ଧାମନଗର,୧୬।୪(ସମିସ): ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ୨୦୨୭ ଏପ୍ରିଲ ପରେ ଏହି ନିର୍ବାଚନ ହେବା ସମ୍ପର୍କରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଭଦ୍ରକ ଜିଲ୍ଲାପାଳଙ୍କୁ ଚିଠି ହୋଇଛି। ଏଥିରେ ଆସନ ସଂରକ୍ଷଣ ପ୍ରକ୍ରିୟାକୁ ନିର୍ଦ୍ଧାରିତ ସମୟରେ ସାରିବା ନେଇ ସ୍ୱତନ୍ତ୍ର କାର୍ଯ୍ୟସୂଚୀ ଜାରି କରାଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଧାମନଗର ବ୍ଲକ୍‌ରେ ଉଷ୍ମତା ପ୍ରକାଶ ପାଇଛି। ବିଶେଷ କରି ଶାସକ ବିଜେପି ଏବଂ ବିଜେଡି ୨ ରାଜନୈତିକ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଗତ ପଞ୍ଚାୟତ ନିର୍ବାଚନରେ ଧାମନଗର ବ୍ଲକ୍‌ର ଥିବା ୩୧ ପଞ୍ଚାୟତର ବିଭିନ୍ନ ସ୍ଥାନରେ ମୋଟ୍ ୪୦୫ଟି ମତଦାନ କେନ୍ଦ୍ର ଥିଲା। ଆଗାମୀ ନିର୍ବାଚନ ବ୍ଲକ୍‌ର ଧୂଷୁରୀ ପଞ୍ଚାୟତକୁ ବାଦ୍ ଦେଇ ୩୦ ପଞ୍ଚାୟତରେ ନିର୍ବାଚନ ହେବ। ସେହିପରି ୨୧ଟି ମତଦାନ କେନ୍ଦ୍ରକୁ ବାଦ୍ ଦେଇ ୩୮୪ଟି ବୁଥ୍‌ରେ ମତଦାତା ସେମାନଙ୍କ ମତ ସାବ୍ୟସ୍ତ କରିବେ। ଧୂଷୁରୀ ପଞ୍ଚାୟତ ବିଜ୍ଞପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଘୋଷଣା ହୋଇଥିବାରୁ ସେଠାରେ ନିର୍ବାଚନ ହେବ ନାହିଁ। ସେହିପରି ଧୂଷୁରୀ ଏନ୍‌ଏସିରେ ସାମିଲ ହୋଇଥିବା ବମକୁରା ପଞ୍ଚାୟତର ଭଣ୍ଡାରୀପଡ଼ା, ନଦୀଗାଁ ପଞ୍ଚାୟତର ସାହାଜିପାଟଣା ଏବଂ କୋଠାର ପଞ୍ଚାୟତର ପତ୍ରିସାହି, ବାଙ୍କସାହି ଏବଂ ଖୋପସାହି ଗ୍ରାମର ବିଭିନ୍ନ ୱାର୍ଡରେ ମଧ୍ୟ ଭୋଟ୍ ଗ୍ରହଣ ହେବ ନାହିଁ ବୋଲି ଧାମନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

## ଖଣି ବିଭାଗର ଚଢ଼ଉ; ମାଟିବୋଝେଇ ୨ ଟ୍ରାକ୍ଟର ଜବତ

'ସକାଳ' ପ୍ରଭାବ

ଧାମନଗର,୧୬।୪(ସମିସ): ଧାମନଗର ଅଞ୍ଚଳରେ ପ୍ରତ୍ୟେକ ଦିନ ଯୁଆଡ଼େ ଦେଖିବ ମାଳମାଳ ବେଆଇନ ବାଲି ମାଟି ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଏପଟେ ମାଫିଆମାନେ ସରକାରୀ ଅଧିକାରୀଙ୍କ ଆଖିରେ ଧୂଆଁ ଦେଇ ସରକାରୀ ଟିକସ ଫାଙ୍କିବାକୁ ଲାଗିପଡ଼ିଛନ୍ତି। ଏହି ଘଟଣା ଦୈନିକ 'ସକାଳ'ରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ଖଣି ବିଭାଗ ତତ୍ପର ଦେଖାଦେଇଛି। ଖଣି ବିଭାଗ ଅଧିକାରୀ ସୌମ୍ୟରଞ୍ଜନ ଦେବତା ସଦଳବଳେ ଓ ଧାମନଗର ପୁଲିସ ସହଯୋଗରେ ବୁଧବାର ଦିନ ପ୍ରାୟ ୧୧ଟାରେ ଧାମନଗର ଏନ୍‌ଏସି ଅଞ୍ଚଳ ସରକାରୀ ଜମିରୁ ବେଆଇନ ଭାବେ ମାଟି ଚାଲାଣ ବେଳେ ଚଢ଼ଉ କରି ଦୁଇଟି ଟ୍ରାକ୍ଟରକୁ ଜବତ କରି ଥାନାରେ ଅଟକ ରଖାଯାଇଛି। ଜବତ ହୋଇଥିବା ଗୋଟିଏ ଟ୍ରାକ୍ଟର ନୂଆ ନୂଆ ଶୋ'ରୁମ୍‌ରୁ କିଣାଯାଇଛି। ନମ୍ବର ପ୍ଲେଟ୍ ମିଳିନି କି ରେଜିଷ୍ଟ୍ରେସନ ସାର୍ଟିଫିକେଟ ଆସିନି। ଖଣି ବିଭାଗ ଜବତ କରି ଥାନାରେ ଆଣି ରଖିଛି ବୋଲି ଆଇଆଇସି ସୁବ୍ରଜିତ ଦାଶଙ୍କଠାରୁ ସୂଚନା ମିଳିଛି। ଆଗକୁ ବେଆଇନ ମାଟି ମାଫିଆଙ୍କ ଉପରେ ଚଢ଼ଉ ଜାରି ରହିବ ବୋଲି ଖଣି ଅଧିକାରୀ କହିଛନ୍ତି। ଏପଟେ ଲାଇସେନ୍ସ ନ ଥିବା କମ୍ ବୟସର ଛୋଟ ଛୋଟ ପିଲାମାନେ ବେପରୁଆ ଓ ଦ୍ରୁତଗତିରେ ଗାଡ଼ି ଚଳାଇବା ଫଳରେ ଦୁର୍ଘଟଣା ଘଟି ଧନ ଜୀବନ କ୍ଷତି ହେଉଛି। ଏ ଦିଗରେ ଭଦ୍ରକ ଜିଲ୍ଲାପାଳ ଓ ଏସ୍‌ପି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି କରିଛନ୍ତି।




## ସିବିଏସ୍‌ଇ ଦଶମ ପରୀକ୍ଷାରେ ଏସ୍‌ବିଡି ସ୍କୁଲର ସଫଳତା

ଭଦ୍ରକ,୧୬।୪(ସମିସ): ବୁଧବାର ପ୍ରକାଶିତ ହୋଇଥିବା ସିବିଏସ୍‌ଇ ଦଶମ ପରୀକ୍ଷାରେ ଭଦ୍ରକ ଏସ୍‌ବିଡି ଇଣ୍ଟରନ୍ୟାସନାଲ୍ ସ୍କୁଲର ଛାତ୍ରଛାତ୍ରୀମାନେ ଆଶାତୀତ ସଫଳତା ଅର୍ଜନ କରିଛନ୍ତି। ଉକ୍ତ ପରୀକ୍ଷାରେ ସର୍ବାଧିକ ୯୯.୪% ରଖିଥିବା ଛାତ୍ର ଅଂଶୁମାନ ମୋହନ ନାୟକ ଏବଂ ଅନ୍ୟ ଛାତ୍ରଛାତ୍ରୀମାନେ ଯଥାକ୍ରମେ ସୌମ୍ୟାସ୍ମୃତି ଦାସ ୯୯.୨%, ଆସ୍ଥା ନାୟକ ଏବଂ ବୀରଭଦ୍ର ବଳ ଉଭୟେ ୯୯% ରଖି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ସେହିପରି ଇଂରାଜୀରେ ୯୦ ପ୍ରତିଶତ ଉପରକୁ ୭୦ଜଣ। ତନ୍ମଧ୍ୟରୁ ୧୧ ଜଣ ଛାତ୍ରଛାତ୍ରୀ ୯୯ପ୍ରତିଶତ ମାର୍କ ରଖିଛନ୍ତି। ଓଡ଼ିଆରେ ୯୦ପ୍ରତିଶତ ଉପରକୁ ୪୪ ଜଣ ଏବଂ ୫ ଜଣ ୯୯ପ୍ରତିଶତ ମାର୍କ ରଖିଛନ୍ତି। ଗଣିତରେ ୯୦ ପ୍ରତିଶତ ଉପରକୁ ୪୪ ଜଣ ଏବଂ ୭ଜଣ ୧୦୦ ପ୍ରତିଶତ ମାର୍କ ରଖିଛନ୍ତି। ବିଜ୍ଞାନରେ ୯୦ ପ୍ରତିଶତ ଉପରକୁ ୨୭ ଜଣ ଏବଂ ୨ଜଣ ୯୯ ପ୍ରତିଶତ ମାର୍କ ରଖିଛନ୍ତି। ସାମାଜିକ ବିଜ୍ଞାନରେ ୯୦ ପ୍ରତିଶତ ଉପରକୁ ୬୨ ଜଣ ଏବଂ ୧୦ ଜଣ ୧୦୦ ପ୍ରତିଶତ ମାର୍କ ରଖିଛନ୍ତି। କମ୍ପ୍ୟୁଟରରେ ୯୦ ପ୍ରତିଶତ ଉପରକୁ ୬୦ ଜଣ ଏବଂ ୬ ଜଣ ୧୦୦ ପ୍ରତିଶତ ମାର୍କ ରଖି ବିଦ୍ୟାଳୟକୁ ସଫଳତାର ଶିଖରରେ ପହଞ୍ଚାଇଛନ୍ତି। ପିଲାମାନେ ୯୫%ରୁ ଅଧିକ ୩୩ ଜଣ ଏବଂ ୯୦% ଅଧିକ ୫୨ ଜଣ। ଉକ୍ତ ସଫଳତାରେ ବିଦ୍ୟାଳୟ ଅଧ୍ୟକ୍ଷ ଯୁଧିଷ୍ଠିର ଦେବତା, ପ୍ରତିଷ୍ଠାତା ଆନନ୍ଦାନନ୍ଦ ଦୀକ୍ଷିତ୍, ଚେୟାରମ୍ୟାନ ଦେବାଶିଷ ଦୀକ୍ଷିତ୍ ଏବଂ ମ୍ୟାଡାମ୍ ଆଶାବରୀ କର, ପରିଚାଳନା ନିର୍ଦ୍ଦେଶକ ବିଦ୍ୟାଧର ଅଗସ୍ତି ଓ ମ୍ୟାଡାମ୍ ବନ୍ଦିତା ଦୀକ୍ଷିତ୍, ମାର୍ଗଦର୍ଶକ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର ଓ ଦେବେନ୍ଦ୍ର ଶତପଥି, ଶିକ୍ଷାବିତ୍ ବିପିନ୍ ବିହାରୀ କର, ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କର ଆଗାମୀ ଭବିଷ୍ୟତର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।




## ରାଜ୍ୟସ୍ତରୀୟ ୨୧ତମ ବିଷୁବ ମିଳନ ଓ ସମ୍ବର୍ଦ୍ଧନା ସଭା

ବାସୁଦେବପୁର,୧୬।୪(ସମିସ): ବାସୁଦେବପୁର ଅଟଳ ବିହାରୀ କଲେଜରେ ଅବସର ସାହିତ୍ୟ ପତ୍ରିକା ପକ୍ଷରୁ ୨୧ତମ ରାଜ୍ୟସ୍ତରୀୟ ବିଷୁବ ମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ପ୍ରାଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାଷାବିତ୍ ତଥା ସମାଲୋଚକ ପ୍ରଫେସର ଡ. ନଟବର ଶତପଥୀ, ମୁଖ୍ୟବକ୍ତା ଭାବେ ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭ୍ୟ ଡ. କାଳୀପଦ ପଣ୍ଡା, ସମ୍ମାନିତ ଅତିଥି ଡ. ରାଜେନ୍ଦ୍ର ବେହେରା, ସମ୍ମାନିତ ବକ୍ତା ଡ. ଅଭୟ କୁମାର ଦାସ ଯୋଗଦେଇ ଉଦ୍‌ବୋଧନ ଦେଇ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକ ବୋଲି କହିଥିଲେ। ଆନ୍ତରିକତା ଅଭାବରୁ ଓଡ଼ିଆ ଭାଷାର ବ୍ୟବହାର କମି କମି ଯାଉଛି। ସରକାରୀସ୍ତରରେ ଓଡ଼ିଆ ପକ୍ଷ ପାଳନ କରୁଛନ୍ତି। କିନ୍ତୁ ସବୁ ସରକାରୀ କାର୍ଯ୍ୟାଳୟର ଇଂରାଜୀ ଭାଷାରେ ଚିଠି ଦେଣନେଣ ହେଉଛି। ଅବସର ସାହିତ୍ୟ ପତ୍ରିକା ଆନୁକୂଲ୍ୟରେ ସମ୍ବର୍ଦ୍ଧନା ସଭାରେ ଡ. ଅଭୟ କୁମାର ଦାସଙ୍କୁ 'ଅବସର ସାରସ୍ୱତ ପ୍ରତିଭା ସମ୍ମାନ', ସୁରଞ୍ଜନ ପାତ୍ରଙ୍କୁ 'ଅବସର କବିତା ସମ୍ମାନ', କ୍ଷୀରୋଦ ବିହାରୀ ବିଶ୍ୱାଳଙ୍କୁ 'ଅବସର ଯୁବ ପ୍ରତିଭା ସମ୍ମାନ', ଯାମିନୀକାନ୍ତ ପାଢ଼ୀଙ୍କୁ 'ବନମାଳୀ ବାରିକ ସ୍ମୃତି ସମ୍ମାନ' ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅବସରର ସମ୍ପାଦକ ପାର୍ଥସାରଥି ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଧନେଶ୍ୱର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟସ୍ତରୀୟ ବିଷୁବ ମିଳନ-୨୦୨୬ ର ଅପରାହ୍ଣରେ ଆୟୋଜିତ ବିଷୁବ କବିତା ଆସରରେ ଏ.ବି. କଲେଜର ପ୍ରାକ୍ତନ ଅଧ୍ୟକ୍ଷ ସୂର୍ଯ୍ୟମଣୀ ଶତପଥି, ତୃପ୍ତି ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲର ପ୍ରାକ୍ତନ ଅଧ୍ୟକ୍ଷ ସ୍ନିଗ୍ଧା ମହାନ୍ତି, କମଳାକାନ୍ତ କର ଉଦ୍‌ବୋଧନ ଦେଇଥିଲେ। ଶିକ୍ଷକ ଗୟାଧର ଦାସ କବିତା ସଂଯୋଜନା କରିଥିଲେ। ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ।

## ତାରିଣୀ ପୀଠରେ ପାଲା ପରିବେଷଣ

ବାରିକପୁର,୧୬।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ପଟାପୋଲ ବଜାରଠାରେ ମା' ତାରିଣୀଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ ଲୋକକଳା ପାଲା ପରିବେଷଣ ହୋଇଛି। ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କାଙ୍କ ସଞ୍ଚାଳନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଞ୍ଚଳର ବର୍ଷୀୟାନ ସାହିତ୍ୟିକ ତଥା ଶିକ୍ଷାବିତ୍ ନଟବର ରାଉଳ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଗିରିଶ ଚନ୍ଦ୍ର ସାମଲ, ବରେଣ୍ୟ ଅତିଥି ଶିକ୍ଷକ ଖଗେଶ୍ୱର ସାହୁ, ଯୁବନେତା ଜିତେନ୍ଦ୍ର ନାୟକ, ବରିଷ୍ଠ ନାଗରିକ ଉମାକାନ୍ତ ନାୟକ, ଯାତ୍ରା କଳାକାର କୀର୍ତ୍ତନ ଧଳ, ଚାଷୀ ସଂଗଠକ ଦେବେନ୍ଦ୍ର କୁମାର ଷଣ୍ଡ ପ୍ରମୁଖ ଯୋଗଦେଇ ପାଲା ମଞ୍ଚକୁ ଉଦ୍‌ଘାଟନ କରିଥିଲେ। ଗାୟିକା କୁମୁଦୁନୀ ପଣ୍ଡା ଓ ସାଥିଙ୍କୁ ଅତିଥିମାନେ ସମ୍ବର୍ଦ୍ଧନା ଜଣାଇଥିଲେ।

## ୨ ହୋଟେଲରେ ସେକ୍ସ ରାକେଟ୍

ଭଦ୍ରକ, ୧୬।୪ (ସମିସ): ସେକ୍ସ ରାକେଟ୍ ଚାଲିଥିବା ଖବର ପାଇ ଭଦ୍ରକ ଟାଉନ ପୁଲିସ ଓ ଗ୍ରାମାଞ୍ଚଳ ପୁଲିସ ୨ଟି ହୋଟେଲରେ ଚଢ଼ଉ କରି ୨ଯୁବତୀଙ୍କୁ ଉଦ୍ଧାର କରିବା ସହ ୪ ଗ୍ରାହକଙ୍କୁ ଗିରଫ କରିଛନ୍ତି। ୨ ଥାନା ପୁଲିସ ୨ଜଣ ଲେଖାଏଁ ଗ୍ରାହକଙ୍କୁ ଗିରଫ କରିଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ହୋଟେଲରେ ସେକ୍ସ ରାକେଟ୍ ଚାଲିଥିବା ନେଇ ଖବର ପାଇ ୨ଟି ଥାନା ପକ୍ଷରୁ ଚଢ଼ଉ ହୋଇଥିଲା। ଭଦ୍ରକ ସହରାଞ୍ଚଳ ପୁଲିସ ଭଦ୍ରକ ସହରର ରାଜଘାଟ ଛକ ନିକଟରେ ଏକ ଥିବା ହୋଟେଲରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଜଣେ ଯୁବତୀଙ୍କ ସହ ୨ଗ୍ରାହକଙ୍କୁ ଗିରଫ କରିଥିଲା ପୁଲିସ। ସେହିଭଳି ଧାମରା ବ୍ରିଜ୍ ନିକଟ ଏକ ହୋଟେଲରେ ଚଢ଼ଉ କରି ୨ ଗ୍ରାହକଙ୍କୁ ଗିରଫ କରିବା ସହ ଜଣେ ଯୁବତୀଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ୨ ଯୁବତୀଙ୍କ ବୟାନ ରେକର୍ଡ ସହ ଡାକ୍ତରୀମାଇନା କରାଯାଇଛି। ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ୪ ଗ୍ରାହକଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ୍ ସୂଚନା ଦେଇଛି। ସୂଚନାଯୋଗ୍ୟ, ଏହି ୨ଟି ହୋଟେଲରେ ଦୀର୍ଘ ୨ମାସ ହେବ ସେକ୍ସ ରାକେଟ୍ ଚାଲିଥିବା ପୁଲିସ ତଦନ୍ତବେଳେ ଜାଣିବାକୁ ପାଇଛି।

**୪ ଗ୍ରାହକ ଗିରଫ, ୨ ଯୁବତୀ ଉଦ୍ଧାର**

## ନାରୀ ଶକ୍ତି ବନ୍ଦନକୁ ସମର୍ଥନ କରି ପଦଯାତ୍ରା



ଭଦ୍ରକ,୧୬।୪(ସମିସ): 'ସଶକ୍ତ ଭାରତ, ସଶକ୍ତ ନାରୀ' ଏହି ଆହ୍ୱାନକୁ ସାମ୍ନାରେ ରଖି ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସମର୍ଥନ ଜଣାଇ ଗୁରୁବାର ସକାଳ ୯ଟାରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ମହିଳା ସମାବେଶ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ମହିଳାମାନେ ଯୋଗଦେଇ ନାରୀ ସଶକ୍ତୀକରଣ ପ୍ରତି ନିଜ ସମର୍ଥନ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାରୀମାନଙ୍କ ସାମାଜିକ, ଆର୍ଥିକ ଓ ଶିକ୍ଷାଗତ କ୍ଷେତ୍ରରେ ଅବଦାନକୁ ପ୍ରଶଂସା କରିଥିଲେ। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ନାରୀ ସୁରକ୍ଷା ଓ ସମାନ ଅଧିକାର ସୁନିଶ୍ଚିତ କରିବା ଦିଗରେ ପ୍ରଶାସନର ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ। ଏହି ଅବସରରେ ରାଜ୍ୟ ମହିଳା ଶିଶୁ ସୁରକ୍ଷା ସଦସ୍ୟା ମନସ୍ୱିତା ଖୁଣ୍ଟିଆ, ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡା, ଉତ୍କଳ ସମ୍ମିଳନୀ ଜିଲ୍ଲା ସଭାପତି ଝରଣା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବକ୍ତାମାନେ କହିଥିଲେ ଯେ, ପଞ୍ଚାୟତରୁ ପାର୍ଲ୍ୟାମେଣ୍ଟ ପର୍ଯ୍ୟନ୍ତ ମହିଳାଙ୍କ ପାଇଁ ଆରକ୍ଷଣ ବ୍ୟବସ୍ଥା କରିବାକୁ ଯାଉଥିବା ନାରୀ ଶକ୍ତି ବନ୍ଦନ ଅଧିନିୟମ ସମଗ୍ର ଦେଶରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ। ମହିଳାମାନଙ୍କୁ ସମସ୍ତ କ୍ଷେତ୍ରରେ ଆତ୍ମନିର୍ଭର କରିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ଗ୍ରହଣ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଯାଇଥିଲା।

### ସତ କୋକେଇରେ ମିଛ ଶବ

# ୨୬ ବର୍ଷ ହେଲା ନିଖୋଜ ବ୍ୟକ୍ତିଙ୍କ ପ୍ରତୀକାତ୍ମକ ସତ୍କାର

ଭଦ୍ରକ,୧୬।୪(ସମିସ): ୨୦୦୦ ମସିହାରେ ବଜାର ଯିବାକୁ କହି ଯାଇଥିଲେ। ୨୬ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଘରକୁ ଫେରିଲେନି। ଶେଷରେ ବାଧ୍ୟ ହୋଇ ନିଖୋଜ ବ୍ୟକ୍ତିଙ୍କ ନିଆରା ଢଙ୍ଗରେ ଶବ ସତ୍କାର କଲେ ପରିବାର ଲୋକେ। ପଳାସ କାଠ ଓ ନଡ଼ା ଛଣରେ ପ୍ରତୀକାତ୍ମକ ଶବ ତିଆରି କରି ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତିରେ କଲେ ସତ୍କାର। ସତ କୋକେଇରେ ଶୋଇଛି ନିଖୋଜ ମଣିଷର ପଳାସ କାଠ ଓ ଛଣରେ ତିଆରି ପ୍ରତୀକାତ୍ମକ ଶବ। କାନ୍ଦ ବୋବାଳିରେ ଫାଟି ପଡୁଛି ଗାଁ ଦାଣ୍ଡ। ରାମ ନାମ ସତ୍ୟ ହେ ଡାକରେ ଉଠୁଛି କୋକେଇ। ନା ମିଳିଛି ମଣିଷ ନା ଅଛି ମଣିଷର ଶବ। ହେଲେ ୨୬ ବର୍ଷ ତଳେ ନିଖୋଜ ହୋଇଯାଇଥିବା ବ୍ୟକ୍ତିଙ୍କ ଚାଲିଛି ଶବ ସତ୍କାର। ଏ ଦୃଶ୍ୟ ହେଉଛି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଚୁଡ଼ାକୁଟି ପଞ୍ଚାୟତ ବିଦ୍ୟାଧରପୁର ଗାଁର।

ଗ୍ରାମର ୫୫ ବର୍ଷୀୟ ଶତ୍ରୁଘ୍ନ ସାହୁ ୨୦୦୦ ମସିହାରେ ଭଦ୍ରକ ସହର ଯିବାକୁ କହି ଘରୁ ଆସିଥିଲେ। କିନ୍ତୁ ସେ ଆଉ ଫେରି ନ ଥିଲେ। ଦୀର୍ଘ ବର୍ଷ ହେବ ଶତ୍ରୁଘ୍ନଙ୍କ ସ୍ତ୍ରୀ ଓ ଦୁଇ ପୁଅ ସମେତ ପରିବାର ଲୋକେ ବହୁ ସ୍ଥାନରେ ଖୋଜାଖୋଜି କରୁଥିଲେ ମଧ୍ୟ କୌଣସି ଖବର ପାଇ ନ ଥିଲେ। ନିଖୋଜ ଘଟଣାକୁ ୨୫ ବର୍ଷ ପୂରି ଯାଇଥିଲେ ମଧ୍ୟ ଶତ୍ରୁଘ୍ନ ନ ଫେରିବାରୁ ପରିବାର ପକ୍ଷରୁ ପୁରୀ ମୁକ୍ତି ମଣ୍ଡପ ସମେତ ବ୍ରାହ୍ମଣଙ୍କ ସହ ଯୋଗାଯୋଗ କରିବା ପରେ ବୁଧବାର ତାଙ୍କର ଶବ ସତ୍କାର କରିଛନ୍ତି। ବୁଧବାର ସାହି ପରିବାର ଏକତ୍ରିତ ହେବା ସହିତ ହିନ୍ଦୁ ରୀତିନୀତିରେ ଶବସତ୍କାର କରାଯାଇଛି। କୋକେଇ ପ୍ରସ୍ତୁତି କରାଯିବା ସହିତ ପଳାସ କାଠ ଓ ଛଣରେ ନିଖୋଜ ଶତ୍ରୁଘ୍ନଙ୍କ ଶବ ପ୍ରସ୍ତୁତ କରାଯାଇଥିଲା। ପରେ କୋକେଇ ଗାଁ ପରିକ୍ରମା କରି ମଶାଣିରେ ପହଞ୍ଚିଥିଲା ଓ ସେଠାରେ ସତ୍କାର କରାଯାଇଥିଲା। ଦଶାହ ଓ ଏକାଦଶାହ ପର୍ଯ୍ୟନ୍ତ ସମସ୍ତ କ୍ରିୟା ପରିବାର ପକ୍ଷରୁ ପାଳନ କରାଯିବ ବୋଲି କୁହାଯାଇଛି।

ଏପରି ନିଆରା ଶବ ସତ୍କାର ଅନେକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି ସତ, ହେଲେ ଏହି ଶବ ସତ୍କାର ନିଖୋଜ ଶତ୍ରୁଘ୍ନଙ୍କ ଆତ୍ମାକୁ ମୁକ୍ତି ଦେବ ବୋଲି ତାଙ୍କ ପରିବାର ଲୋକେ ମତବ୍ୟକ୍ତ କରିଛନ୍ତି।



# ଓଡ଼ିଶା କୋଷ୍ଟ କେନାଲର ସ୍ଥିତି ପରଖିଲେ ସିଡବ୍ଲ୍ୟୁସିର ପ୍ରତିନିଧି ଦଳ

ବାଲେଶ୍ୱର(ଉତ୍ତର), ୧୬।୪ (ସମିସ)

ପଶ୍ଚିମବଙ୍ଗର ସୀମାନ୍ତ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ମାନକୁଣ୍ଡା ଠାରୁ ଭୋଗରାଇ ଲକ୍ ପର୍ଯ୍ୟନ୍ତ ଭୋଗରାଇ ପରିସୀମାରେ ଆସୁଥିବା ପ୍ରାୟ ୧୪ କିମି ଲମ୍ବର ଓଡ଼ିଶା କୋଷ୍ଟ କେନାଲର ଏକ ଅଂଶ ଏବେ ବିଲାତି ଦଳରେ ପରିପୂର୍ଣ୍ଣ ହୋଇ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଦୀର୍ଘଦିନ ଧରି ଏହାର ପୁନରୁଦ୍ଧାର ପାଇଁ ଦାବି ହୋଇ ଆସୁଥିଲା ବେଳେ ଏହାର କାର୍ଯ୍ୟ ହୋଇପାରୁନାହିଁ। ଗତ ମାର୍ଚ୍ଚ ମାସରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କେନ୍ଦ୍ର ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟର ସଚିବଙ୍କୁ ଏକ ଚିଠି ଲେଖି କୋଷ୍ଟ କେନାଲ ପରିଦର୍ଶନ ପାଇଁ ଅନୁରୋଧ କରିଥିଲେ। ତଦନୁଯାୟୀ ଆଜି କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)ର ଏକ ପ୍ରତିନିଧି ଦଳ ଭୋଗରାଇ ଗସ୍ତରେ ଆସି ଏହାର ସ୍ଥିତି ଅନୁଧ୍ୟାନ କରି ଫେରିଥିବା ଜଣାପଡ଼ିଛି।



ସୂଚନାଯୋଗ୍ୟ ଯେ, ନଅଙ୍କ ଦୁର୍ଭିକ୍ଷ ପରେ ୧୮୮୦ ମସିହାରେ ବ୍ରିଟିଶ ସରକାରଙ୍କ ଦ୍ୱାରା ନିର୍ମିତ ୨୨୧ କିମି ଲମ୍ବ କୋଷ୍ଟ କେନାଲ ଏବେ ମୃତପ୍ରାୟ। ଏକଦା ଏଇ କେନାଲ ପଶ୍ଚିମବଙ୍ଗ ଓ ଓଡ଼ିଶା ମଧ୍ୟରେ ବାଣିଜ୍ୟିକ କାରବାର ତଥା ଜଳପଥରେ ଗମନାଗମନର ଏକ ପ୍ରମୁଖ ମାଧ୍ୟମ ଥିଲା। ଏହାଛଡ଼ା କେନାଲର ଦୁଇ ପାର୍ଶ୍ୱରେ ଥିବା ହଜାର ହଜାର ଏକର ଚାଷ ଜମିକୁ ଜଳସେଚନ ମଧ୍ୟ ହେଉଥିଲା। ମାତ୍ର ଦୀର୍ଘଦିନ ଧରି ଏହି କେନାଲ ରେ ନୌ ଚଳାଚଳ ବନ୍ଦ ହେବା ଫଳରେ କେନାଲ ଟି ବିଲାତି ଦଳପୂର୍ଣ୍ଣ ହୋଇ ପଡ଼ିଛି। ଏହାର ପୁନରୁଦ୍ଧାର ହୋଇ ପାରୁ ନାହିଁ। ବିଧାୟକ ଶ୍ରୀ ଦାସଙ୍କ ଚିଠି ଆଧାରରେ ଆଜି କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)ର ନିର୍ଦ୍ଦେଶକ ମନୋଜ କୁମାରଙ୍କ ନେତୃତ୍ୱରେ ଏକ ତିନି ଜଣିଆ ପ୍ରତିନିଧିଦଳ ଆଜି ଭୋଗରାଇରେ ପହଞ୍ଚି ବିଧାୟକ ଗୌତମବୁଦ୍ଧ ଦାସଙ୍କ ସହିତ ମାନକୁଣ୍ଡାରୁ ଭୋଗରାଇ ଲକ୍ ପର୍ଯ୍ୟନ୍ତ ୧୪ କିମି ଲମ୍ବ କୋଷ୍ଟକେନାଲ ପରିଦର୍ଶନ କରିବା ସହିତ ସ୍ଥାନୀୟ ନେତୃତ୍ୱ ମାନଙ୍କ ଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ। ଖୁବଶୀଘ୍ର ସିଡବ୍ଲ୍ୟୁସିର ଏହି ଟିମ୍ ଜଳ ଶକ୍ତି ମନ୍ତ୍ରଣାଳୟକୁ ଏକ ଷ୍ଟାଟସ୍ ରିପୋର୍ଟ ପ୍ରଦାନ କରିବେ ବୋଲି ବ୍ଲକ କାର୍ଯ୍ୟାଳୟ ରେ ହୋଇଥିବା ଆଲୋଚନା ରେ ନିର୍ଦ୍ଦେଶକ ମନୋଜ କୁମାର ବିଧାୟକ ଶ୍ରୀ ଦାସଙ୍କୁ ସୂଚନା ଦେଇଥିଲେ। ଏହି ଟିମ୍‌ରେ ବରିଷ୍ଠ ଯନ୍ତ୍ରୀ ରୂପେଶ କୁମାର, ବୁବାଇ ଦାସ ପ୍ରମୁଖ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଜିଲ୍ଲା ପରିଷଦ ସଦସ୍ୟା କବିତା ମହାନ୍ତି, ଦମୟନ୍ତୀ ସାହୁ, ପୂର୍ବତନ ସରପଞ୍ଚ ରମାକାନ୍ତ କରଣ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗଣପତି ଗିରି, ସମାଜସେବୀ ତାପସ ଦାସମହାପାତ୍ର, ଦେଉଳା ସରପଞ୍ଚ ଚୈତନ୍ୟ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ହେମନ୍ତ ବେହେରା, ନଳିନୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଝାଡ଼େଶ୍ୱର ଇଣ୍ଟରନ୍ୟାସନାଲ ସ୍କୁଲର ଶତପ୍ରତିଶତ ସଫଳତା

ବାଲେଶ୍ୱର, ୧୬।୪ (ସମିସ): ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳରେ ସ୍ଥାନୀୟ ଝାଡ଼େଶ୍ୱର ଇଣ୍ଟରନ୍ୟାସନାଲ ସ୍କୁଲ ପୁଣି ଥରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଛି। ଏହି ପରୀକ୍ଷାରେ ବିଦ୍ୟାଳୟର ଦୁଇ ଜଣ ପ୍ରତିଭାବାନ ପରୀକ୍ଷାର୍ଥୀ ଆକାଂକ୍ଷା ଜେନା ଏବଂ ଭବାନୀ ଶଙ୍କର ବାରିକ ସମାନ ଭାବେ ସର୍ବାଧିକ ୯୬ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ସ୍କୁଲର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ନିରନ୍ତର ପ୍ରଚେଷ୍ଟା ଓ ଉପଯୁକ୍ତ ଶିକ୍ଷାଦାନ ଯୋଗୁଁ ଚଳିତ ବର୍ଷ ୧୬ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ହାସଲ କରି ଏକ ନୂଆ କୀର୍ତ୍ତିସ୍ତମ୍ଭ ସ୍ଥାପନ କରିଛନ୍ତି। ସେହିଭଳି ବିଦ୍ୟାଳୟର ପ୍ରାୟ ୯୦ ପ୍ରତିଶତ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଶତପ୍ରତିଶତ ଛାତ୍ରଛାତ୍ରୀ ସଫଳତାର ସହ ପାସ୍ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ଚମତ୍କାର ପ୍ରଦର୍ଶନ ପାଇଁ ବିଦ୍ୟାଳୟର ଚେୟାରମ୍ୟାନ ପରମାନନ୍ଦ ସାନ୍ତ୍ରା ଏବଂ ପରିଚାଳନା ମୁଖ୍ୟ ସର୍ବେଶ୍ୱର ସାନ୍ତ୍ରା ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଆଳଦା-ପାହାଡ଼ପୁର ରାସ୍ତାର ଶିଳାନ୍ୟାସ

ଖଇରା, ୧୬।୪ (ସମିସ): ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଗୁରୁବାର ବାଲେଶ୍ୱର ଭଦ୍ରକକୁ ସଂଯୋଗ କରୁଥିବା ଆଳଦା-ପାହାଡପୁର ରାସ୍ତାର ଶିଳାନ୍ୟାସ କରିଛନ୍ତି। କୈଳାସ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ମୁଖ୍ୟଅତିଥି ଓ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ଡୁଙ୍ଗୁରା ସରପଞ୍ଚ ପ୍ରକାଶ କୁମାର ଲେଙ୍କା, ନଟବର ସାହୁ, ଶଙ୍କର୍ଷଣ ମାଝୀ, ଠିକାଦାର ମୁରଲୀଧର ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ରାସ୍ତାର ବିଷଦ ବିବରଣୀ ପ୍ରଦାନ କରିବା ଅବସରରେ ୧.୮ କିମି ରାସ୍ତା ପାଇଁ ୧କୋଟି ୯୬ଲକ୍ଷ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ପ୍ରକାଶ କରିଥିଲେ।

## ମଦ ବିରୋଧୀ ଆନ୍ଦୋଳନ ପ୍ରସ୍ତୁତି ବୈଠକ

ନୀଳଗିରି, ୧୬।୪ (ସମିସ): ବର୍ତ୍ତମାନ ଘରେ ଘରେ ଦେଶୀ ମଦର ପ୍ରାଦୁର୍ଭାବ ବଢ଼ି ଚାଲିଛି। ଯାହାଦ୍ୱାରା କି ସମାଜ ଉପରେ ଏହାର ଗଭୀର ପ୍ରଭାବ ପଡ଼ିଛି। ଏହାକୁ ପ୍ରତିବାଦ କରି ଗୋହିରାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ତେଲିପାଳ ପଞ୍ଚାୟତର ନାଏବ ସରପଞ୍ଚଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବୈଠକରେ ସମାଜସେବୀ ବିଜୟ କୁମାର ପାତ୍ର, ଅମରେନ୍ଦ୍ର ନାୟକ, ମନୋରଞ୍ଜନ ମିଶ୍ର, ଉମାକାନ୍ତ ଷଡଙ୍ଗୀ, କଳ୍ପନା ପ୍ରଧାନ, ରୂପଶ୍ରୀ ମିଶ୍ର, ବବିତା ବେହେରା, ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଆଗାମୀ ଦିନରେ ନୀଳଗିରିରେ ମଦ ବନ୍ଦ କରିବା ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯିବା ପାଇଁ ସ୍ଥିର କରାଯାଇଛି।

## ଗାଁ କଲ୍ୟାଣ ସମିତି ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା

ଜଳେଶ୍ୱର, ୧୬।୪ (ସମିସ): ଜଳେଶ୍ୱର ବ୍ଲକ ଖାଲିନା ପଞ୍ଚାୟତର ଖାଲିନା ଗାଁ କଲ୍ୟାଣ ସମିତି ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାମ୍ପୋ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ଡ. ଦେବବ୍ରତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍.ଏମ୍. ରେଖାରାଣୀ କର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସ୍ନେହଲତା ଜେନା ପ୍ରମୁଖ ଯୋଗଦେଇ କିଶୋରୀ ବାଳିକା ମାନେ କିଶୋରୀ ବୟସରେ ହେଉଥିବା ବ୍ୟତିକ୍ରମ ଯଥା ରକ୍ତହୀନତା, ଖାଦ୍ୟ ଅଭାବ ଜନିତ ଅପପୁଷ୍ଟି, ଯୌନ ସମ୍ବନ୍ଧୀୟ ବିଭିନ୍ନ ସଂକ୍ରାମକ ରୋଗରୁ କିପରି ରକ୍ଷା ପାଇ ପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖାଲିନା ଗାଁ କଲ୍ୟାଣ ସମିତିର ସଭାପତି ସୁମିତ୍ରା ଜେନା, ସରପଞ୍ଚ ମିନତୀ ପାତ୍ର, ନାଏବ ସରପଞ୍ଚ ସୁଶାନ୍ତ କୁମାର ଦେ, ଅଙ୍ଗନବାଡି କର୍ମୀ ରୀନାବାଲା ଦେ, ସୁପ୍ରୀୟା କର, ଶାନ୍ତିଲତା ସୁର, ଝରା ରାଣୀ ଦେ, ଆଶାକର୍ମୀ ସରସ୍ୱତୀ ଦେ, ପଦ୍ମାବତୀ ବାରିକ, ସଙ୍ଗୀତା ପାଳ, ଏମ.ବି.କେ ମଧୁସ୍ମିତା ଭଞ୍ଜ, ସି.ଆର.ପି ଜୟନ୍ତୀ ଜେନା, ଗ୍ରମ୍ୟ ମୁଖ୍ୟ ବୁଦ୍ଧଦେବ ଦେ, ଭୂପେନ କୁମାର ଦେ ପ୍ରମୁଖଙ୍କ ସହିତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ମହିଳା ସମିତିର ସଦସ୍ୟା, ସଙ୍ଘସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।

## ପୁସ୍ତକ 'ଅମୃତ ପଥର ଯାତ୍ରୀ' ଉନ୍ମୋଚିତ

ଜଳେଶ୍ୱର, ୧୬।୪ (ସମିସ) : ବ୍ଲକବଜାରସ୍ଥିତ ତାରୁଣ୍ୟ ସମ୍ମିଳନୀ କକ୍ଷରେ ଯୁବ ବ୍ୟବସାୟୀ ବିଶ୍ୱଭୂଷଣ ବିଶ୍ୱାଳଙ୍କ ପ୍ରଥମ ଶ୍ରଦ୍ଧାବାର୍ଷିକ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଦୀନକୃଷ୍ଣ ସ୍ମୃତି ପରିଷଦର ସଭାପତି ଡ. ରମାକାନ୍ତ ଭଞ୍ଜଙ୍କ ସଭାପତିତ୍ୱରେ କାର୍ଯ୍ୟକାରୀ ସଭାପତି ବ୍ରଜେନ୍ଦ୍ର ନାଥ ଗିରି, ଉପସଭାପତି ଡ. ଅଜିତ୍ କୁମାର ମହାନ୍ତି ଯୋଗଦେଇ ଦିବଂଗତ ଆତ୍ମାର ସ୍ମୃତିଚାରଣ କରିବା ସହିତ ପୁସ୍ତକ 'ଅମୃତ ପଥର ଯାତ୍ରୀ'କୁ ଉନ୍ମୋଚିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, ଚମ୍ପାମଣି ବିଶ୍ୱାଳ, ବ୍ରହ୍ମବିଭୂଷଣ ବିଶ୍ୱାଳ, ଲୋପାମୁଦ୍ରା ବିଶ୍ୱାଳ, ଡ. କାଳୀକିଂକର ଦାସ, ଡ. ବିବେକାନନ୍ଦ ସାହୁ, ହରିପଦ ପ୍ରମାଣିକ, ସୁଶାନ୍ତ ନାୟକ, ବଂଶୀଧର ବାରିକ, ରଜନୀକାନ୍ତ ଭୂୟାଁ, ଜ୍ୟୋତିଷଚନ୍ଦ୍ର କର, ହରେନ୍ଦ୍ର ନାଥ ବାରିକ ପ୍ରମୁଖ ବହୁ ଶୁଭେଚ୍ଛୁ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଆଦର୍ଶ ପ୍ରଧାନଶିକ୍ଷକଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲିଆପାଳ, ୧୬।୪ (ସମିସ): ଏହି ବ୍ଲକ ଅନ୍ତର୍ଗତ ଡଗରା ସ୍ଥିତ ଗଦାଧର ସ୍ମୃତି ଉଚ୍ଚ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବତୋଷ କୁମାର ଦତ୍ତଙ୍କ ଶ୍ରଦ୍ଧାଞ୍ଜଳି ସଭା ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ସଭାକୁ ତୀର୍ଥ କୁମାର ନାଗ ପରିଚାଳନା କରିଥିଲେ। ପୁରାତନ ଛାତ୍ର, ବର୍ତ୍ତମାନର ଛାତ୍ର, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଯୋଗଦେଇଥିଲେ। ଏହି ସମୟରେ ଚୈତନ୍ୟ କୁମାର ଜେନା, ଅଜୟ କୁମାର ବେହେରା, କିରଣ ବାଳା ପାତ୍ର, ସଦାନନ୍ଦ ମହାନ୍ତି, ଅରୁଣ କୁମାର ପାତ୍ର, ପୂର୍ଣ୍ଣ ଚନ୍ଦ୍ର ସାହୁ, ପ୍ରସାନ୍ତ କୁମାର କରଣ ପ୍ରମୁଖ ଉପସ୍ଥିତ ଥିଲେ।

## ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଜଳେଶ୍ୱର, ୧୬।୪(ସମିସ): ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଜଳେଶ୍ୱର ଶାଖା ତରଫରୁ ମଦ ବିକ୍ରୀ ଉପରେ ନିଷେଧାଜ୍ଞା ସମ୍ପର୍କରେ ଏକ ଦାବିପତ୍ର ଜଳେଶ୍ୱର ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଓଡ଼ିଶା ଏକ ଦରିଦ୍ରତମ ରାଜ୍ୟ, ଯେଉଁଠାରେ ଅଧିକାଂଶ ଲୋକଙ୍କର ଅର୍ଥନୈତିକ ଅବସ୍ଥା ଦୁର୍ବଳ। ୨୦୧୧ ମସିହାର ଜନ ଗଣନା ଅନୁସାରେ ଏଠାରେ ୨୨.୮୫ ପ୍ରତିଶତ ଜନଜାତି ଓ ୧୭.୧୩ ପ୍ରତିଶତ ଅନୁସୂଚିତ ଜାତିର ଲୋକ ବାସ କରନ୍ତି। ଯାହାର ଅଧିକାଂଶ ଭାଗ ଲୋକ ଦୈନିକ ମଜୁରୀ ଲାଗି ଜୀବିକା ନିର୍ବାହ କରନ୍ତି। ଅଭାବ ଅନାଟନ ମଧ୍ୟରେ ଜୀବନ ବିତାଉଥିବା ବେଳେ ନିଶା ଏମାନଙ୍କ ଜୀବନକୁ ଅଧିକ ଦୁର୍ବିସହ କରିଦେଉଛି। ଖୋଲାଖୋଲି ଭାବରେ ମଦ ବିକ୍ରୀ ହେଉ ଥିବାରୁ ଏହି ଲୋକମାନଙ୍କ ଉପରେ ଅଧିକ ପ୍ରଭାବ ପକାଉଛି। ଫଳରେ ପାରିବାରିକ ଅଶାନ୍ତି, ସମାଜରେ ହତ୍ୟା, ଲୁଣ୍ଠନ, ଧର୍ଷଣ କ୍ରମଶଃ ବଢ଼ି ଚାଲିଛି। ବିଦ୍ୟାଳୟ ନିକଟରେ ଗ୍ରାମ ଗ୍ରାମରେ ମଦ ଦୋକାନ ଖୋଲିବା ଯୋଗୁଁ ଯୁବଗୋଷ୍ଠୀ ମଦପ୍ରତି ଆକୃଷ୍ଟ ହେଉଛନ୍ତି। ତେଣୁ ଏକ କଠୋର ଅବକାରୀ ନୀତି ପ୍ରଣୟନ ହେବା ପରିବର୍ତ୍ତେ ବନ୍ଦ ଥିବା ମଦ ଦୋକାନ ଖୋଲିବା, ପ୍ୟାକେଟରେ ମଦ ବିକ୍ରୟ ହେବା, ମଦ କୁଡିଆ ଖୋଲିବା ଭଳି ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ତେଣୁ ରାଜ୍ୟରେ ମଦ ବିକ୍ରୀକୁ ସମ୍ପୂର୍ଣ୍ଣ ନିଷେଧ କରିବା ନିମନ୍ତେ ଆଇନ ପ୍ରଣୟନ ନିମନ୍ତେ ସଂଗଠନ ପକ୍ଷରୁ ଦାବୀ କରାଯାଇଛି। ସରକାର ଏ ଦିଗରେ ପଦକ୍ଷେପ ନ ନେଲେ ମଦ ବିରୋଧି ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଜଳେଶ୍ୱର ଶାଖା ସମ୍ପାଦିକା ସ୍ନେହଲତା ପଣ୍ଡାଙ୍କ ନେତୃତ୍ୱରେ ମହିଳା କର୍ମୀମାନେ ତହସିଲଦାରଙ୍କୁ ଏହି ଦାବୀପତ୍ର ପ୍ରଦାନ କରିଛନ୍ତି।

## ଶୁତେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶତପ୍ରତିଶତ ସଫଳତା

● ମହେଶ କୁମାର ଗୋଛାୟତ ବିଦ୍ୟାଳୟ ଟପ୍ପର



ବାଲେଶ୍ୱର, ୧୬।୪(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶୁତେଇ ରେମୁଣାର ସିବିଏସଇ ଦଶମରେ ୧୦୦ଧ ଫଳାଫଳ ହୋଇଛି। ମହେଶ କୁମାର ଗୋଛାୟତ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଏହି ବିଦ୍ୟାଳୟରେ ସର୍ବମୋଟ ୭୮ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୮ ଜଣ ୯୦ଧ ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ୭୮ ରୁ ୭୮ ଜଣ ପାସ। ମହେଶ କୁମାର ଗୋଛାୟତ ଓଡ଼ିଆ ବିଷୟରେ ୧୦୦ ରୁ ୧୦୦ ନମ୍ବର ରଖିଥିବା ବେଳେ ଆକାଶ ଚନ୍ଦ୍ର ପାତ୍ର ଗଣିତ ରେ ୧୦୦ ରୁ ୧୦୦ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ୭୮ ଜଣ ଛାତ୍ରଛାତ୍ରୀ ମଧ୍ୟରୁ ୭୧ ଜଣ ପ୍ରଥମ ଶ୍ରେଣୀ ରେ ଉତ୍ତୀର୍ଣ୍ଣ ଅର୍ଥାତ ୯୧ ପ୍ରତିଶତ ଛାତ୍ରଛତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

## କଲେଜକୁ ପାଠ ପଢ଼ିବାକୁ ଆସି ଛାତ୍ର ନିଖୋଜ



ବାଲେଶ୍ୱର(ଉତ୍ତର), ୧୬।୪ (ସମିସ): ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନା ଅନ୍ତର୍ଗତ ପିଞ୍ଚାବଣି ଗ୍ରାମର ରଘୁନାଥ ସିଂ ଙ୍କ ପୁଅ ଆସମାନ ସିଂ (୧୮) କଲେଜକୁ ପାଠ ପଢ଼ିବାକୁ ଆସି ଗତ ଏପ୍ରିଲ ୨ତାରିଖରୁ ଅଚାନକ ନିଖୋଜ ହୋଇଯାଇଛନ୍ତି। ଏହି ଘଟଣା ପରେ ପରିବାର ଲୋକ ମଧ୍ୟରେ ଭୟ ଓ ଚିନ୍ତାରେ ଅଛନ୍ତି। ଆସମାନ ତାଙ୍କ ମାମୁଁ ଘର ଝାଡ଼ଗ୍ରାମ ଜିଲ୍ଲାର ନୟାଗ୍ରାମ ଥାନା ଅନ୍ତର୍ଗତ ନୟାଗ୍ରାମ ଗାଁକୁ ଯାଇଥିଲା। ସେଠାରୁ ସେ ଜଳେଶ୍ୱର ବ୍ଲକ ଦୀନକୃଷ୍ଣ ମହାବିଦ୍ୟାଳୟକୁ ପାଠ ପଢ଼ିବା ଉଦ୍ଦେଶ୍ୟରେ ଯିବେ ବୋଲି କହି ୨ ଏପ୍ରିଲ ତାରିଖରେ ବାହାରିଥିଲେ। ମାତ୍ର ସେ ରହୁଥିବା ମେସରେ ପହଞ୍ଚି ନ ଥିଲେ। ଏହି ଘଟଣା ପରେ ପରିବାର ଲୋକ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ କିନ୍ତୁ କୌଣସି ସନ୍ଧାନ ମିଳିନଥିବାରୁ ଶେଷରେ ୧୨ ଏପ୍ରିଲ (ରବିବାର) ରାଇବଣିଆ ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ପୋଲିସ ଏହାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

## ପରିବେଶ ସୁରକ୍ଷାର ପ୍ରତୀକ କୋଇଲି ପୂଜା

ବାଲେଶ୍ୱର, ୧୬।୪ (ସମିସ): ଅନ୍ୟତମ ସାମାଜିକ ସଂଗଠନ ଫାମାସ, ପ୍ରଗତି ଯୁବ ପରିଷଦ ଓ ମୁନ୍ କମ୍ୟୁନିକେସନର ମିଳିତ ଆନୁକୂଲ୍ୟରେ ବାଲେଶ୍ୱର ସହର ଉପକଣ୍ଠ ରଣସାହି ଗାଁରେ ମଣିଷ ଓ ପରିବେଶର ସମ୍ପର୍କର ପର୍ବ କୋଇଲି ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଗୋପାଳ ଚନ୍ଦ୍ର ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଆଇନଜୀବୀ ବିଜୟ ପାଣିଗ୍ରାହୀ ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରବୀନ୍ଦ୍ର କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୋଗ ଦେଇ ପରିବେଶ ସହ ମାନବ ସମାଜର ସମ୍ପର୍କର ପ୍ରତୀକ ଭାବେ କୋଇଲି ପୂଜା ପାଳିତ ହେବା ସଂସ୍କୃତି ଓ ପରମ୍ପରା ରକ୍ଷା ଦିଗରେ ଏକ ବଳିଷ୍ଠ ପଦକ୍ଷେପ ବୋଲି କହିଥିଲେ। ଅବସରପ୍ରାପ୍ତ କୃଷି ଅଧିକାରୀ କୃଷ୍ଣ ମୋହନ ଜେନା, ସାମାଜିକ କର୍ମୀ ତାପସ ସାହୁ ଓ ସୁଶାନ୍ତ କୁମାର ନାୟକ ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଥିଲେ। ବିଶିଷ୍ଟ ଆୟୁର୍ବେଦ ଭେଷଜ ବିଶେଷଜ୍ଞ ଡାକ୍ତର ଶାନ୍ତନୁ ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କଥା ରଖିଥିବା ବେଳେ ଫାମାସର ସମ୍ପାଦକ ଦିଲ୍ଲୀପ ପରିଡ଼ା କୋଇଲି ପୂଜା ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶାନ୍ତ କୁମାର ଦାସ ପ୍ରାକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅବନୀ କୁମାର ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ପଣା ସଂକ୍ରାନ୍ତିରେ ଚନ୍ଦନେଶ୍ୱରରେ ପଣା ବଣ୍ଟନ

ଚନ୍ଦନେଶ୍ୱର, ୧୬।୪(ସମିସ): ଅନନ୍ତ ଦାସ ଫାଉଣ୍ଡେସନ ଓ ଭଏସ ଅଫ ଭୋଗରାଇ ସହଯୋଗରେ ପଣା ସଂକ୍ରାନ୍ତି ପାଳିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମନ୍ଦିରର ମୌରସୀ ତପନ କୁମାର ପଣ୍ଡାଙ୍କ ସଞ୍ଚାଳନାରେ ମୁଖ୍ୟ ଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତିର ଐତିହ୍ୟ, ସାଂସ୍କୃତିକ ମହତ୍ତ୍ୱ ଓ ସାମାଜିକ ପ୍ରସଙ୍ଗ ବିଷୟରେ ତାଙ୍କ ମତାମତ ପ୍ରକାଶ କରିଥିଲେ। ପୂର୍ବତନ ସରପଞ୍ଚ ନଗେନ୍ଦ୍ର ପାତ୍ର, ଶିକ୍ଷାବିତ ସନ୍ତୋଷ କୁମାର ପାତ୍ର, ଉପ ମୌରସୀ ବୁଦ୍ଧଦେବ ପଣ୍ଡା, ସମାଜସେବୀ ସଞ୍ଜିପ କୁମାର ସାହୁ, ସମିତି ସଭ୍ୟ ଗୋବିନ୍ଦ ଦାସ, ତରଣୀକାନ୍ତ ସେନାପତି ଓ ଭଏସ ଭୋଗରାଇର ସଭାପତି ତଥା ସାମ୍ବାଦିକ ସୁବାସ ଦାସ ସହିତ ଅନେକ ପ୍ରମୁଖ ବ୍ୟକ୍ତିବିଶେଷ ଯୋଗଦେଇ ଆଲୋଚନା କରିଥିଲେ। ପରେ ପରମ୍ପରାଗତ ପଣା ପାନୀୟ ବଣ୍ଟନ କରାଯାଇଥିଲା।

# ଫକୀରମୋହନ ସାହିତ୍ୟ ପରିଷଦରେ ବିଷୁବ ମିଳନ ଉତ୍ସବ




ବାଲେଶ୍ୱର, ୧୬।୪(ସମିସ): ଫକୀର ମୋହନ ସାହିତ୍ୟ ପରିଷଦର ସଭା ଗୃହରେ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ବିଷୁବ ମିଳନ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବର ପ୍ରାରମ୍ଭରେ ପଣା ବିତରିତ ହୋଇଥିଲା। ଏହାପରେ ଆଜିର କବି ଚୟନ କାର୍ଯ୍ୟକ୍ରମରେ ସଂଯୋଜନାରେ ବରିଷ୍ଠ ଅଧ୍ୟାପକ ବିଜୟ କୁମାର ଦେ, କବୀ ଜ୍ୟୋତ୍ସ୍ନା ରାୟ, କବୀ ଶାନ୍ତିଲତା ପଣ୍ଡା ଓ ବିଚାରକ ଭାବରେ ଓଡ଼ିଶାର ଦୁଇ ସୁନାମ ଧନ୍ୟ କବି ବିମଳ ଜେନା ଓ କବୀ ଦୀପ୍ତି ଦାସ ଯୋଗ ଦେଇଥିଲେ। ଏଥିରେ କବୀ ଅଞ୍ଜଳି ପଣ୍ଡା ପ୍ରଥମ, ସୁବାସ ସ୍ୱାଇଁ ଦ୍ୱିତୀୟ ଓ ପିତାମ୍ବର ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଦ୍ୱିତୀୟ ଅଧିବେଶନରେ ଯୁଗ୍ମ ସମ୍ପାଦକ ରାଜେଶ ଗିରିଙ୍କ ମଞ୍ଚ ଆହ୍ୱାନରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଓ ଡ. ସୂର୍ଯ୍ୟ ଦେଓ ସମ୍ବର୍ଦ୍ଧିତ ଅତିଥି ରୂପେ ମଞ୍ଚ ମଣ୍ଡନ କରିଥିଲେ। ସମ୍ପାଦକ ଡ. ରତ୍ନାକର ସିଂହ ପ୍ରାକ କଥନ ଉପସ୍ଥାପନ କରିଥିଲେ। ଏହାପରେ ଡ. ପାତ୍ର ତାଙ୍କ ବକ୍ତବ୍ୟରେ କୁଳପତିଙ୍କର ନିଷ୍ଠା ଓ ପ୍ରଚେଷ୍ଟାର ଭୂୟସୀ ପ୍ରଶଂସା କରିଥିଲେଏବଂ କୁଳପତିଙ୍କୁ ବରିଷ୍ଠ ଭେଷଜ ବିଶେଷଜ୍ଞ ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ କରକମଳରେ ସମ୍ବର୍ଦ୍ଧନା ଦିଆଯାଇଥିଲା। କୋଷାଧ୍ୟକ୍ଷ ତପନ ରାୟ ସମ୍ବର୍ଦ୍ଧିତ ପ୍ରତିଭା ସିନେ ସଂସ୍କୃତି ଗବେଷକ ତଥା ପ୍ରାଚୀନ ସିନେମା ସଙ୍ଗୀତକୁ ପୁନର୍ଜୀବିତ କରୁଥିବା ଡ.ସୂର୍ଯ୍ୟ ଦେଓଙ୍କର କୃତି, କୀର୍ତ୍ତି ଓ ବିଶେଷତ୍ୱର ନିବନ୍ଧ ଉପସ୍ଥାପନ କରିଥିଲେଏବଂ ସେ କୁଳପତିଙ୍କୁ ଡ ଦେଓଙ୍କର ଯୋଗ୍ୟତାକୁ ସୁଯୋଗରେ ପରିଣତ କରି ବିଶ୍ୱବିଦ୍ୟାଳୟ ପରିସରରେ ଗୋଟିଏ ପୁରାତନ ଚଳଚ୍ଚିତ୍ରର ସଂଗ୍ରହାଳୟ କରିପାରନ୍ତେ ତାହେଲେ ଉତ୍ତର ପିଢ଼ି ପାଇଁ ବେଶ ଶିକ୍ଷଣୀୟ ଖୋରାକ ମିଳିପାରନ୍ତା ବୋଲି ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହି ପ୍ରସ୍ତାବରେ କୁଳପତି ପ୍ରଫେସର ତ୍ରିପାଠୀ ଓ ଡ.ଦେଓ ମଧ୍ୟ ସମ୍ମତି ପ୍ରକାଶ କରିଥିଲେ। ଏହାପରେ ଡ. ଦେଓଙ୍କୁ 'ବିଷୁବ ସମ୍ମାନ-୨୦୨୬'ରେ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ମାନପତ୍ରଟି ପୂର୍ବତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ପାଠ କରିଥିଲେ। ସଭାଗୃହରେ ଜୟନ୍ତୀ ଦାସଙ୍କ ପ୍ରଦତ୍ତ ଫକୀର ମୋହନଙ୍କ ମାର୍ବଲ ପ୍ରତିମୂର୍ତ୍ତିକୁ ପ୍ରଫେସର ତ୍ରିପାଠୀ ଉନ୍ମୋଚନ କରିଥିଲେ। ମୂର୍ତ୍ତି ଶିଳ୍ପୀ ଅନ୍ତର୍ଯ୍ୟାମୀ ପରିଡ଼ାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ମାନପତ୍ରଟିକୁ ବିଜୟ ଦେ ପାଠ କରିଥିଲେଏବଂ ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ। ଫକୀର ମୋହନ ଜୟନ୍ତୀ ଅବସରରେ ମଞ୍ଚସ୍ଥ 'ଗାରୁଡ଼ି ମନ୍ତ୍ର' ଗଳ୍ପଟିକୁନାଟ୍ୟରୁପାନ୍ତର କରିଥିବା ନାଟ୍ୟକାର ଡ.ହରିଶ୍ଚନ୍ଦ୍ର ବେହେରା ନିର୍ଦ୍ଦେଶକ ଅର୍ଣ୍ଣବ କର, ସ୍ମାରକ ଡ.ସାରଙ୍ଗଧର ତ୍ରିପାଠୀ, ପିତାମ୍ବର ବେହେରା, କଳାକାର ବାସନ୍ତୀ ଦେ କଲ୍ୟାଣୀ ନନ୍ଦ, ସୁବ୍ରତା ମହାନ୍ତି, କୃଷ୍ଣା ପ୍ରଧାନ, ମାମିନା ମହାପାତ୍ର, ଶାନ୍ତି ବିଶି, ଅର୍ଚ୍ଚନା କର, ଅଞ୍ଜଳି ପଣ୍ଡା, ପ୍ରିୟାରାଣୀ ମଲ୍ଲିକ ସଙ୍ଗୀତା ରଥ, ସ୍ନିଗ୍ଧା ସାମନ୍ତରାୟ ପ୍ରଭୃତିଙ୍କୁ ପ୍ରଶସ୍ତି ପତ୍ର ପ୍ରଦାନ କରାଯାଇଥିଲା। ସଭାପତି 'ଆଜିର କବି'ଅଞ୍ଜଳି ପଣ୍ଡାଙ୍କୁ ମୁକୁଟ ପିନ୍ଧାଇ ସମ୍ବର୍ଦ୍ଧିତ କରିଥିଲେ। କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଜ୍ଜ୍ୱଳା ଗ୍ୟାସ୍ ହେରଫେର ଅଭିଯୋଗ

ବାଲିଆପାଳ, ୧୬।୪ (ସମିସ)

ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ସଂଯୋଗ ନଥିବା ପରିବାରକୁ ସରକାରଙ୍କ ତରଫରୁ ମାଗଣାରେ ଗ୍ୟାସ ସଂଯୋଗ ପ୍ରଦାନ କରାଯାଉଛି। ମାତ୍ର ତୃଣମୂଳ ସ୍ତରରେ ମହିଳା ମାନଙ୍କୁ ବର୍ତ୍ତମାନ ଏହି ଯୋଜନାରେ ଗ୍ୟାସ ସଂଯୋଗ ଏବଂ ଗ୍ୟାସ ପୁନର୍ବାର ଭରିବା ପାଇଁ ନାକେଦମ ହେବାକୁ ପଡୁଛି। ଗ୍ୟାସ ଗୋଦାମରେ ଘରୋଇ ଗ୍ୟାସ ଗଚ୍ଛିତ ଥିବା ସତ୍ତ୍ୱେ ମଧ୍ୟପ୍ରାଚ୍ୟ ଦେଶରେ ଯୁଦ୍ଧ ହେଉଥିବା ବାହାନା ଦେଖାଇ ଗ୍ୟାସ ଅଫିସ କର୍ମଚାରୀମାନେ ମହିଳା ମାନଙ୍କ ନାମରେ ଆସିଥିବା ଗ୍ୟାସ, ଚୁଲା, ରେଗୁଲେଟର ଓ ପାଇପ ସାମଗ୍ରୀକୁ ହେରଫେର କରୁଥିବାର ଅଭିଯୋଗ ଆସିଛି। ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା କୁଣ୍ଡଳୀ ପଞ୍ଚାୟତର ସୁମତି ସୋରେନ, ସଂଯୁକ୍ତା ମଲ୍ଲିକ, ଶକୁନ୍ତଳା ସେଠି, ମମତା ମହାନ୍ତି, ରେବତୀ ମଲ୍ଲିକ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ସଂଯୋଗ ପାଇଁ ବସ୍ତା ବ୍ଲକ ନାରୋଗଦା ଠାରେ ଥିବା କାର୍ତ୍ତିକ ଇଣ୍ଡିଆନ ଗ୍ୟାସ ଅଫିସ ରେ ଆବେଦନ କରିଥିଲେ। ହେଲେ ଅଫିସ ତରଫରୁ ମହିଳାଙ୍କ କେୱାଇସି ଏବଂ ତାଙ୍କୁ ଗ୍ୟାସ ଦିଆଯାଇଛି ବୋଲି ଫଟୋ ଉଠାଗଲା ପରେ ବି ମହିଳାମାନେ ଗ୍ୟାସ, ଚୁଲା ଓ ପାଇପ ପାଇବାରୁ ବଞ୍ଚିତ ଥିଲେ। ହିତାଧିକାରୀଙ୍କ ଗ୍ୟାସ ସଂଯୋଗ ନମ୍ବର ଅନଲାଇନରେ ଯାଞ୍ଚ କରିବାରୁ ଜାଣିବାକୁ ମିଳିଥିଲା ୪୦ ଦିନ ପୂର୍ବରୁ ଏହି ମହିଳାଙ୍କ ନାମରେ ଗ୍ୟାସ ଉଠାଯାଇଛି। ସେହିପରି ଇଡିଦା ପଞ୍ଚାୟତର କବିତା ଦାସ ଏହି ଅଫିସରେ ନୂତନ ଉଜ୍ଜ୍ୱଳା ଗ୍ୟାସ ପାଇଁ ଆବେଦନ କରି ଖାତା ନମ୍ବର ପାଇଥିବା ସତ୍ତ୍ୱେ ତାଙ୍କୁ ଆଜି ପର୍ଯ୍ୟନ୍ତ ଗ୍ୟାସ, ଚୁଲା ଓ ପାଇପ ମିଳି ନଥିବାର ସମସ୍ତେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଉଜ୍ଜ୍ୱଳା ଗ୍ୟାସ ପାଇଥିବା କୁଣ୍ଡୁଳି ପଞ୍ଚାୟତର ବସୁମତୀ ଜେନା, ବାପୁନ ସାମଲ, ନମିତା ସାମଲ, ଜଲ୍ଲି ମଲ୍ଲିକ, ଗାନ୍ଧାରୀ ପଟ୍ଟାୟତ, ପ୍ରତିମା ରାଉଳ, ପାର୍ବତୀ ମଲ୍ଲିକ, ରାଜା ହରିଶ୍ଚନ୍ଦ୍ର ବେହେରା ହିତାଧିକାରୀ ମାନେ ଅଭିଯୋଗ କରିଛନ୍ତି ଯେ ସେମାନେ ଗ୍ୟାସ ପୁନର୍ବାର ଭରିବା ପାଇଁ ବୁକିଙ୍ଗ କରିଥିଲେବି ତାଙ୍କୁ ଗ୍ୟାସ ନଦେଇ ତାଙ୍କୁ ନଜଣାଇ ତାଙ୍କ ନାମରେ କାର୍ତ୍ତିକ ଇଣ୍ଡେନ ଗ୍ୟାସ ଅଫିସର କର୍ମଚାରୀମାନେ ଉଠାଇ ନେଇଥିବା ଅଭିଯୋଗ କରିଥିଲେ। ଏ ବିଷୟରେ ଗଣମାଧ୍ୟମ ପ୍ରତିନିଧି ଜାଣିଲା ପରେ ହିତାଧିକାରୀଙ୍କ ସହ ନାରୋଗଦା ଠାରେ ଥିବା କାର୍ତିକ ଇଣ୍ଡେନ ଗ୍ୟାସ ଅଫିସର ପରିଚାଳକ ବାଲୁଙ୍କେଶ୍ୱର ବେହେରା ଙ୍କୁ ଭେଟି ସମସ୍ୟା ବିଷୟରେ ଜଣାଇଥିଲେ। ତେବେ କିଛି ଅଫିସ କର୍ମଚାରୀଙ୍କ ତ୍ରୁଟି ଯୋଗୁଁ ଏଭଳି ସମସ୍ୟା ଦେଖାଦେଇଥିବା ସ୍ୱୀକାର କରିବା ସହ କିଛି ଆବେଦନକାରୀଙ୍କୁ ସଙ୍ଗେ ସଙ୍ଗେ ଗ୍ୟାସ, ଚୁଲା, ପାଇପ ଦେବା ସହିତ ଅନ୍ୟମାନଙ୍କୁ ପୁନର୍ବାର ଗ୍ୟାସ ଭରାଇବାର ସୁଯୋଗ ଦେଇଥିଲେ।

# ଉଦ୍‌ଘାଟିତ ହେଲା ସାରୁଗାଁ ମହୋତ୍ସବ

ଖଇରା, ୧୬।୪(ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁ ଉଡା ପଡ଼ିଆରେ ଆମ ସାରୁଗାଁ ମହୋତ୍ସବ ଉଦଘାଟିତ ହୋଇ ଯାଇଛି। ବିଧାୟକ ପଦ୍ମଲୋଚନ ପଣ୍ଡା ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବ ନିଜ ଗାଁ ଓ ନିଜ ଅଞ୍ଚଳର ପରମ୍ପରା ଓ ସଂସ୍କୃତିକୁ ଉଦଯିବିତ କରିଥାଏ ବୋଲି ପ୍ରକାଶ କରିଥିଲେ। କମିଟି ସଭାପତି ରଘୁନାଥ ମହାନ୍ତି ସଭାପତିତ୍ୱରେ ଆୟୋଜିତ ସଭାରେ ଆଇନଜୀବୀ ଯୁଧିଷ୍ଠିର ନାୟକ ସମ୍ମାନନୀୟ ଅତିଥି, ସମ୍ପାଦକ ଜୟନ୍ତ କୁମାର ଦାସ ବିବରଣୀ ପାଠ କରିଥିଲେ। ବିଶିଷ୍ଟ ପ୍ରବଚକ ଶିବପ୍ରସାଦ ଦାସ ଈଶ୍ୱରଙ୍କ ମହିମା ବର୍ଣ୍ଣନା ପରିବେଶକୁ ଅତ୍ୟନ୍ତ ଭାବ ବିହ୍ୱଳ କରିଥିଲା। ସେହିଭଳି ବୁଧବାର ଦ୍ୱିତୀୟ ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ପ୍ରାକ୍ତନ ସଦର ବିଧାୟକ ସ୍ୱରୂପ ଦାସ, ପ୍ରାକ୍ତନ ରେମୁଣା ବିଧାୟକ ସୁଧାଂଶୁ ପରିଡ଼ା, ଯୁବ ବିଜେଡି ସଭାପତି ଶୁଭେନ୍ଦୁ ମଙ୍ଗରାଜ, ସମିତିସଭ୍ୟ ପ୍ରତିନିଧି ଜିତେନ୍ଦ୍ର ବେହେରା, ଯୁବ ନେତା ଅନନ୍ତ ପ୍ରସାଦ ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ନିଜ ଅଞ୍ଚଳର ପ୍ରତିଭାକୁ ବିକଶିତ କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ବିଶିଷ୍ଟ ଯାତ୍ରା କଳାକାର ବିଷ୍ଣୁ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।



ଶେଷରେ କମେଡି କିଙ୍ଗ ପପୁ ପମପମଙ୍କ ହାସ୍ୟ ଅଭିନୟ ରେ ଦର୍ଶକ ଭରପୁର ମଜାନେବା ସହ କଣ୍ଠଶିଳ୍ପୀ ଦେବାଶିଷ ମହାନ୍ତି ଓ ସୌଜନ୍ୟ ରଥଙ୍କ ସଙ୍ଗୀତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। କମିଟି ସଦସ୍ୟ ଗୌତମ ରାଉତ, ହେମନ୍ତ ଲେଙ୍କା, ଶଙ୍କର୍ଷଣ ନାୟକ ଓ ଲକ୍ଷ୍ମୀକାନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବଲାଙ୍ଗୀ ମହୋତ୍ସବ ଉଦ୍‌ଘାଟିତ

# ‘କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ’



ବାରିପଦା,୧୬।୪(ସମିସ): ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନ ଉପଲକ୍ଷେ ବାରିପଦାରେ ମୟୂରଭଞ୍ଜର ମହାନ ଗଣପର୍ବ ବଲାଙ୍ଗୀ ମହୋତ୍ସବ ଉଦଘାଟିତ ହୋଇଛି। ମହୋତ୍ସବ କମିଟି ପ୍ରତିଷ୍ଠାତା ସମ୍ପାଦକ ଶରତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଉଦଘାଟକ ତଥା ମୁଖ୍ୟଅତିଥି ଭାବେ ମୟୁରଭଞ୍ଜ ମହାରାଜା ତଥା ପୂର୍ବତନ ମନ୍ତ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରଞ୍ଜନ ତରେଇ, ଜିଲ୍ଲା ଓକିଲ ସଙ୍ଘର ସଭାପତି ଜ୍ୟୋତି ପ୍ରକାଶ ରଥ, ସମ୍ପାଦକ ବିପ୍ଳବ ବାରିକ, ମହୋତ୍ସବ କମିଟି ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ ବୋଲି କହିବା ସହ ବାରିପଦାଠାରେ ବୁଢାବଳଙ୍ଗ, ଚିପଟ ଓ ଇଟାଯୋଡି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳୀରେ ଦୀର୍ଘ ୨୪ବର୍ଷ ଧରି ପାଳିତ ହୋଇଆସୁଥିବା ବଲାଙ୍ଗୀ ମହୋତ୍ସବ ମୟୂରଭଞ୍ଜ ଜିଲ୍ଲାରେ କଳା ସଂସ୍କୃତିର ସୁରକ୍ଷା ଓ ସମୃଦ୍ଧି ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଆସୁଛି ବୋଲି କହିଥିଲେ। ସହସମ୍ପାଦକ ଡ଼ ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବାବେଳେ ପଣ୍ଡିତ ଭାଗବତ ପଣ୍ଡା ମଙ୍ଗଳା ଚରଣ ପାଠ କରିଥିଲେ। ଏ ଅବସରରେ ଶ୍ରୀଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଯଜ୍ଞ, ଓଡ଼ିଆ ନବବର୍ଷ ପାଳନ, ବିଭିନ୍ନ ବର୍ଗର କଳାକାରଙ୍କ ନୃତ୍ୟ ସହ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସାଂସ୍କୃତିକ ଦଳ ଯୋଗଦେଇ ସେମାନଙ୍କର କଳା କୌଶଳ ପ୍ରଦର୍ଶନ କରିଥିଲେ। ଓଡିଶୀ ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ମତୁଆଲା କରିଥିଲା। ବଲାଙ୍ଗୀ ସେନାର ମିଥୁନ ବାରିକ, ସନତ ବାରିକ, ଦିଲ୍ଲୀପ ପାତ୍ର, ପ୍ରକାଶ କାଣ୍ଡି, ରୋହିତ ବେହେରା, ମନୋରଞ୍ଜନ ବାରିକ ପ୍ରମୁଖଙ୍କ ନେତୃତ୍ୱରେ ବହୁ ସ୍ୱେଚ୍ଛାସେବୀ ମେଳା ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ ଦୀପକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଘର ସମ୍ମୁଖରୁ ବାଇକ୍ ଚୋରି

ରାଇରଙ୍ଗପୁର,୧୬।୪ (ସମିସ): ଯଶିପୁର ଥାନା ଅନ୍ତର୍ଗତ ବେଗୁନିଆ ଗ୍ରାମରେ ବାଇକ୍ ଚୋରି ହୋଇଛି। ଏ ନେଇ ସୁବର୍ଣ୍ଣ ନାୟକ ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ସେ ଘର ସମ୍ମୁଖରେ ବାଇକ୍ ପାର୍କିଂ କରିଥିଲେ। ଫେରି ଦେଖିବା ବେଳକୁ ବାଇକ ନ ଥିଲା। ବହୁ ଖୋଜା ଖୋଜି କରିବା ପରେ ମଧ୍ୟ ନ ପାଇ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ମହୁମାଛି ଆକ୍ରମଣରେ ଜଣେ ଶିକ୍ଷକ ଓ ଦୁଇ ଶିକ୍ଷୟିତ୍ରୀ ଗୁରୁତର

ନୀଳଗିରି, ୧୬।୪ (ସମିସ): ମହୁମାଛି ଆକ୍ରମଣ ରେ ଜଣେ ଶିକ୍ଷକ ଦୁଇ ଶିକ୍ଷୟିତ୍ରୀ ଗୁରୁତର ଅବସ୍ଥାରେ ନୀଳଗିରି ଡାକ୍ତର ଖାନାରେ ଭର୍ତ୍ତି ହୋଇଛନ୍ତି। ଗୁରୁବାର ସକାଳ ୬.୧୫ ମିନିଟ ସମୟର ନୀଳଗିରି ରାଜବାଟୀ ନିକଟରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗେଟ୍ ଖୋଲିବା ସମୟର ଅଚାନକ ଶତାଧିକ ମହୁମାଛି ଗେଟ୍ ନିକଟରେ ଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ଆକ୍ରମଣ କରିଥିଲେ। ଯାହା ଫଳରେ ଜଣେ ଶିକ୍ଷକ ଓ ଦୁଇ ଶିକ୍ଷୟତ୍ରୀ ଗୁରୁତର ହୋଇଥିଲେ। ସ୍କୁଲର କର୍ମକର୍ତ୍ତା ମାନେ ତୁରନ୍ତ ଗୁରୁତର ଅବସ୍ଥାରେ ଶିକ୍ଷକ ଶିକ୍ଷୟତ୍ରୀ ଙ୍କୁ ଉଦ୍ଧାର କରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ତିନି ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଥିଲା। ତେବେ ମହୁମାଛି ଆକ୍ରମଣ ଯୋଗୁଁ ସ୍କୁଲର ଛାତ୍ରଛାତ୍ରୀଙ୍କ ସୁରକ୍ଷା କୁ ଦୃଷ୍ଟିରେ ରଖି ସ୍କୁଲ କୁ ଛୁଟି କରାଯାଇଥିବା ଜଣାପଡ଼ିଛି। ତେବେ ବିଦ୍ୟାଳୟର ଛାତ ତଳେ ମହୁମାଛି ବସା ବାନ୍ଧିଥିବା ବେଳେ ଏକ ବାଜ ପକ୍ଷୀ ମହୁମାଛି ବସାକୁ ଖୁମ୍ପି ଦେବାରୁ ମହୁମାଛି ଆକ୍ରମଣ କରିଥିବା ଜଣାପଡ଼ିଛି। ବିଦ୍ୟାଳୟ ଛାତରୁ ଏହି ମହୁମାଛି ବସା କାଢ଼ିଦେବାକୁ ଦାବି ହେଉଛି।

# ଦରଡ଼ିପାଳରେ ବସୁଧା ଯୋଜନା ବାଟବଣା

ଆନନ୍ଦପୁର, ୧୬।୪ (ସମିସ):



## ପମ୍ପହାଉସରେ ତାଲା; ଗ୍ରାମବାସୀ ହନ୍ତସନ୍ତ

ସମସ୍ତଙ୍କୁ ଘରକୁ ଘର ସ୍ୱଚ୍ଛ ପାନୀୟଜଳ ଯୋଗାଇ ଦେବା ପାଇଁ ସରକାର ଘୋଷଣା କରିଛନ୍ତି। ତେବେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁଁ ଘସିପୁରା ବ୍ଲକ ଦରଡ଼ିପାଳ ପଞ୍ଚାୟତରେ ପାନୀୟଜଳ ଯୋଗାଣ ହୋଇପାରୁନାହିଁ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ନଥିବାରୁ ପମ୍ପହାଉସରେ ତାଲା ଝୁଲୁଛି। ଦରଡ଼ିପାଳ ସମେତ ମରକୋଲା ସ୍ୱଚ୍ଛ ପାନୀୟଜଳ ପାଇବା ପାଇଁ ଆଶା ବାନ୍ଧିଥିଲେ। ଗତ ଦୁଇବର୍ଷ ହେଲା ପମ୍ପହାଉସ ଅଚଳ ରହିଛି। ଜଳଯୋଗାଣ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ନେଇ ସରକାରୀ ବ୍ୟବସ୍ଥା ମଧ୍ୟ ଅଚଳ ହୋଇପଡ଼ିଛି। ଫଳରେ ଲୋକମାନେ ନଳକୂପ, ପୋଖରୀରୁ ପାଣି ସଂଗ୍ରହ କରୁଛନ୍ତି। ପମ୍ପହାଉସ୍ ବନ୍ଦ ରହିଥିଲେ ମଧ୍ୟ ଅପରେଟର ବସିବସି ଦରମାନେଉଥିବା ଅଭିଯୋଗ ହୋଇଛି। ଗ୍ରୀଷ୍ମଋତୁରେ ଲୋକଙ୍କ ଦୁର୍ଦ୍ଦଶା ଆହୁରି ବୃଦ୍ଧି ପାଇବ ବୋଲି ଅଭିଯୋଗ ହୋଇଛି। କେନ୍ଦୁଝର ଜିଲ୍ଲାପାଳ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ସହିତ ଏହି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଇବା ସହ ଗ୍ରାମବାସୀଙ୍କୁ ପିଇବା ପାଣି ଯୋଗାଇ ଦେବାକୁ ବିଜେପି ନେତା ନାରାୟଣ ରାଉତ ଦାବି ଜଣାଇଛନ୍ତି।

# ଶିମିଳିପାଳରୁ ଶିକାରୀ ଗିରଫ, ବନ୍ଧୁକ ଓ ବିସ୍ଫୋରକ ଜବତ



ବାରିପଦା,୧୬।୪(ସମିସ): ଶିମିଳିପାଳ ଜାତୀୟ ଅଭୟାରଣ୍ୟ ଦକ୍ଷିଣ ବନଖଣ୍ଡ ପିଠାବଟା ରେଞ୍ଜ ବାଲଡିହା ବିଟ୍ ଅଞ୍ଚଳରେ ବନବିଭାଗ ଚଢ଼ଉ କରି ଜଣେ ଶିକାରୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ କୁଳିଅଣା ଥାନା ଅନ୍ତର୍ଗତ ଅସନବଣି ଗ୍ରାମର ଭାଗବତ ମାରାଣ୍ଡି। ତାଙ୍କ ନିକଟରୁ ଗୋଟିଏ ହାତତିଆରି ଦେଶୀ ବନ୍ଧୁକ, ୧୪ଟି ସାଇକଲ୍ ବଲ୍, ୧୨ଟି ଲେଡ୍ ବଲ୍, ୫ ଗ୍ରାମ କଳା ବାରୁଦ୍, ୫ ଗ୍ରାମ ଧଳା ବାରୁଦ, ଏକ ହଳଦିଆ ପ୍ଲାଷ୍ଟିକ୍ ବ୍ୟାଗ୍, ଟର୍ଚ୍ଚ ଲାଇଟ୍, ୧.୫ କିଲୋଗ୍ରାମ୍ ଓଜନର ମୃତ ଭାରତୀୟ ଖରଗୋଶ (ଠେକୁଆ)କୁ ଜବତ କରିଛି। ଅଭିଯୁକ୍ତଙ୍କ ବିରୋଧରେ ବନ୍ୟଜୀବ (ସୁରକ୍ଷା) ଆଇନ୍ ୧୯୭୨ର ଧାରା ୨(୧୬), ୯, ୨୭, ୨୯, ୩୧, ୩୨ ଓ ୫୨ ଉଲ୍ଲଙ୍ଘନ ଓ ଧାରା ୫୧ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ବାରିପଦାସ୍ଥ ସିଜେଏମ କୋର୍ଟରେ ହାଜର କରାଯାଇଛି। ୧୪ ତାରିଖ ରାତି ପ୍ରାୟ ୭ଟା ସମୟରେ ଜଙ୍ଗଲ ମଧ୍ୟରେ ଶିକାରୀ ପ୍ରବେଶକୁ ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ବନ କର୍ମଚାରୀ ପାଟ୍ରୋଲିଂ କରୁଥିବା ସମୟରେ ଗୁଳି ଶବ୍ଦ ଓ ସନ୍ଦେହଜନକ ଆଲୋକ ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ କର୍ମଚାରୀମାନେ ଶିକାରୀକୁ କାବୁ କରିଥିବାବେଳେ ତାଙ୍କ ନିକଟରୁ ଏକ ମୃତ ଭାରତୀୟ ଖରଗୋଶ (ଠେକୁଆ)କୁ ଜବତ କରିଥିବା ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ସୂଚନା ଦେଇଛନ୍ତି।

# ଜିଲ୍ଲା ଖଣି ଅଧିକାରୀଙ୍କ ଚଢ଼ଉ, ୩ ଟ୍ରାକ୍ଟର ଜବତ

ଜଳେଶ୍ୱର ବ୍ଲକ, ୧୬।୪ (ସମିସ): ଜଳେଶ୍ୱର ଥାନା ୧୬ ନଂ ଜାତୀୟ ରାଜପଥ ରାଜଘାଟ ପୋଲ ତଳ ନିକଟରୁ ଚୋରା ବାଲି ସୈରାତରେ ବେଆଇନ ଭାବେ ବାଲି ଉତ୍ତୋଳନ ସମୟରେ ଜିଲା ଖଣି ବିଭାଗ ପକ୍ଷରୁ ଅତର୍କିତ ଚଢାଉ କରାଯାଇ ୩ଟି ଟ୍ରାକ୍ଟର ଜବତ କରାଯାଇଛି। ଜିଲ୍ଲା ଖଣି ଅଧିକାରୀ ଜଗନ ବେହେରା ଏକ ସ୍ୱତନ୍ତ୍ର ଟିମ ଗଠନ କରି ଉକ୍ତ ସୈରାତ ଉପରେ ଭୋର ୪ଟା ସମୟରେ ଚଢାଉ ପରେ ମାଫିଆ ମାନେ ଛତ୍ର ଭଙ୍ଗ ଦେଇଥିଲେ। ସମସ୍ତ ଗାଡି ଖସିଯାଇଥିବା ବେଳେ କେବଳ ୩ ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରି ଜଳେଶ୍ୱର ଥାନାକୁ ହସ୍ତାନ୍ତର କରିଛନ୍ତି। ପ୍ରକାଶ ଥାଉକି ଜିଲ୍ଲା ଖଣି ଅଧିକାରୀ ଚଢାଉ କରି ଗାଡି ଜବତ କରୁଥିବା ବେଳେ କାହିଁକି ଜଳେଶ୍ୱର ଖଣି ଅଧିକାରୀ ଅଧିକାରୀ ତାପସ ବେହେରା ଉକ୍ତ ଚୋରା ଖାଦାନ ଠାରୁ ମାତ୍ର ୨ କିଲୋମିଟର ଦୂରରେ ଥାଇ କିଭଳି ଧରି ପାରୁନାହାନ୍ତି ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି।

# ତହସିଲ ଓ ଖଣି ବିଭାଗର ଚଢ଼ଉ, ବାଲି ଗାଡ଼ି ଜବତ

ସୋର,୧୬।୪(ସମିସ): ସୋର ତହସିଲ ପକ୍ଷରୁ ଚଢ଼ଉ କରାଯାଇ ଦୁଇଟି ବେଆଇନ ବାଲି ବୋଝେଇ ଗାଡି ଜବତ କରାଯାଇଥିବା ବେଳେ ଅନେକ ଗାଡି ଫେରାର ହୋଇଯାଇଥିବା ଜଣାପଡିଛି। ଆଜି ମଧ୍ୟାହ୍ନରେ କୌଣସି ସୂତ୍ରରୁ ଖବର ପାଇ ସୋର ତହସିଲଦାର ଚିନ୍ମୟ ରାଉତ ଓ ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ ବିଦୁ ପେଟ୍ରୋଲ ପମ୍ପ ନିକଟରେ ଚଢ଼ାଉ କରିଥିଲେ। ଏହି ସମୟରେ ଦୁଇଟି ବାଲିଗାଡିକୁ ଜବତ କରିଥିବା ବେଳେ ଅନେକ ଗାଡି ଫେରାର ହୋଇଯାଇଥିଲେ। ଏହି ସମୟରେ ବାହାନଗା ତହସିଲଦାର ଅମ୍ବିକା ଭୂୟାଁ ଓ କନିଷ୍ଠ ଖଣି ଅଧିକାରୀ ସମ୍ବିତ କୁମାର ମଣି ଉପସ୍ଥିତ ଥିଲେ।

# ଦନ୍ତାହାତୀ ଉପଦ୍ରବ; ବ୍ୟାପକ ଫସଲ ନଷ୍ଟ

ନୀଳଗିରି, ୧୬।୪ (ସମିସ): ଖାଦ୍ୟ ଅନ୍ୱେଷଣରେ ଏକ ଝାଡ଼ଖଣ୍ଡି ହାତୀ ଦୁର୍ଗାଦେବୀ ଅଞ୍ଚଳ ଅତିକ୍ରମ କରି ଆଜି ସକାଳ ୬ ଘଟିକା ସମୟରେ ନୀଳଗିରି ବ୍ଲକ୍ ମହିଷାପଟ୍ଟା ପଞ୍ଚାୟତ ବଣିଆଗାଁରେ ପହଞ୍ଚି ମନୋଜ କୁମାର ନନ୍ଦ (ଚିକୁ )ଙ୍କ ଫାର୍ମ ବାଡ଼ିଭାଙ୍ଗି ଭିତରକୁ ପ୍ରବେଶକରି ଫାର୍ମବାଡିରେ ଥିବା ପନିପରିବା, କଦଳୀଗଛ, ଆମ୍ବ ଗଛ ବ୍ୟାପକଭାବେ ନଷ୍ଟକରିଛି। ଯାହାର ଆନୁମାନିକ ମୂଲ୍ୟ ପଚାଶ ହଜାରରୁ ଅଧିକ ଟଙ୍କା କ୍ଷତି ହୋଇଥିବା ଫାର୍ମର ମାଲିକ ମନୋଜ କହିଛନ୍ତି। ପରେ ହାତୀଟି ପାଟଣା ଜଙ୍ଗଲ ଅଭିମୁଖେ ଯାଉଥିବାର ଦେଖିବାକୁ ମିଳିଛି । ଏ ନେଇ ନୀଳଗିରି ବନବିଭାଗ ପକ୍ଷରୁ ଅଞ୍ଚଳବାସୀଙ୍କୁ ସତର୍କ କରାଇବା ସହିତ ଦନ୍ତାର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖା ଯାଇଛିବୋଲି କହିଛନ୍ତି।

## ବାଂଲାଦେଶୀ ସନ୍ଦେହ; ଯାଞ୍ଚ ହେଉଛି ଅଟକ ଯୁବତୀଙ୍କ ନାଗରିକତ୍ୱ

ବାଲେଶ୍ୱର,୧୬।୪(ସମିସ): ନାରୀ ସଂଘ ମଧ୍ୟରେ ଜଣେ ଯୁବତୀଙ୍କୁ ସହଦେବଖୁଣ୍ଟା ଥାନା ଅଟକ ରଖିବା ପରେ ଏବେ ଏହାର ଅଧିକ ଖୋଳତାଳ ଆରମ୍ଭ କରିଛି ପୁଲିସ। ଏପରିକି ଅଟକ ଯୁବତୀଙ୍କର ନାଗରିକତ୍ୱ ଯାଂଚ କରାଯାଉଛି ବୋଲି ସହଦେବଖୁଣ୍ଟା ଥାନା ଅଧିକାରୀ ଆଲୋକ ବେହେରା ସୂଚନା ଦେଇଛନ୍ତି। ପୂର୍ବରୁ ସେ ବସ୍ତା ପାଉଁଶକୋଇଲି ଅଂଚଳର ରହୁଥିବା ବେଳେ ନିଜକୁ ପ୍ରୀୟା ସାହୁ ନାମରେ ଜାଲି ଆଧାରକାର୍ଡ କରି ବିଭିନ୍ନ ଅନୈତିକ କାର୍ଯ୍ୟରେ ଲିପ୍ତ ଥିଲା। ଏପରିକି ତା ନାମରେ ବସ୍ତା ଥାନାରେ ମଧ୍ୟ ଏକ ମାମଲା ରହିଛି। ପରେ ସେ ସହଦେବଖୁଣ୍ଟା ସ୍ଥିତ ଚାନ୍ଦମାରି ପଡିଆରେ ଏକ ଭଡାଘରେ ତାଙ୍କର ଅନ୍ୟଜଣେ ସାଥିଙ୍କ ସହ ରହୁଥିଲେ। ସମସ୍ତ ତଥ୍ୟକୁ ଆଧାର କରି ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

● ଅନ୍ୟ ଧର୍ମ ଗ୍ରହଣ କରିଥିବାରୁ ଗ୍ରାମବାସୀଙ୍କ ଦ୍ୱାରା ହତ୍ୟା ଉଦ୍ୟମ

# ସୁରକ୍ଷା ପାଇଁ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ

ବାରିପଦା,୧୬।୪(ସମିସ): ଯଶିପୁର ବ୍ଲକ ଅନ୍ତର୍ଗତ ଚାନ୍ଦିଖମଣ (ଗୁଡୁଗୁଡିଆ) ଗ୍ରାମର କୁଣ୍ଡିଆ ସାଉୟ(୪୨) ନାମକ ଜଣେ ବ୍ୟକ୍ତି ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିବାରୁ ତାଙ୍କୁ ଗ୍ରାମର ୫ ଜଣ ବ୍ୟକ୍ତି ଠେଙ୍ଗା ବାଡ଼ି ଓ ଭୁଜାଲି ଦ୍ୱାରା ମରଣାନ୍ତକ ଆକ୍ରମଣ କରିଥିବା ନେଇ ନେଇ ଯଶିପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଯଶିପୁର ଥାନାରେ ୧୧୧/୨୬ରେ ମାମଲା ରୁଜୁ ହୋଇଛି। କୁଣ୍ଡିଆ ୧୨ ତାରିଖ ସନ୍ଧ୍ୟାରେ ଗ୍ରାମର ଗୁଡୁଗୁଡିଆ ସାପ୍ତାହିକ ହାଟରୁ ଫେରିବା ସମୟରେ ଗ୍ରାମର ୫ ଜଣ ବ୍ୟକ୍ତି ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ସେ କୌଶଳକ୍ରମେ ତାଙ୍କର ଜଣେ ପଡୋଶୀଙ୍କ ଘରକୁ ଦୌଡ଼ି ପଳାଇ ଜୀବନ ବଞ୍ଚାଇଥିଲେ। ଆକ୍ରମଣକାରୀ ତାଙ୍କୁ ରାତି ପ୍ରାୟ ୧୦ ଘଟିକା ପର୍ଯ୍ୟନ୍ତ ସେ ଫେରିବା ପର୍ଯ୍ୟନ୍ତ ତାଙ୍କୁ ହତ୍ୟା କରିବା ପାଇଁ ଛକି ବସିଥିଲେ। ଏତଲାକାରୀ ଆକ୍ରମଣର ଶିକାର ହେବା ପରେ ଯଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେବା ସହିତ ବର୍ତ୍ତମାନ ସୁଦ୍ଧା ତାଙ୍କର ସାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିଥିବା ପରିଲକ୍ଷିତ ହୋଇଛି। ଏତଲାକାରୀ ଚିକିତ୍ସାଜନିତ ସମସ୍ତ କାଗଜ ପତ୍ର ଏତଲାରେ ସଂଲଗ୍ନ କରିଛନ୍ତି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଏତଲାରେ ଦର୍ଶାଇଛନ୍ତି କି ଯେ ସେ ଆଜିକୁ ୨୦ ବର୍ଷ ଧରି ଖ୍ରୀଷ୍ଟଧର୍ମ ଗ୍ରହଣ କରିଛନ୍ତି। ଗ୍ରାମବାସୀ ଏଥି ସକାଶେ ତାଙ୍କୁ ବିରୋଧ କରି ଆସୁଥିଲେ। ଗ୍ରାମରେ ୫ଟି ପରିବାର ଖ୍ରୀଷ୍ଟଧର୍ମ ଗ୍ରହଣ କରିଛନ୍ତି। ସେମାନଙ୍କୁ ମଧ୍ୟ ଅଭିଯୁକ୍ତ ଜୀବନରୁ ମାରି ଦେବା ସହିତ ଗ୍ରାମର ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିବା ମହିଳାଙ୍କୁ ଧର୍ଷଣ କରିବା ପାଇଁ ଧମକ ଦେଇଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଗ୍ରାମର ସମସ୍ତ ଖ୍ରୀଷ୍ଟବିଶ୍ୱାସୀ ପରିବାରଙ୍କୁ ପୁଲିସ ସୁରକ୍ଷା ପ୍ରଦାନ କରାଯିବା ନିମନ୍ତେ ଆଜି ଏତଲାକାରୀଙ୍କ ସମେତ ସମସ୍ତ ୫ଟି ଖ୍ରୀଷ୍ଟବିଶ୍ୱାସୀ ପରିବାରର ସଦସ୍ୟ ଓ ରାଷ୍ଟ୍ରୀୟ ଖ୍ରୀଷ୍ଟୀୟ ମୋର୍ଚ୍ଚାର କାମେଶ୍ୱର ହେମ୍ବ୍ରମ, ସତ୍ୟଜ୍ୟୋତି ସୟ, ନବୀନ ମୁଣ୍ଡୁରୀ, ବାହାଦୁର ହେମ୍ବ୍ରମ, ପାତ୍ରାସ ଗୁଣ୍ଡୁଆ, ମନୋଜ ବାନ୍ଦିଆ ପ୍ରମୁଖ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀଙ୍କୁ ଭେଟି ଅବଗତ କରାଇଛନ୍ତି।

## ଗୃହ ଗଣନା ଓ ତାଲିକା ପ୍ରସ୍ତୁତି ଆରମ୍ଭ

# ସହଯୋଗ ପାଇଁ ଜିଲ୍ଲା ପ୍ରଶାସନର ଆହ୍ୱାନ



ବାରିପଦା, ୧୬।୪(ସମିସ): ୨୦୨୭ ଜନଗଣନା ପାଇଁ ପ୍ରକ୍ରିୟା ଜୋରଦାର ହୋଇଛି। ଏହାର ବର୍ଷକ ପୂର୍ବରୁ ଆଜିଠାରୁ ସାରା ଦେଶ ସମେତ ମୟୂରଭଞ୍ଜ ଜିଲ୍ଲାରେ ଗୃହ ଗଣନା ଓ ଗୃହ ତାଲିକା ପ୍ରସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଏପ୍ରିଲ ୧୬ରୁ ଆରମ୍ଭ ହୋଇ ମେ' ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧ରୁ ୧୫ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ସ୍ୱ-ଗଣନା ଅବଧି ରହିଥିଲା। ଏହି ସମୟ ସୀମା ସମାପ୍ତ ହେବା ପରେ ଏବେ ଦ୍ୱିତୀୟ ପର୍ଯ୍ୟାୟରେ କ୍ଷେତ୍ରୀୟ ସ୍ତରରେ ଗୃହ ତାଲିକା ପ୍ରସ୍ତୁତ କରାଯିବ। ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ପ୍ରତିଟି ତହସିଲ ଓ ସହରାଞ୍ଚଳ ପାଇଁ ସ୍ୱତନ୍ତ୍ର ଟିମ୍ ନିୟୋଜିତ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଜନସାଧାରଣଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଭରପୁର ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଗଣନା ପାଇଁ ଆସୁଥିବା କର୍ମଚାରୀଙ୍କୁ ସଠିକ ତଥ୍ୟ ପ୍ରଦାନ କରିବାକୁ କୁହାଯାଇଛି। ଫଳରେ ଜିଲ୍ଲାର କୌଣସି ବି ପରିବାର କିମ୍ବା ବ୍ୟକ୍ତି ଏହି ପ୍ରକ୍ରିୟାରୁ ବାଦ୍ ପଡ଼ିବେନାହିଁ। ମୟୂରଭଞ୍ଜ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଏହି ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଗୃହ ଗଣନା ଦ୍ୱାରା ଦେଶର ପ୍ରକୃତ ସ୍ଥିତି ଓ ଜନସଂଖ୍ୟା ସମ୍ବନ୍ଧୀୟ ଆବଶ୍ୟକ ତଥ୍ୟ ସଂଗ୍ରହ କରାଯାଇଥାଏ। ଏହି ତଥ୍ୟ ଆଧାରରେ ହିଁ ସରକାର ଆଗାମୀ ଦିନରେ ବିଭିନ୍ନ ଜନହିତକର ଯୋଜନା ଓ ବିକାଶମୂଳକ କାର୍ଯ୍ୟର ରୂପରେଖ ପ୍ରସ୍ତୁତ କରିବେ।

# ରୂପାଲୀଙ୍କ ପରିବାରକୁ ଭେଟିଲେ ମନ୍ତ୍ରୀ



ରାସଗୋବିନ୍ଦପୁର,୧୬।୪(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ମୃତ ଛାତ୍ରୀଙ୍କ ପରିବାରବର୍ଗଙ୍କୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଭେଟିଛନ୍ତି। ରବିବାର ଦିନ ସ୍କୁଲ ହଷ୍ଟେଲରେ ବିଷାକ୍ତ ଖାଦ୍ୟ ଖାଇ ଜଣେ ଛାତ୍ରୀ ମୃତ୍ୟୁବରଣ କରିବା ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଘଟଣାକୁ ନେଇ ରାଜନୈତିକ ଉଷ୍ମତା ପ୍ରକାଶ ପାଇବା ପରେ ରାଜନୈତିକ ବୟାନ ବାଜି ଏପରିକି ମୟୂରଭଞ୍ଜରେ ହରତାଳ ଡାକରା ଦିଆଯାଇଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଶୋକ ପ୍ରକଟ କରିବା ପରେ ଏହାର ଆରଡିସି ତଦନ୍ତ ସହ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଆଜି ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବାଙ୍ଗିରିପୋଷି ବିଧାୟକ ସଞ୍ଜଲି ମୁର୍ମୁ, ବାରିପଦା ବିଧାୟକ ପ୍ରକାଶ ସୋରେନ ମୃତ ଛାତ୍ରୀଙ୍କ ଘରକୁ ଯାଇ ସମବେଦନା ଜଣାଇଛନ୍ତି। ମନ୍ତ୍ରୀଙ୍କୁ ପରିବାରବର୍ଗ ଓ ଗ୍ରାମବାସୀ ସେମାନଙ୍କ ଦୁଃଖ ଜଣାଇଥିଲେ। ଚିକିତ୍ସାଧୀନ ଥିବା ଛାତ୍ରଛାତ୍ରୀଙ୍କୁ କିଭଳି ଉନ୍ନତ ଚିକିତ୍ସା କରାଯିବ, ସେନେଇ ନିବେଦନ କରିଛନ୍ତି। ଏହି ଘଟଣାରେ ଯେଉଁମାନେ ହୀନ ଚକ୍ରାନ୍ତ କରିଛନ୍ତି ସେନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ଆଜି ମୃତ ଛାତ୍ରୀଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ସହାୟତା ରାଶିର ଚେକ୍ ପରିବାରକୁ ହସ୍ତାନ୍ତର କରିଛନ୍ତି।

# ଟାଟା ଷ୍ଟିଲ୍ ପକ୍ଷରୁ ଅଗ୍ନି ନିରାପତ୍ତା ସଚେତନତା

ଯୋଡ଼ା, ୧୬।୪(ସମିସ):




ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳନ ଅବସରରେ ଟାଟାଷ୍ଟିଲ ଯୋଡା ପକ୍ଷରୁ ଡିଏଭି ପବ୍ଲିକ୍ ସ୍କୁଲଠାରେ ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଟାଟା ଷ୍ଟିଲ୍ ଯୋଡା ସେଫଟି ବିଭାଗ ଆନୁକୂଲ୍ୟରେ ଏବଂ ସେଫଟି ଅଫିସର ସୁଜିତ ଝାଙ୍କ ତତ୍ତ୍ୱାବଧାନରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ସମ୍ପର୍କରେ ବୁଝାଯାଇଥିଲା। ଏଥିସହ ଅଗ୍ନିର ପ୍ରକାର ଭେଦ ସମ୍ପର୍କରେ ଅବଗତ କରାଯାଇ ସେଗୁଡିକର ଲିଭାଇବା କୌଶଳ ମଧ୍ୟ ଦର୍ଶାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ସବୁଠାରୁ ଆକର୍ଷିତ କରିଥିଲା ରୋବଟ ଅଗ୍ନି ନିର୍ବାପକ ଯନ୍ତ୍ର। ଏହି ରିମୋଟ୍ ଚାଳିତ ଯନ୍ତ୍ରଟି ଅନାୟାସରେ ଯେକୌଣସି ସ୍ଥାନରେ ପହଞ୍ଚି ନିଆଁକୁ ଲିଭାଇବାର କାର୍ଯ୍ୟ କରିଥାଏ। ବିଶେଷ କରି ଯେଉଁଠି ମଣିଷ ଯିବାକୁ ଭୟ କରେ ସେଇ ଜାଗାକୁ ଯାଇ ଏହି ଯନ୍ତ୍ରଟି ପାଣି ଦ୍ୱାରା ନିଆଁ ଲିଭାଇଥାଏ। ଏଥିରେ ଲାଗିଥିବା କ୍ୟାମେରା ସାହାଯ୍ୟରେ ଅପରେଟର ନିଆଁର ଅବସ୍ଥା ଦେଖି ସେହି ହିସାବରେ ନିଆଁ ଲିଭାଇବା ପାଇଁ ପାଣିର ବ୍ୟବହାର କରିଥାଏ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଲେଇପଦଓସ୍ଥିତ ଦମକଳ କେନ୍ଦ୍ର ଅଫିସର ମୃତ୍ୟୁଞ୍ଜୟ ସିଂ ଏବଂ ତାଙ୍କ ଟିମ୍ ସହଯୋଗ କରିଥିଲେ। ସଚେତନତା ସୃଷ୍ଟି ପାଇଁ ଏକ ମକଡ୍ରିଲ ମଧ୍ୟ କରାଯାଇ ତାଲିମ ପ୍ରଦାନ କରାଯାଇଥିଲା। ସ୍କୁଲର ପ୍ରିନ୍ସିପାଲ, ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ। ସପ୍ତାହେ ବ୍ୟାପି ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଚଳିତବର୍ଷ ବିଷୟବସ୍ତୁକୁ ଆଧାର କରି ସମସ୍ତ ଶିକ୍ଷାନୁଷ୍ଠାନ, ହସ୍ପିଟାଲ ଏବଂ ଜନବସତିରେ ଆୟୋଜନ କରାଯିବ।

# ଦଶମ ଶ୍ରେଣୀ ଛାତ୍ର ବିରାଟ ସିଂ ଇସ୍ରୋ ଯୁବବୈଜ୍ଞାନିକ କାର୍ଯ୍ୟକ୍ରମକୁ ମନୋନୀତ



କେନ୍ଦୁଝର, ୧୬।୪(ସମିସ): ଜିନ୍ଦଲ ସ୍କୁଲର ଦଶମ ଶ୍ରେଣୀର ଛାତ୍ର ବିରାଟ ସିଂ ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ (ଇସ୍ରୋ) ଦ୍ୱାରା ଆୟୋଜିତ ଯୁବ ବିଜ୍ଞାନୀ କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଛନ୍ତି। ବିଜ୍ଞାନ, ବିଶେଷ କରି ମହାକାଶ ବିଜ୍ଞାନ ଓ ଗବେଷଣା ପାଇଁ ନିଜର ନିଷ୍ଠା ଓ ଆଗ୍ରହ ପାଇଁ ସେ ଏ ସଫଳତା ପାଇଛନ୍ତି। ଏହି ସଫଳତା ପାଇଁ ବିରାଟଙ୍କୁ ଜିନ୍ଦଲ ସ୍କୁଲର ଅଧ୍ୟକ୍ଷା ସଂଗୀତା ଦାସ, ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍କୁଲ ପରିଚାଳନା କମିଟିର ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି। ପିଲାଙ୍କ ମନରେ ପୁସ୍ତକ ଜ୍ଞାନ ଓ ଗବେଷଣାତ୍ମକ ଜ୍ଞାନ ମଧ୍ୟରେ ଥିବା ଦୂରତାକୁ ଦୂର କରିବା ଏହି ଯୁବବିଜ୍ଞାନୀ କାର୍ଯ୍ୟକ୍ରମ (ଯୁବିକା) ର ଲକ୍ଷ୍ୟ। ଉପଗ୍ରହ ପ୍ରଯୁକ୍ତି ବିଦ୍ୟା, ରକେଟ ଉତକ୍ଷେପଣ, ମହାକାଶ ଅଭିଯାନ ଓ ମହାକାଶ ପଦାର୍ଥ ବିଜ୍ଞାନ ସମ୍ପର୍କିତ ବ୍ୟାବହାରିକ ଜ୍ଞାନ ହାସଲ କରିବା ପାଇଁ ଏହି କାର୍ଯ୍ୟକ୍ରମ ବହୁତ ସହାୟକ ହେବ ବୋଲି ଆଶା ପ୍ରକାଶ ପାଇଛି।

## ସୁପ୍ରିମକୋର୍ଟଙ୍କ ରାୟ: ଭୋଟ୍ ଦେବା ପାଇଁ କାହାକୁ ବାଧ କରାଯାଇପାରିବ ନାହିଁ

ନୂଆଦିଲ୍ଲୀ, ୧୬।୪(ଏଜେନ୍ସି): ଭାରତରେ ମତଦାନକୁ ବାଧ୍ୟତାମୂଳକ କରିବା ପାଇଁ ଦାୟର ହୋଇଥିବା ଏକ ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। ଗଣତନ୍ତ୍ର ସଚେତନତା ଉପରେ ନିର୍ଭର କରେ, ବାଧ୍ୟବାଧକତା ଉପରେ ନୁହେଁ ବୋଲି କୋର୍ଟ ନିଜର ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟରେ କହିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚି ଏବଂ ବିଚାରପତି ବିପୁଲ ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି କହିଛନ୍ତି ଯେ, ଏଭଳି ନିଷ୍ପତ୍ତି ସରକାରଙ୍କ ନୀତିଗତ ବିଷୟ ଏବଂ ନ୍ୟାୟପାଳିକା ଏଥିରେ ହସ୍ତକ୍ଷେପ କରିପାରିବ ନାହିଁ। ମୁଖ୍ୟ ବିଚାରପତି କହିଛନ୍ତି ଯେ, ଶାସନ ବ୍ୟବସ୍ଥାରେ ନାଗରିକମାନେ ସ୍ୱେଚ୍ଛାକୃତ ଭାବେ ନିଜର ମତାଧିକାର ସାବ୍ୟସ୍ତ କରିବା ଉଚିତ। ଯଦି କେହି ଭୋଟ୍ ନଦେବାକୁ ସ୍ଥିର କରନ୍ତି, ତେବେ ତାଙ୍କୁ ସେଥିପାଇଁ ବାଧ କରାଯାଇପାରିବ ନାହିଁ। ଆବେଦନକାରୀ ଅଜୟ ଗୋୟଲ ଭୋଟ୍ ନଦେଉଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ସେମାନଙ୍କୁ ସରକାରୀ ସୁବିଧାରୁ ବଞ୍ଚିତ କରିବାକୁ ଦାବି କରିଥିଲେ। ମାତ୍ର କୋର୍ଟ କହିଛନ୍ତି ଯେ, ଜଣେ ନାଗରିକଙ୍କୁ ଭୋଟ୍ ନଦେବା ପାଇଁ 'ଅପରାଧୀ' ଭାବେ ବିବେଚନା କରିବା ଯୁକ୍ତିସଙ୍ଗତ ନୁହେଁ। ଖଣ୍ଡପୀଠ ଭୋଟ୍ ବାଧ୍ୟତାମୂଳକ ହେଲେ ଦେଖାଦେବାକୁ ଥିବା ସମସ୍ୟାଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି। ଅନେକ ସମୟରେ ବିଚାରପତି, ଡାକ୍ତର ଏବଂ ଅନ୍ୟାନ୍ୟ ଜରୁରୀକାଳୀନ କର୍ମଚାରୀମାନେ ନିଜ ନିର୍ବାଚନ ମଣ୍ଡଳୀଠାରୁ ଦୂରରେ କାର୍ଯ୍ୟ କରୁଥାନ୍ତି। ସେମାନଙ୍କ ପାଇଁ କାମ ଛାଡ଼ି ଭୋଟ୍ ଦେବାକୁ ଯିବା ସବୁବେଳେ ସମ୍ଭବ ହୋଇନଥାଏ।

## ରାଜ୍ୟସଭା ଉପାଧ୍ୟକ୍ଷ ନିର୍ବାଚନ ବର୍ଜନ କରିବେ ବିରୋଧୀ

ନୂଆଦିଲ୍ଲୀ, ୧୬।୪(ଏଜେନ୍ସି):ସଂସଦୀୟ ଗଣତନ୍ତ୍ରରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ସଂଘର୍ଷ ପୁଣି ଥରେ ତୀବ୍ର ହୋଇଛି। ଆସନ୍ତାକାଲି (ଏପ୍ରିଲ ୧୭) ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସଭା ଉପାଧ୍ୟକ୍ଷ (ଡେପୁଟୀ ଚେୟାରମ୍ୟାନ) ନିର୍ବାଚନକୁ ସମସ୍ତ ବିରୋଧୀ ଦଳ ବର୍ଜନ କରିବେ ବୋଲି କଂଗ୍ରେସ ନେତା ଜୟରାମ ରମେଶ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଏକତରଫା ନିଷ୍ପତ୍ତି ଓ ବିରୋଧୀଙ୍କ ସହ ଆଲୋଚନା ନକରିବା ପ୍ରତିବାଦରେ ଏହି ପଦକ୍ଷେପ ନିଆଯାଇଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ସୋସିଆଲ ମିଡିଆ 'ଏକ୍ସ'ରେ ଏହି ନିଷ୍ପତ୍ତି ପଛରେ ତିନୋଟି ପ୍ରମୁଖ କାରଣ ଦର୍ଶାଇଛନ୍ତି। ସେଗୁଡ଼ଇକ ହେଲା ମୋଦୀ ସରକାର ଗତ ୭ ବର୍ଷ ହେବ ଲୋକସଭାରେ ଉପବାଚସ୍ପତି ନିଯୁକ୍ତି କରିନାହାନ୍ତି। ଭାରତୀୟ ସଂସଦୀୟ ଇତିହାସରେ ଏଭଳି ପୂର୍ବରୁ କେବେ ଘଟିନଥିବା ସେ ଅଭିଯୋଗ କରିଛନ୍ତି। ଏନ୍‌ଡ଼ିଏ ପକ୍ଷରୁ ହରିବଂଶଙ୍କୁ ତୃତୀୟ ଥର ପାଇଁ ଉପାଧ୍ୟକ୍ଷ ପ୍ରାର୍ଥୀ କରାଯାଇଛି। ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ଏପ୍ରିଲ ୯ରେ ଶେଷ ହୋଇଥିଲା ଏବଂ ପରଦିନ ହିଁ ରାଷ୍ଟ୍ରପତି ତାଙ୍କୁ ରାଜ୍ୟସଭାକୁ ମନୋନୀତ କରିଥିଲେ। ରମେଶଙ୍କ କହିବା ଅନୁଯାୟୀ, କୌଣସି ମନୋନୀତ ସଦସ୍ୟଙ୍କୁ ଉପାଧ୍ୟକ୍ଷ ପଦ ପାଇଁ ବିଚାର କରାଯିବା ଏହା ପ୍ରଥମ ଘଟଣା। ଏହି ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ପଦବୀ ପାଇଁ ସରକାର ବିରୋଧୀ ଦଳଗୁଡ଼ିକ ସହ କୌଣସି 'ଅର୍ଥପୂର୍ଣ୍ଣ ପରାମର୍ଶ' କରିନାହାନ୍ତି। ସେପଟେ ଶାସକ ଏନ୍‌ଡିଏ ମେଣ୍ଟ ହରିବଂଶଙ୍କ ନାମରେ ସହମତି ସୃଷ୍ଟି କରିବାକୁ ପ୍ରୟାସ କରୁଛି। ଗୃହର ନେତା ଜେ.ପି. ନଡ୍ଡା ବିଭିନ୍ନ ଦଳର ନେତାଙ୍କ ସହ ଏ ବାବଦରେ ଆଲୋଚନା କରିଥିଲେ ହେଁ, କଂଗ୍ରେସ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବାମପନ୍ଥୀ ଦଳଗୁଡ଼ିକ ଏହି ପ୍ରକ୍ରିୟାକୁ ବିରୋଧ କରୁଛନ୍ତି। ଜୟରାମ ରମେଶ ସ୍ପଷ୍ଟ କରିଛନ୍ତି ଯେ, ଏହି ବର୍ଜନ ନିଷ୍ପତ୍ତି ଶ୍ରୀ ହରିବଂଶଙ୍କ ପ୍ରତି ଅସମ୍ମାନ ନୁହେଁ, ବରଂ ସରକାରଙ୍କ କାର୍ଯ୍ୟଶୈଳୀ ବିରୁଦ୍ଧରେ ଏକ ପ୍ରତିବାଦ।

## 'ଲସ୍କର'ର ସହ-ପ୍ରତିଷ୍ଠାତା ଅମୀର ହାମ୍‌ଜାକୁ ଗୁଳିମାଡ଼



ଲାହୋର, ୧୬।୪(ଏଜେନ୍ସି): ଭାରତ ବିରୋଧୀ ବିଭିନ୍ନ ବର୍ବରକାଣ୍ଡର ମାଷ୍ଟରମାଇଣ୍ଡ ତଥା କୁଖ୍ୟାତ ଆତଙ୍କବାଦୀ ଗୋଷ୍ଠୀ 'ଲସ୍କର-ଇ-ତୋଇବା' (ଏଲଇଟି)ର ସହ-ପ୍ରତିଷ୍ଠାତା ଅମୀର ହାମଜାଙ୍କୁ ପାକିସ୍ତାନର ଲାହୋରଠାରେ ଅଜ୍ଞାତ ଦୁର୍ବୃତ୍ତମାନେ ଗୁଳିମାଡ଼ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଏକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ଣରେ ଲାହୋରର ଏକ ନ୍ୟୁଜ୍ ଚ୍ୟାନେଲ୍ କାର୍ଯ୍ୟାଳୟ ବାହାରେ କିଛି ଅଜ୍ଞାତ ସଶସ୍ତ୍ର ଆତତାୟୀ ହାମଜାଙ୍କ ଉପରକୁ ଅତର୍କିତ ଗୁଳିବର୍ଷଣ କରିଥିଲେ। ଗତ ଏକ ବର୍ଷ ମଧ୍ୟରେ ହାମଜାଙ୍କ ଉପରକୁ ଏହା ଦ୍ୱିତୀୟ ପ୍ରାଣାନ୍ତକ ଆକ୍ରମଣ। ପୂର୍ବରୁ ୨୦୨୫ ମେ' ମାସରେ ମଧ୍ୟ ତାଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା, ଯାହା ପରେ ପାକିସ୍ତାନୀ କର୍ତ୍ତୃପକ୍ଷ ତାଙ୍କର ସୁରକ୍ଷା ବୃଦ୍ଧି କରିଥିଲେ। ତଥାପି, କଡ଼ା ସୁରକ୍ଷା ବଳୟ ଭେଦ କରି ଆତତାୟୀମାନେ ଏହି କାଣ୍ଡ ଭିଆଇବାରେ ସଫଳ ହୋଇଛନ୍ତି। ୧୯୫୯ ମସିହାରେ ଗୁଜୁରାନ୍‌ୱାଲାଠାରେ ଜନ୍ମିତ ଅମୀର ହାମଜା ହେଉଛନ୍ତି ଲସ୍କର ମୁଖ୍ୟ ହାଫିଜ୍ ସୟିଦଙ୍କର ଅତ୍ୟନ୍ତ ଘନିଷ୍ଠ ସହଯୋଗୀ। ୧୯୮୫-୮୬ ମସିହାରେ ସେ ସୟିଦଙ୍କ ସହ ମିଶି 'ଲସ୍କର-ଏ-ତୋଇବା'ର ମୂଳଦୁଆ ପକାଇଥିଲେ। ୨୦୦୫ ମସିହାରେ ବେଙ୍ଗାଲୁରୁସ୍ଥିତ 'ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ' (ଆଇଆଇଏସ୍‌ସି) ଉପରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପଛରେ ହାମଜାଙ୍କର ମୁଖ୍ୟ ଭୂମିକା ରହିଥିବା ଭାରତୀୟ ଗୋଇନ୍ଦା ସଂସ୍ଥା ବିଶ୍ୱାସ କରନ୍ତି। ଆମେରିକାର ଅର୍ଥ ବିଭାଗ (ୟୁଏସ୍ ଟ୍ରେଜେରି) ତାଙ୍କୁ ଜଣେ 'ଗ୍ଲୋବାଲ ଟେରରିଷ୍ଟ' ବା ବିଶ୍ୱସ୍ତରୀୟ ଆତଙ୍କବାଦୀ ଭାବେ ଘୋଷଣା କରିଛି।

# ୨୨ରେ ଶେଷ ହେବ ଯୁଦ୍ଧବିରତି



■ ମଧ୍ୟପ୍ରାଚ୍ୟକୁ ଅଧିକ ସେନା ପଠାଉଛି ଆମେରିକା
■ ଜଳ ଓ ସ୍ଥଳପଥରେ ଇରାନକୁ ଘେରିବ

ୱାସିଂଟନ, ୧୬।୪(ଏଜେନ୍ସି):ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଦୁଇ ସପ୍ତାହର ଯୁଦ୍ଧବିରତି ଅବଧି ଆସନ୍ତା ଏପ୍ରିଲ ୨୨ରେ ଶେଷ ହେବାକୁ ଯାଉଛି। ଏହି ସମୟସୀମା ପୂର୍ବରୁ ଆମେରିକା ମଧ୍ୟପ୍ରାଚ୍ୟ ଅଞ୍ଚଳକୁ ନିଜର ସାମରିକ ଶକ୍ତି ବୃଦ୍ଧି କରିବା ପାଇଁ ଅଧିକ ସୈନ୍ୟ ପଠାଇବାକୁ ନିଷ୍ପତ୍ତି ନେଇଛି। 'ଦି ୱାସିଂଟନ ପୋଷ୍ଟ'ର ରିପୋର୍ଟ ଅନୁଯାୟୀ, ଆଗାମୀ ଦିନରେ ହଜାର ହଜାର ନୂତନ ସୈନ୍ୟ ଏହି ଅଞ୍ଚଳରେ ପହଞ୍ଚିବେ। ରିପୋର୍ଟ ମୁତାବକ, ଆମେରିକାର ବିମାନବାହୀ ଜାହାଜ ୟୁଏସ୍‌ଏସ୍ ଜର୍ଜ ଏଚ୍‌ଡବ୍ଲ୍ୟୁ ବୁଶ୍ ସହିତ ପ୍ରାୟ ୬, ୦୦୦ ସୈନ୍ୟ ଏବଂ ଅନ୍ୟାନ୍ୟ ଯୁଦ୍ଧ ଜାହାଜ ଚଳିତ ମାସ ଶେଷ ସୁଦ୍ଧା ମଧ୍ୟପ୍ରାଚ୍ୟରେ ପହଞ୍ଚିବେ। ଏହା ବ୍ୟତୀତ ପ୍ରାୟ ୪, ୨୦୦ ନୌସେନା ଏବଂ ମେରାଇନ କର୍ମଚାରୀ ମଧ୍ୟ ଏହି ମିଶନରେ ସାମିଲ ହେବେ। ବର୍ତ୍ତମାନ ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନର ପ୍ରାୟ ୫୦, ୦୦୦ କର୍ମଚାରୀ ଇରାନ ବିରୋଧୀ ଅପରେସନରେ ନିୟୋଜିତ ଅଛନ୍ତି। ସେପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଏକ ସାକ୍ଷାତକାରରେ କହିଛନ୍ତି ଯେ, ଇରାନ ସହ ଚାଲିଥିବା ଏହି ସଂଘର୍ଷ ଖୁବଶୀଘ୍ର ଶେଷ ହୋଇପାରେ। ସେ ଆଶା ପ୍ରକାଶ କରିଛନ୍ତି ଯେ ଯଦି ଇରାନ ବୁଦ୍ଧିମାନର ସହ ନିଷ୍ପତ୍ତି ନିଏ, ତେବେ ଶାନ୍ତି ଫେରିଆସିବ ଏବଂ ଏହାଦ୍ୱାରା ବିଶ୍ୱ ବଜାରରେ ତୈଳ ଦର ମଧ୍ୟ ଯଥେଷ୍ଟ ହ୍ରାସ ପାଇବ। ଇସଲାମାବାଦରେ ହୋଇଥିବା ଶାନ୍ତି ଆଲୋଚନା ବିଫଳ ହେବା ପରେ ଟ୍ରମ୍ପ ଇରାନର ବନ୍ଦରଗୁଡ଼ିକୁ ନୌସେନା ଦ୍ୱାରା ଅବରୋଧ କରିବାକୁ ଘୋଷଣା କରିଥିଲେ। ଆମେରିକା କେନ୍ଦ୍ରୀୟ କମାଣ୍ଡ ଅନୁଯାୟୀ, ମାତ୍ର ୩୬ ଘଣ୍ଟା ମଧ୍ୟରେ ଇରାନର ସାମୁଦ୍ରିକ ବାଣିଜ୍ୟକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦିଆଯାଇଛି। ଇରାନ ଅର୍ଥନୀତିର ୯୦ ପ୍ରତିଶତ ବାହ୍ୟ ବାଣିଜ୍ୟ ଉପରେ ନିର୍ଭର କରେ, ଯାହା ଏବେ ଗୁରୁତର ଭାବେ ପ୍ରଭାବିତ। ଇରାନ ସାମରିକ କର୍ତ୍ତୃପକ୍ଷ ଏହି ଅବରୋଧକୁ ଯୁଦ୍ଧବିରତି ଉଲ୍ଲଂଘନର ଏକ 'ପ୍ରାରମ୍ଭ' ବୋଲି କହିଛନ୍ତି। ଇରାନର ସେନାଧ୍ୟକ୍ଷ ଅଲି ଅବଦୁଲ୍ଲାହୀ କହିଛନ୍ତି ଯେ, ଯଦି ଏହି ଅବରୋଧ ଜାରି ରହେ, ତେବେ ଇରାନ ମଧ୍ୟ ପାରସ୍ୟ ଉପସାଗର, ଓମାନ ସାଗର ଏବଂ ଲୋହିତ ସାଗର ଦେଇ କୌଣସି ଆମଦାନୀ କିମ୍ବା ରପ୍ତାନି ହେବାକୁ ଦେବ ନାହିଁ।ଏହି ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ମଧ୍ୟରେ ଚଳିତ ସପ୍ତାହ ଶେଷରେ ୱାସିଂଟନ ଓ ତେହେରାନ ମଧ୍ୟରେ ପୁଣି ଥରେ କଥାବାର୍ତ୍ତା ହେବାର ସମ୍ଭାବନା ରହିଛି। ଯଦି ଆଲୋଚନା ବିଫଳ ହୁଏ, ତେବେ ଏପ୍ରିଲ ୨୨ ପରେ ମଧ୍ୟପ୍ରାଚ୍ୟରେ ଏକ ବଡ଼ ଧରଣର ସାମରିକ ସଂଘର୍ଷର ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ।



## ମଧ୍ୟସ୍ଥତା ପାଇଁ ଇରାନରେ ପାକ୍ ସେନାଧ୍ୟକ୍ଷ

ତେହେରାନ/ଇସଲାମାବାଦ, ୧୬।୪(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ସଂଘର୍ଷର ସମାଧାନ ପାଇଁ ପାକିସ୍ତାନ ଏବେ ଏକ ପ୍ରମୁଖ ମଧ୍ୟସ୍ଥ ଭାବେ ଉଭା ହୋଇଛି। ଏହି ପ୍ରୟାସର ଅଂଶବିଶେଷ ସ୍ୱରୂପ ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶଲ ଆସିମ ମୁନିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ସହ ତେହେରାନରେ ପହଞ୍ଚିଛନ୍ତି। ଗତ ସପ୍ତାହରେ ଇସଲାମାବାଦରେ ହୋଇଥିବା ଶାନ୍ତି ଆଲୋଚନା ବିଫଳ ହେବା ପରେ, ପୁଣି ଥରେ କଥାବାର୍ତ୍ତାକୁ ଗତିଶୀଳ କରିବା ପାଇଁ ଏହି ଗସ୍ତର ଯୋଜନା କରାଯାଇଛି।

ପାକିସ୍ତାନ ସେନାମୁଖ୍ୟଙ୍କ ସହ ଦେଶର ଗୃହମନ୍ତ୍ରୀ ମୋହସିନ ନାକଭି ମଧ୍ୟ ଇରାନ ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚିଙ୍କ ସହ ଆଲୋଚନା କରିଛନ୍ତି। ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ତିକ୍ତତା ହ୍ରାସ କରିବା ପାଇଁ ପାକିସ୍ତାନ ନିଜର ଆଞ୍ଚଳିକ ପ୍ରଭାବ ଓ ସମ୍ପର୍କକୁ ବ୍ୟବହାର କରୁଛି। ହ୍ୱାଇଟ୍ ହାଉସ୍ ପକ୍ଷରୁ ମଧ୍ୟ ପାକିସ୍ତାନର ଏହି ଉଦ୍ୟମକୁ ଉଚ୍ଚ ପ୍ରଶଂସା କରାଯାଇଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ପାକିସ୍ତାନ ଜରିଆରେ ହିଁ ତେହେରାନ ସହ ଯୋଗାଯୋଗ ରଖିବାକୁ ଗୁରୁତ୍ୱ ଦେଇଛନ୍ତି।

ଇସଲାମାବାଦ ଆଲୋଚନା ବିଫଳ ହେବା ପଛରେ ତିନୋଟି ପ୍ରମୁଖ କାରଣ ରହିଥିଲା। ସେଗୁଡ଼ିକ ହେଲା ଇରାନ ନିଜର ଆଣବିକ କାର୍ଯ୍ୟକ୍ରମ ଏବଂ ୟୁରାନିୟମ ସମୃଦ୍ଧ କରିବା ଅଧିକାରକୁ ନେଇ ଅଟଳ ରହିଛି। ତେବେ ଏହାର ମାତ୍ରାକୁ ନେଇ ଆଲୋଚନା ପାଇଁ ତେହେରାନ ସହମତ ହୋଇଛି। ବିଶ୍ୱ ତୈଳ ବଜାର ପାଇଁ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳକୁ ସ୍ୱାଭାବିକ କରିବା ପାଇଁ ଆମେରିକା ଦାବି କରିଛି। ଯଦି ଚୁକ୍ତି ସଫଳ ହୁଏ, ତେବେ ଇରାନ ଓମାନ ପାର୍ଶ୍ୱ ଦେଇ ଜାହାଜ ଚଳାଚଳକୁ ଅନୁମତି ଦେଇପାରେ। ଇସ୍ରାଏଲ ଓ ଲେବାନନ ମଧ୍ୟରେ ଜାରି ରହିଥିବା ସଂଘର୍ଷ ମଧ୍ୟ ଏହି ଆଲୋଚନାରେ ଏକ ବଡ଼ ପ୍ରତିବନ୍ଧକ ସାଜିଛି। ଆସନ୍ତା ସପ୍ତାହରେ ଆମେରିକା-ଇରାନ ମଧ୍ୟରେ ହୋଇଥିବା ଅସ୍ଥାୟୀ ଯୁଦ୍ଧବିରତି ଅବଧି ଶେଷ ହେବାକୁ ଯାଉଛି। ଏହା ପୂର୍ବରୁ ଏକ ସ୍ଥାୟୀ ସମାଧାନ ବାହାର କରିବା ପାଇଁ ପାକିସ୍ତାନର ମଧ୍ୟସ୍ଥତା ଅତ୍ୟନ୍ତ ନିର୍ଣ୍ଣାୟକ ହେବ। ଉଭୟ ୱାସିଂଟନ ଓ ତେହେରାନ ଏବେ ଇସଲାମାବାଦର ପରବର୍ତ୍ତୀ ପଦକ୍ଷେପ ଉପରେ ନଜର ରଖିଛନ୍ତି।

## ୟୁରୋପରେ ମାତ୍ର ୬ ସପ୍ତାହର ବିମାନ ଇନ୍ଧନ ବାକି

ପ୍ୟାରିସ୍/ଲଣ୍ଡନ, ୧୬।୪(ଏଜେନ୍ସି): ଇରାନ ଯୁଦ୍ଧ ଯୋଗୁଁ ବିଶ୍ୱ ଶକ୍ତି ବଜାରରେ ଏକ ବଡ଼ ଧରଣର ସଙ୍କଟ ଦେଖାଦେଇଛି। ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି (ଆଇଇଏ)ର ମୁଖ୍ୟ ଫାତିହ ବିରୋଲ୍ ଗୁରୁବାର ଏକ ସତର୍କ ସୂଚନା ଜାରି କରି କହିଛନ୍ତି ଯେ, ୟୁରୋପ ପାଖରେ ମାତ୍ର ୬ ସପ୍ତାହର ବିମାନ ଇନ୍ଧନ (ଜେଟ୍ ଫୁଏଲ୍) ମହଜୁଦ ଅଛି। ଯଦି ତୈଳ ଯୋଗାଣରେ ବ୍ୟାଘାତ ଜାରି ରହେ, ତେବେ ଖୁବଶୀଘ୍ର ବିମାନ ଚଳାଚଳ ବନ୍ଦ ହେବା ଆରମ୍ଭ ହୋଇଯିବ। ଫାତିହ ବିରୋଲ୍ ଏହାକୁ ବିଶ୍ୱ ଇତିହାସର 'ସବୁଠାରୁ ବଡ଼ ଶକ୍ତି ସଙ୍କଟ' ଭାବେ ବର୍ଣ୍ଣନା କରିଛନ୍ତି। ହର୍ମୁଜ ପ୍ରଣାଳୀରେ ଜାରି ରହିଥିବା ଅସ୍ଥିରତା ଯୋଗୁଁ ତୈଳ, ଗ୍ୟାସ ଏବଂ ବିଦ୍ୟୁତ୍ ଯୋଗାଣ ପ୍ରଭାବିତ ହୋଇଛି। ଏହି ସଙ୍କଟ ଯୋଗୁଁ ବିଶ୍ୱ ବଜାରରେ ପେଟ୍ରୋଲ, ଗ୍ୟାସ ଏବଂ ବିଦ୍ୟୁତ୍ ଦର ଆକାଶଛୁଆଁ ହେବ, ଯାହା ସ୍ୱାଭାବିକ ଭାବେ ମୁଦ୍ରାସ୍ଫୀତି ବଢ଼ାଇବ। ଏହି ଶକ୍ତି ସଙ୍କଟ ଦ୍ୱାରା ଭାରତ, ଚୀନ୍, ଦକ୍ଷିଣ କୋରିଆ, ଜାପାନ, ପାକିସ୍ତାନ ଏବଂ ବାଂଲାଦେଶ ସବୁଠାରୁ ଅଧିକ ପ୍ରଭାବିତ ହେବେ। ବିଶେଷ କରି ଏସିଆ ଓ ଆଫ୍ରିକାର ଗରିବ ଦେଶଗୁଡ଼ିକ ଏହାର କୁପରିଣାମ ଭୋଗିବେ। ବିରୋଲ୍ କହିଛନ୍ତି ଯେ ଯଦି ହର୍ମୁଜ ପ୍ରଣାଳୀ ତୁରନ୍ତ ନ ଖୋଲେ, ତେବେ ସ୍ଥିତି ଆହୁରି ସଙ୍କଟଜନକ ହେବ। ଇରାନ ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଯେଉଁ 'ଟୋଲ୍' ବା ମାସୁଲ ବ୍ୟବସ୍ଥା ଲାଗୁ କରିବାକୁ ଚେଷ୍ଟା କରୁଛି, ତାହାକୁ ବିରୋଲ୍ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଯଦି ଏହା ସ୍ଥାୟୀ ହୋଇଯାଏ, ତେବେ ବିଶ୍ୱର ଅନ୍ୟାନ୍ୟ ଜଳପଥ ଯଥା ଏସିଆର 'ମଲାକ୍କା ପ୍ରଣାଳୀ'ରେ ମଧ୍ୟ ଏଭଳି ବ୍ୟବସ୍ଥା ଲାଗୁ ହେବାର ଆଶଙ୍କା ରହିଛି, ଯାହା ବିଶ୍ୱ ବାଣିଜ୍ୟ ପାଇଁ ଆଦୌ ଶୁଭଙ୍କର ନୁହେଁ।

# ଆମେରିକାକୁ କିପରି ଟାର୍ଗେଟ୍ କରୁଛି ଇରାନ

ତେହେରାନ/ବେଜିଂ, ୧୬।୪(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ସଂଘର୍ଷ ମଧ୍ୟରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଇରାନ ନିଜର ଶତ୍ରୁପକ୍ଷ, ବିଶେଷ କରି ଆମେରିକାର ସାମରିକ ଗତିବିଧି ଉପରେ ନଜର ରଖିବା ପାଇଁ ଚୀନ୍ ନିର୍ମିତ ଏକ ଗୁପ୍ତଚର ଉପଗ୍ରହର ସହାୟତା ନେଉଥିବା 'ଫାଇନାନ୍ସିଆଲ୍ ଟାଇମ୍ସ'ର ଏକ ରିପୋର୍ଟରୁ ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, 'ଟିଇଇ-ଓଆଇବି' ନାମକ ଏହି ଉପଗ୍ରହଟିକୁ ଚୀନ୍‌ର 'ଅର୍ଥ ଆଇ କମ୍ପାନୀ' ବିକଶିତ କରିବା ସହ ମହାକାଶକୁ ପ୍ରେରଣ କରିଥିଲା। ଏହାକୁ ଏକ ସ୍ୱତନ୍ତ୍ର ରପ୍ତାନି ମଡେଲ୍ 'ଇନ୍-ଅର୍ବିଟ୍ ଡେଲିଭରି' ଜରିଆରେ ଇରାନର 'ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ' (ଆଇଆରଜିସି)କୁ ହସ୍ତାନ୍ତର କରାଯାଇଛି। ଏହି ବ୍ୟବସ୍ଥାରେ ଉପଗ୍ରହଟି କକ୍ଷପଥରେ ସଫଳତାର ସହ ସ୍ଥାପିତ ହେବା ପରେ ହିଁ ଏହାର ନିୟନ୍ତ୍ରଣ କରୁଥିବା ଦେଶକୁ ଦିଆଯାଇଥାଏ। ଇରାନ ଏହି ଉପଗ୍ରହ ବ୍ୟବହାର କରି ଆଞ୍ଚଳିକ ସ୍ତରରେ ଆମେରିକାର ପ୍ରମୁଖ ସାମରିକ ଆଡ୍ଡାଗୁଡ଼ିକର ଗୁପ୍ତ ତଥ୍ୟ ଓ ଚିତ୍ର ସଂଗ୍ରହ କରୁଛି।



■ ଚୀନ୍‌ଠାରୁ କକ୍ଷପଥରେ ଉପଗ୍ରହ କିଣିଲା ଇରାନ
■ ଆମେରିକା ସେନାଘାଟିକୁ ଟାର୍ଗେଟ୍ କରିବା ପାଇଁ ହେଉଛି ବ୍ୟବହାର

ପ୍ରିନ୍ସ ସୁଲତାନ ଏୟାର ବେସର ଚିତ୍ର ମାର୍ଚ୍ଚ ୧୩-୧୫ ମଧ୍ୟରେ ସଂଗ୍ରହ କରାଯାଇଥିଲା, ଯାହା ପରେ ସେଠାରେ ଆମେରିକୀୟ ବିମାନ କ୍ଷତିଗ୍ରସ୍ତ ହୋଇଥିବା ନେଇ ରାଷ୍ଟ୍ରପତି ଟ୍ରମ୍ପ ସ୍ୱୀକାର କରିଥିଲେ। ଜୋର୍ଡାନର ମୁୱାଫକ ସାଲତି ଏୟାର ବେସ, ବାହାରିନର ଆମେରିକୀୟ ପଞ୍ଚମ ନୌବାହିନୀ ମୁଖ୍ୟାଳୟ ଏବଂ ଇରାକର ଏରବିଲ ବିମାନବନ୍ଦର ଉପରେ ମଧ୍ୟ ଏହା ଜରିଆରେ ନଜର ରଖାଯାଇଛି। କୁଏତର କ୍ୟାମ୍ପ ବୁହେରିଙ୍ଗ ଏବଂ ଜିବୁଟିର କ୍ୟାମ୍ପ ଲେମନିୟର ଭଳି ପ୍ରମୁଖ ସ୍ଥାନଗୁଡ଼ିକ ମଧ୍ୟ ଇରାନର ଏହି ମହାକାଶ ଗୁଇନ୍ଦା ପରିସରଭୁକ୍ତ। ଜଣେ ପୂର୍ବତନ ପଶ୍ଚିମ ଗୁଇନ୍ଦା ଅଧିକାରୀଙ୍କ କହିବା ଅନୁଯାୟୀ, ଚୀନ୍ ସରକାରଙ୍କ ଅନୁମତି ବିନା କୌଣସି କମ୍ପାନୀ ଏଭଳି ସମ୍ବେଦନଶୀଳ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର କରିବା ଅସମ୍ଭବ। ଚୀନ୍ ନିଜକୁ ପ୍ରତ୍ୟକ୍ଷ ସଂଘର୍ଷରୁ ଦୂରେଇ ରଖି ପରୋକ୍ଷରେ ଇରାନକୁ ସାମରିକ କୌଶଳ (ଇଣ୍ଟେଲିଜେନ୍ସ) ଯୋଗାଇ ଦେଉଥିବା ଅନୁମାନ କରାଯାଉଛି। ଏହା ଗଲ୍ଫ ଦେଶଗୁଡ଼ିକ ପାଇଁ ଚିନ୍ତାର ବିଷୟ, କାରଣ ଚୀନ୍ ଏହି ଅଞ୍ଚଳର ଏକ ପ୍ରମୁଖ ବ୍ୟବସାୟିକ ଅଂଶୀଦାର। ଯଦିଓ ଚୀନ୍ ବୈଦେଶିକ ମନ୍ତ୍ରାଳୟ ଏହି ଅଭିଯୋଗକୁ ବାରମ୍ବାର ଖଣ୍ଡନ କରିଛି, ତଥାପି 'ଆଇଆରଜିସି'ର ଗତିବିଧି ଏବଂ ଏହାର ଓଜଏଉ ସହ ସମ୍ପର୍କ ଏକ ଭିନ୍ନ ସଙ୍କେତ ଦେଉଛି। ରୁଷରୁ ମିଳୁଥିବା ସହାୟତା ପରେ ଏବେ ଚୀନ୍‌ର ଏହି 'ସାଟେଲାଇଟ୍ ଡିପ୍ଲୋମାସି' ଇରାନକୁ ପଶ୍ଚିମ ଶକ୍ତି ବିରୋଧରେ ଅଧିକ ଶକ୍ତିଶାଳୀ କରିବାର ଆଶଙ୍କା ସୃଷ୍ଟି କରିଛି।

## ହର୍ମୁଜକୁ ନେଇ ଚୀନ୍ ବହୁତ ଖୁସି: ଟ୍ରମ୍ପ

ୱାସିଂଟନ୍/ବେଜିଂ, ୧୬।୪(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଏକ ଚାଞ୍ଚଲ୍ୟକର ପୋଷ୍ଟ କରିଛନ୍ତି। ବିଶ୍ୱ ବାଣିଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀକୁ ସେ 'ସ୍ଥାୟୀ ଭାବେ' ଉନ୍ମୁକ୍ତ କରୁଥିବାରୁ ଚୀନ୍ ବହୁତ ଖୁସି ଅଛି ବୋଲି ଟ୍ରମ୍ପ ଦାବି କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ସେ ଚୀନ୍ ଏବଂ ସାରା ବିଶ୍ୱ ପାଇଁ ଏହି ସାମୁଦ୍ରିକ ପଥକୁ ସବୁଦିନ ପାଇଁ ଖୋଲା ରଖୁଛନ୍ତି ଏବଂ ଏହା ଆଉ କେବେବି ଅବରୋଧ ହେବନାହିଁ। ଟ୍ରମ୍ପ ଦାବି କରିଛନ୍ତି ଯେ ଚୀନ୍ ଏବେ ଇରାନକୁ କୌଣସି ଅସ୍ତ୍ରଶସ୍ତ୍ର ନପଠାଇବାକୁ ସମ୍ମତି ପ୍ରକାଶ କରିଛି। ଯଦିଓ ଚୀନ୍ ବୈଦେଶିକ ମନ୍ତ୍ରଣାଳୟ ଇରାନକୁ ସାମରିକ ସହାୟତା ଦେବା କଥାକୁ ବାରମ୍ବାର ଅସ୍ୱୀକାର କରିଆସୁଛି। ଟ୍ରମ୍ପ ଲେଖିଛନ୍ତି ଯେ ଆସନ୍ତା ମେ ମାସରେ ସେ ଯେତେବେଳେ ବେଜିଂ ଗସ୍ତ କରିବେ, ଚୀନ୍ ରାଷ୍ଟ୍ରପତି ଶି ଜିନପିଙ୍ଗ ତାଙ୍କୁ ଆଲିଙ୍ଗନ କରି ସ୍ୱାଗତ କରିବେ। ସେ କହିଛନ୍ତି, 'ଆମେ ବୁଦ୍ଧିମାନର ସହ ମିଶି କାମ କରୁଛୁ... ଏହା ଯୁଦ୍ଧ କରିବା ଅପେକ୍ଷା ଭଲ ନୁହେଁ କି?' ଟ୍ରମ୍ପ ଶାନ୍ତି ଓ ସହଯୋଗର କଥା କହୁଥିବା ବେଳେ ଚୀନ୍ କିନ୍ତୁ ଆମେରିକାର କିଛି ପଦକ୍ଷେପକୁ କଡ଼ା ସମାଲୋଚନା କରିଛି। ଇରାନର ବନ୍ଦରଗୁଡ଼ିକୁ ଆମେରିକା ଅବରୋଧ କରିବାକୁ ଚୀନ୍ 'ବିପଜ୍ଜନକ ଏବଂ ଦାୟିତ୍ୱହୀନ' ବୋଲି କହିଛି।

# ଟାଇମ୍ସର ପ୍ରଭାବଶାଳୀ ତାଲିକାରେ ୩ ଭାରତୀୟ

**ସୁନ୍ଦର ପିଚାଇ, ରଣବୀର କପୁର ଓ ବିକାଶ ଖାନ୍ନାଙ୍କୁ ସ୍ଥାନ**

ନୂଆଦିଲ୍ଲୀ, ୧୬।୪(ଏଜେନ୍ସି): ବିଶ୍ୱର ଜଣାଶୁଣା ପ୍ରତିଷ୍ଠିତ ପତ୍ରିକା 'ଟାଇମ୍' (ଟାଇମ ମାଗାଜିନ୍) ବୁଧବାର ୨୦୨୬ ମସିହା ପାଇଁ ବିଶ୍ୱର ୧୦୦ ଜଣ ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକା ପ୍ରକାଶ କରିଛି। ଚଳିତ ବର୍ଷ ଏହି ତାଲିକାରେ ଅନେକ ଭାରତୀୟ ବ୍ୟକ୍ତିତ୍ୱ ସ୍ଥାନ ପାଇଥିବା ବେଳେ ଟେକ୍ନୋଲୋଜି, ମନୋରଞ୍ଜନ ଏବଂ ରୋଷେଇ କଳା କ୍ଷେତ୍ରରେ ଭାରତର ପ୍ରଭାବ ଦେଖିବାକୁ ମିଳିଛି। ଏହି ତାଲିକାରେ ଭାରତର ଗୁଗଲ ଓ ଆଲଫାବେଟ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁନ୍ଦର ପିଚାଇ, ବଲିଉଡ୍ ସୁପରଷ୍ଟାର ରଣବୀର କପୁର ଓ ବିଶ୍ୱ ପ୍ରସିଦ୍ଧ ଚେଫ୍ ବିକାଶ ଖାନ୍ନାଙ୍କୁ ସ୍ଥାନ ମିଳିଛି।

ଗୁଗୁଲ୍ ଓ ଆଲଫାବେଟ୍‌ର ସିଇଓ ସୁନ୍ଦର ପିଚାଇ ବୈଷୟିକ ଜ୍ଞାନକୌଶଳ ଓ କୃତ୍ରିମ ବୁଦ୍ଧିମତା (ଏଆଇ) କ୍ଷେତ୍ରରେ ନିଜର ଦୂରଦର୍ଶୀ ନେତୃତ୍ୱ ପାଇଁ ପୁଣି ଥରେ ଏହି ସମ୍ମାନଜନକ ତାଲିକାରେ ସ୍ଥାନ ପାଇଛନ୍ତି। ବଲିଉଡ୍ ଅଭିନେତା ରଣବୀର କପୁରଙ୍କୁ ମନୋରଞ୍ଜନ ଜଗତରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଏବଂ ବିଶ୍ୱସ୍ତରୀୟ ପ୍ରଭାବ ପାଇଁ ଚୟନ କରାଯାଇଛି। ବିଶ୍ୱପ୍ରସିଦ୍ଧ ଚେଫ୍ ବିକାଶ ଖାନ୍ନାଙ୍କୁ ତାଙ୍କର ରୋଷେଇ ଶୈଳୀ ଏବଂ ମାନବୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଛି। ଏହି ସଫଳତା ପାଇଁ ଖୁସି ପ୍ରକାଶ କରି ବିକାଶ କହିଛନ୍ତି ଯେ, ଏହା ତାଙ୍କ ପରିବାର ଓ ବିଶେଷ କରି ତାଙ୍କ ଆଈ, ମା' ଏବଂ ଭଉଣୀଙ୍କ ଆଶୀର୍ବାଦ ଓ ତ୍ୟାଗର ଫଳ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ଭଳି ପ୍ରଭାବଶାଳୀ ତଥା ବିବାଦୀୟ ନେତାମାନେ ଏହି ତାଲିକାରେ ଅଛନ୍ତି। ସେହିପରି ନେପାଳର ପ୍ରଧାନମନ୍ତ୍ରୀ (ପୂର୍ବତନ ହିପ୍-ହପ୍ କଳାକାର) ବାଲେନ ଶାହା ଏବଂ ନ୍ୟୁୟର୍କର ନବନିର୍ବାଚିତ ମେୟର ଜୋହରନ୍ ମମ୍‌ଦାନୀଙ୍କୁ ମଧ୍ୟ ତାଲିକାରେ ସ୍ଥାନ ମିଳିଛି। ଖ୍ୟାତନାମା ଫ୍ୟାଶନ୍ ଡିଜାଇନର୍ ରାଲ୍ଫ ଲରେନ୍, ଅଭିନେତ୍ରୀ କେଟ୍ ହଡସନ୍ ଏବଂ ଇଥାନ୍ ହକ୍ ମଧ୍ୟ ଏହି ତାଲିକାଭୁକ୍ତ ହୋଇଛନ୍ତି। ୨୦୨୫ ମସିହାରେ ଟାଇମ୍ ପତ୍ରିକାର ୧୦୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକାରେ ଜଣେ ହେଲେ ଭାରତୀୟ ସ୍ଥାନ ପାଇନଥିଲେ। ଏହାର ୨୧ ବର୍ଷର ଇତିହାସରେ ଏହା ପ୍ରଥମ ଥର ପାଇଁ ଘଟିଥିଲା। ତେବେ ୨୦୨୬ ତାଲିକାରେ ଭାରତୀୟଙ୍କ ଦମଦାର୍ ଉପସ୍ଥିତି ଦର୍ଶାଉଛି ଯେ ବିଶ୍ୱ ଦରବାରରେ ଭାରତୀୟ ପ୍ରତିଭା ଓ ପ୍ରଭାବ ଅପ୍ରତିହତ ରହିଛି। ସୂଚନାଯୋଗ୍ୟ ଯେ, ପୂର୍ବ ବର୍ଷଗୁଡ଼ିକରେ ଶାହରୁଖ ଖାନ, ସଚିନ ତେନ୍ଦୁଲକର, ନରେନ୍ଦ୍ର ମୋଦୀ ଏବଂ ଦୀପିକା ପାଦୁକୋନଙ୍କ ଭଳି ବ୍ୟକ୍ତିତ୍ୱ ଏହି ସମ୍ମାନଜନକ ତାଲିକାରେ ସ୍ଥାନ ପାଇସାରିଛନ୍ତି।

## ସ୍ପାଇସ୍‌ଜେଟ୍ ଏବଂ ଆକାଶା ଏୟାର ବିମାନ ମଧ୍ୟରେ ଧକ୍କା

ନୂଆଦିଲ୍ଲୀ, ୧୬।୪(ଏଜେନ୍ସି): ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରର ପାର୍କିଂ ଅଞ୍ଚଳରେ ଗୁରୁବାର ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ସ୍ପାଇସ୍‌ଜେଟ୍‌ର ଏକ ବିମାନ ଟ୍ୟାକ୍ସିଂ କରୁଥିବା ସମୟରେ ସେଠାରେ ଠିଆ ହୋଇଥିବା ଆକାଶା ଏୟାରର ଏକ ବିମାନକୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ଉଭୟ ବିମାନ କ୍ଷତିଗ୍ରସ୍ତ ହୋଇଥିଲେ ହେଁ ସମସ୍ତ ଯାତ୍ରୀ ଏବଂ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ସ୍ପାଇସ୍‌ଜେଟ୍‌ର ବୋଇଂ ୭୩୭-୭୦୦ ବିମାନଟି ରନ୍‌ୱେ ଆଡ଼କୁ ଯାଉଥିବା ବେଳେ ଏହାର ଡାହାଣ ପାର୍ଶ୍ୱର 'ୱିଙ୍ଗଲେଟ୍' ଅନ୍ୟ ବିମାନ ସହ ପିଟି ହୋଇ ଯାଇଥିଲା।

# ଭୋଟ୍ ପାଇଁ ଧାଉଁଛନ୍ତି ହଜାର ହଜାର ପ୍ରବାସୀ ଶ୍ରମିକ

**ନାଗରିକତ୍ୱ ହରାଇବା ଭୟ**

ନୂଆଦିଲ୍ଲୀ/କୋଲକାତା, ୧୬।୪(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଦେଶର ବିଭିନ୍ନ ମେଟ୍ରୋ ସହରରେ ରହୁଥିବା ବଙ୍ଗୀୟ ପ୍ରବାସୀ ଶ୍ରମିକମାନଙ୍କ ମଧ୍ୟରେ ଏକ ଅଜଣା ଭୟ ଓ ଉତ୍ସାହ ଦେଖିବାକୁ ମିଳିଛି। ଚାକିରି ହରାଇବା କିମ୍ବା ମଜୁରୀ କଟିବାର ଭୟ ଥିଲେ ମଧ୍ୟ ହଜାର ହଜାର ଘରୋଇ ସହାୟକ, ରୋଷେୟା ଏବଂ ଶ୍ରମିକ ନିଜ ଗାଁକୁ ଫେରିବା ପାଇଁ ଷ୍ଟେସନରେ ଭିଡ଼ ଜମାଉଛନ୍ତି। ସମ୍ପ୍ରତି କାର୍ଯ୍ୟକାରୀ ହୋଇଥିବା ଏସ୍‌ଆଇଆର୍ (ଭୋଟର ତାଲିକା ସଂଶୋଧନ) ଅଭ୍ୟାସ ଏବଂ ବିଭିନ୍ନ ରାଜନୈତିକ ଦଳର ବୟାନବାଜି ଯୋଗୁଁ ପ୍ରବାସୀ ଶ୍ରମିକମାନଙ୍କ ମଧ୍ୟରେ ଏକ ଭ୍ରାନ୍ତ ଧାରଣା ସୃଷ୍ଟି ହୋଇଛି। ସେମାନେ ମନେ କରୁଛନ୍ତି ଯେ, ଯଦି ସେମାନେ ଚଳିତ ଥର ଭୋଟ୍ ନଦେବେ, ତେବେ ଭୋଟର ତାଲିକାରୁ ସେମାନଙ୍କ ନାମ କଟିଯିବ। ଭବିଷ୍ୟତରେ ସେମାନେ ନିଜର ଭାରତୀୟ ନାଗରିକତା ହରାଇପାରନ୍ତି କିମ୍ବା ସେମାନଙ୍କୁ 'ବିଦେଶୀ' କହି ଦେଶାନ୍ତର କରାଯାଇପାରେ। 'ଲକ୍ଷ୍ମୀ ଭଣ୍ଡାର' ଓ 'କନ୍ୟାଶ୍ରୀ' ଭଳି ସରକାରୀ ଯୋଜନାର ସୁବିଧା ବନ୍ଦ ହୋଇଯାଇପାରେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଜେପି ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି କହିଛନ୍ତି ଯେ, ଏହି ଏସ୍‌ଆଇଆର ପ୍ରକ୍ରିୟା ଜରିଆରେ ଲୋକଙ୍କ ଭୋଟ୍ ଅଧିକାର ଛଡ଼ାଇ ନେବାକୁ ଚେଷ୍ଟା କରାଯାଉଛି। ଅନ୍ୟପଟେ, ବିଜେପି ସୀମାନ୍ତ ଜିଲ୍ଲାଗୁଡ଼ିକରେ ଅସ୍ୱାଭାବିକ ଜନସଂଖ୍ୟା ବୃଦ୍ଧିକୁ ଅନୁପ୍ରବେଶ ବୋଲି ଦର୍ଶାଇ ଏହାର ତଦନ୍ତ ଦାବି କରୁଛି। ଏହି ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ସାଧାରଣ ଶ୍ରମିକଙ୍କ ମନରେ ନାଗରିକ ପଞ୍ଜୀକରଣ ଭୟ ବଢ଼ାଇ ଦେଇଛି। ଉତ୍ତର ପ୍ରଦେଶର ଖୁର୍ଜାଠାରେ ଥିବା ସିରାମିକ ଶିଳ୍ପର ଶ୍ରମିକମାନେ ଦଳ ଦଳ ହୋଇ ବଙ୍ଗଳା ଫେରୁଥିବାରୁ ପ୍ରାୟ ୨୫୦ରୁ ଅଧିକ କାରଖାନା ୨୦ ଦିନ ପାଇଁ ବନ୍ଦ ହେବା ସ୍ଥିତିକୁ ଆସିଛି। ଦିଲ୍ଲୀ, ମୁମ୍ବାଇ ଓ ବେଙ୍ଗାଲୁରୁ ଭଳି ସହରରେ ଘରୋଇ କାମ କରୁଥିବା ଶ୍ରମିକମାନେ ଏକାଠି ବସ୍ ଭଡ଼ା କରି ୧୯୦୦ରୁ ୨୦୦୦ କିଲୋମିଟର ଦୂର ନିଜ ଗାଁକୁ ଯାଉଛନ୍ତି। ସରକାରୀ ସ୍ତରରେ ଭୋଟ୍ ନଦେଲେ ନାଗରିକତା ଚାଲିଯିବାର କୌଣସି ନିୟମ ନଥିଲେ ମଧ୍ୟ, ଗୁଜବ ଏବଂ ଅତୀତର ତିକ୍ତ ଅନୁଭୂତି ଶ୍ରମିକମାନଙ୍କୁ ଭୟଭୀତ କରିଛି। ଏହା ଏବେ ପଶ୍ଚିମବଙ୍ଗ ନିର୍ବାଚନକୁ କେବଳ ଏକ ରାଜନୈତିକ ଲଢେଇ ନୁହେଁ, ବରଂ ଅସ୍ତିତ୍ୱ ରକ୍ଷାର ଲଢେଇରେ ପରିଣତ କରିଛି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2026-27/01 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | 31.03.2026 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ଗୋଷ୍ଠୀ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା | 1 | 55 | 62 |

**ବିଜ୍ଞାପନ ସଂ. CRPD/SCO/2026-27/04 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | 31.03.2026 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ମୁଖ୍ୟ ବ୍ୟବସାୟ ବିଶ୍ଳେଷକ | 8 | 30 | 40 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 13.04.2026 ରୁ 04.05.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 13.04.2026
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

## ପ୍ରଭସିମରନ-ଶ୍ରେୟସଙ୍କ ଆଗରେ କ୍ୱିଣ୍ଟନ-ନମନଙ୍କ ଯୋଡି ଫିକା

# ମୁମ୍ବାଇକୁ ହରାଇ ପଞ୍ଜାବ ଅପରାଜେୟ

ମୁମ୍ବାଇ,୧୬।୪(ଏଜେନ୍ସି): ପ୍ରଭସିନରନ ସିଂହ ଓ ଶ୍ରେୟସ ଆୟରଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ପଞ୍ଜାବ କିଙ୍ଗସ ୭ ୱିକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଏହା ଫଳରେ ୫ମ ମ୍ୟାଚ୍‌ରୁ ଚତୁର୍ଥ ବିଜୟ ସହ ପଞ୍ଜାବ ପଏଣ୍ଟ ଟେବଲର ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛି। କେକେଆର୍ ସହ ବାତିଲ ମ୍ୟାଚ୍‌କୁ ମିଶାଇ ପଞ୍ଜାବ ୯ ପଏଣ୍ଟ ପାଇଛି। ଅନ୍ୟ ପକ୍ଷରେ ୫ମ ମୁକାବିଲାରୁ ମୁମ୍ବାଇ ଇଣ୍ଡିଆନ୍ସ ୪ର୍ଥ ପରାଜୟ ବରଣ କରିଛି। ଚଳିତ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ମ୍ୟାଚ୍ ଖେଳୁଥିବା କ୍ୱିଣ୍ଟନ ଡି କକ୍‌ଙ୍କ ଅପରାଜିତ ୧୧୨ ଓ ନମନ ଧୀରଙ୍କ ୫୦ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ୬ ୱିକେଟରେ ୧୯୫ ରନ୍ କରିଥିଲା। ୧୨ ରନ୍‌ରେ ମୁମ୍ବାଇ ୨ ୱିକେଟ ହରାଇବା ପରେ କ୍ୱିଣ୍ଟନ-ନମନ ତୃତୀୟ ୱିକେଟ ପାର୍ଟନରସିପ୍‌ରୁ ୬୮ ବଲ୍‌ରେ ୧୨୨ ରନ୍ ଉଠାଇ ଦଳକୁ ଏକ ସମ୍ମାନଜନକ ସ୍କୋର ଦେଇଥିଲେ। ଜବାବରେ ୧୯୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ପଞ୍ଜାବ ୧୬.୩ ଓଭରରେ ୩ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରୁ ପ୍ରମସିରନ ସିଂହ ଓ ଶ୍ରେୟସ ଆୟର ତୃତୀୟ ୱିକେଟରେ ୬୬ବଲ୍‌ରୁ ୧୩୯ ରନ୍ ଉଠାଇ ଦଳର ବିଜୟ ରାସ୍ତା ପରିଷ୍କାର କରିଦେଇଥିଲେ। ମ୍ୟାଚ୍ ଜିତିବାକୁ ଆଉ ୨୨ ରନ୍ ଆବଶ୍ୟକ ହେଉଥିଲାବେଳେ ଶ୍ରେୟସ ୬୬ ରନ୍‌ରେ ଆଉଟ ହୋଇଥିଲେ। ମାତ୍ର ୩୧ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ଶ୍ରେୟସ ୩୫ବଲ୍‌ରୁ ସାମ୍ନା କରି ୫ ଚୌକା ଓ ୪ ଛକା ସହାୟତାରେ ଏହି ସ୍କୋର କରିଥିଲେ। ଚଳିତ ଟୁର୍ଣ୍ଣାମେଣ୍ଟରେ ତାଙ୍କର ଏହା କ୍ରମାଗତ ତୃତୀୟ ଅର୍ଦ୍ଧଶତକ। ପୂର୍ବରୁ ସେ ସିଏସ୍‌କେ ବିପକ୍ଷରେ ୨୯ବଲ୍‌ରୁ ୫୦ ଓ ହାଇଦରାବାଦ୍ ବିପକ୍ଷରେ ୩୩ ବଲ୍‌ରୁ ଅପରାଜିତ ୬୯ ରନ୍ କରିଥିଲେ। ଅନ୍ୟ ପକ୍ଷରେ ପ୍ରଭସିମରନ ମାତ୍ର ୩୯ବଲ୍‌ର ସାମ୍ନା କରି ୧୧ଚୌକା ଓ ୨ଛକା ସହାୟତାରେ ଅପରାଜିତ ୮୦ ରନ୍ କରି ଦଳକୁ ଏହି ସହଜ ବିଜୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟାଂଶ ଆର୍ଯ୍ୟ ୧୫, କୁପର କନ୍ନୋଲି ୧୭ ରନ୍‌ର ଯୋଗଦାନ ଦେଇଥିଲେ। ଏହି ମ୍ୟାଚ୍‌ରେ ଭାରତର ନଂ-୧ ବୋଲର ଯଶପ୍ରୀତ ବୁମ୍‌ରା କ୍ରମାଗତ ୫ମ ମ୍ୟାଚ୍‌ରେ ୱିକେଟ ପାଇନାହାନ୍ତି। ଏହି ୫ଟି ମ୍ୟାଚ୍‌ରେ ସେ ୧୧୪ ବଲ୍ ପକାଇବା ପରେ ମଧ୍ୟ ଜଣେ ହେଲେ ବ୍ୟାଟରଙ୍କୁ ଆଉଟ କରିପାରି ନାହାନ୍ତି। ଅନ୍ୟପକ୍ଷରେ ପଞ୍ଜାବ ପକ୍ଷରୁ ଖେଳୁଥିବା ଅର୍ଶଦୀପ ସିଂହ ୩ଟି ୱିକେଟ ପାଇବା ସହ ଆଇପିଏଲ୍‌ରେ ୧୦୦ତମ ୱିକେଟ ପୂରଣ କରିଛନ୍ତି।


ପ୍ରଭସିମରନ୍ ସିଂହ


କ୍ୱିଣ୍ଟନ ଡି କକ୍




**ଆଜିର ଆଇପିଏଲ୍ ମ୍ୟାଚ୍**
ଗୁଜରାଟ ବନାମ କୋଲକାତା
ଭେନ୍ୟୁ - ଅହମ୍ମଦାବାଦ୍
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ଆଙ୍କୋଲେକରଙ୍କ ସ୍ଥାନରେ ଭଗତ

ମୁମ୍ବାଇ ଇଣ୍ଡିଆନ୍ସର ବାମହାତୀ ସ୍ପିନ୍ ଅଲରାଉଣ୍ଡର ଅଥର୍ଭ ଆଙ୍କୋଲେକର ଆଘାତ ଜନିତ କାରଣରୁ ଦଳରୁ ବାଦ୍ ପଡ଼ିଛନ୍ତି। ଭାରତ ଲାଗି ୧୯ ବର୍ଷରୁ କମ୍ କ୍ରିକେଟ ଖେଳିଥିବା ଆଙ୍କୋଲେକରଙ୍କ ଆଘାତ ସମ୍ପର୍କରେ ଜଣାପଡ଼ିନାହିଁ। ତାଙ୍କ ସ୍ଥାନରେ ୨୧ ବର୍ଷୀୟ ପଞ୍ଜାବ ଅଲରାଉଣ୍ଡ କ୍ରିସ୍ ଭଗତଙ୍କୁ ୩୦ ଲକ୍ଷ ଟଙ୍କା ମୂଲ୍ୟରେ ଦଳରେ ସାମିଲ କରାଯାଇଛି। ପଞ୍ଜାବ ଲାଗି ଭଗତ ୭ଟି ପ୍ରଥମଶ୍ରେଣୀ, ୭ଟି ଲିଷ୍ଟ-ଏ' ମ୍ୟାଚ୍ ଖେଳିସାରିଛନ୍ତି। ଗତ ଦୁଇଟି ସିଜନ ଧରି ସେ ମୁମ୍ବାଇ ଇଣ୍ଡିଆନ୍ସର ନେଟ ବୋଲର ଭାବେ କାମ କରୁଥିଲେ।

**ଆଇପିଏଲ୍ ପଏଣ୍ଟ ଟେବଲ୍**

| ଟିମ୍ | ମ୍ୟାଚ୍ | ବିଜୟ | ପରାଜ | ବାତିଲ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ପଞ୍ଜାବ | ୫ | ୪ | ୦ | ୧ | ୯ | +୧.୦୬୭ |
| ବେଙ୍ଗାଲୁରୁ | ୫ | ୪ | ୧ | ୦ | ୮ | +୧.୫୦୩ |
| ରାଜସ୍ଥାନ | ୫ | ୪ | ୧ | ୦ | ୮ | +୦.୮୮୯ |
| ହାଇଦରାବାଦ | ୫ | ୨ | ୩ | ୦ | ୪ | +୦.୫୭୬ |
| ଦିଲ୍ଲୀ | ୪ | ୨ | ୨ | ୦ | ୪ | +୦.୩୨୨ |
| ଗୁଜରାଟ | ୪ | ୨ | ୨ | ୦ | ୪ | -୦.୦୨୯ |
| ଲକ୍ଷ୍ନୌ | ୫ | ୨ | ୩ | ୦ | ୪ | -୦.୮୦୪ |
| ଚେନ୍ନଇ | ୫ | ୨ | ୩ | ୦ | ୪ | -୦.୮୪୬ |
| ମୁମ୍ବାଇ | ୫ | ୧ | ୪ | ୦ | ୨ | -୧.୦୭୬ |
| କୋଲକାତା | ୫ | ୦ | ୪ | ୧ | ୧ | -୧.୩୮୩ |

■ ଆଇପିଏଲ୍‌ରେ ୧୦୦ ୱିକେଟ

## ଅର୍ଶଦୀପ୍ ପଞ୍ଜାବର ପ୍ରଥମ ବୋଲର

ମୁମ୍ବାଇ, ୧୬।୪ (ଏଜେନ୍ସି): ଆଇପିଏଲ୍ ଇତିହାସରେ ୩୧ତମ ଓ ପଞ୍ଜାବ କିଙ୍ଗସର ପ୍ରଥମ ବୋଲର ଭାବେ ଅର୍ଶଦୀପ୍ ସିଂହ ୧୦୦ ୱିକେଟ୍ ପୂରଣ କରିଛନ୍ତି। ଗୁରୁବାର ୱାଙ୍ଖେଡେ ଷ୍ଟାଡିୟମରେ ଘରୋଇ ମୁମ୍ବାଇ ଇଣ୍ଡିଆନ୍ସର ରିୟାନ ରିକ୍ଲେଟନଙ୍କୁ ଆଉଟ୍ କରି ଅର୍ଶଦୀପ୍ ଏହି କ୍ଲବରେ ସାମିଲ ହୋଇଥିଲେ। ୮୭ତମ ଆଇପିଏଲ୍ ମ୍ୟାଚ ଖେଳୁଥିବାବେଳେ ଅର୍ଶଦୀପ୍ ଏହି କୀର୍ତ୍ତିମାନ କରିଛନ୍ତି। ଉଲ୍ଲେଖନୀୟ କଥା ହେଉଛି ଅର୍ଶଦୀପ୍ କେବଳ ପଞ୍ଜାବ ଫ୍ରାଞ୍ଚାଇଜ ପକ୍ଷରୁ ଖେଳି ଆଇପିଏଲ୍‌ରେ ଏହି ୧୦୦ ୱିକେଟ୍ ମାଇଲଖୁଣ୍ଟ ହାସଲ କରିଛନ୍ତି। ଆଇପିଏଲ୍‌ରେ ଗୋଟିଏ ଫ୍ରାଞ୍ଚାଇଜ ପାଇଁ ୧୦୦ ୱିକେଟ୍ ନେବାରେ ସେ ୯ମ ବୋଲର ହୋଇଛନ୍ତି। ୱେଷ୍ଟଇଣ୍ଡିଜ ସ୍ପିନର ସୁନୀଲ ନାରାୟଣ କୋଲକାତା ପାଇଁ ୧୯୫ ୱିକେଟ ନେଇ ଏହି ତାଲିକାର ଶୀର୍ଷରେ ରହିଛନ୍ତି।

## ଖଲୀଲ ଓ ପେନ୍ ବାଦ୍ ପଡ଼ିଲେ

ନୂଆଦିଲ୍ଲୀ,୧୬।୪(ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) କ୍ରିକେଟ ପ୍ରତିଯୋଗିତା ଯେଉଁ ଉଚ୍ଚସ୍ତରରେ ଖେଳାଯାଉଛି ତାହାକୁ ଖେଳିବା ସାଧାରଣ ଖେଳାଳିଙ୍କ ଲାଗି ଏକ ଆହ୍ୱାନ ସୃଷ୍ଟି କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ଗୁଣାତ୍ମକ ଖେଳ ପ୍ରଦର୍ଶନ କରି ଯେତିକି ଜରୁରୀ, ତା'ଠାରୁ ଅଧିକ ଫିଟ୍ ରହିବା ମଧ୍ୟ ଜରୁରୀ। କିନ୍ତୁ ଆଇପିଏଲ୍‌ରେ ସାମିଲ ହୋଇଥିବା ସମସ୍ତ ୧୦ଟିଯାକ ଦଳ କିଛି କିଛି ଆହତ ସମସ୍ୟାକୁ ନେଇ ସଂଘର୍ଷ କରୁଛନ୍ତି। ଆଜି ଦୁଇଜଣ ଖେଳାଳି ଆଘାତ ଜନିତ ସମସ୍ୟା ଯୋଗୁଁ ଟୁର୍ଣ୍ଣାମେଣ୍ଟର ଅବଶିଷ୍ଟ ମ୍ୟାଚ୍ ଗୁଡ଼ିକରୁ ବାଦ୍ ପଡ଼ିଛନ୍ତି। ସେମାନେ ହେଲେ ଚେନ୍ନଇ ସୁପର କିଙ୍ଗ୍‌ସ (ସିଏସ୍‌କେ)ର ଫାଷ୍ଟ ବୋଲର ଖଲୀଲ ଅହମ୍ମଦ ଓ ସନ୍‌ରାଇଜର୍ସ ହାଇଦରାବାଦ୍‌ର ଫାଷ୍ଟ ବୋଲର ଡେଭିଡ୍ ପେନ୍। ଉଭୟ ବାମହାତୀ ବୋଲର ଏହି ଟୁର୍ଣ୍ଣାମେଣ୍ଟରେ ଆଉ ଖେଳିପାରିବେ ନାହିଁ। ହାଇଦ୍ରାବାଦ ପାଇଁ ଖୁସୀର ଖବର ଯେ ନିୟମିତ ଅଧିନାୟକ ପ୍ୟାଟ କମିନ୍ସ ଖୁବଶୀଘ୍ର ଦଳ ସହ ଯୋଗଦେବେ।

## ଦେଶରେ ପ୍ରଥମ କ୍ରିକେଟ୍ ସଂଘ ମୁମ୍ବାଇ

### ଖେଳାଳିଙ୍କ ପାଇଁ ପ୍ରଚଳନ ହେଲା ବାର୍ଷିକ ଚୁକ୍ତି

ମୁମ୍ବାଇ, ୧୬।୪ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟ୍‌ରେ ମୁମ୍ବାଇ ପ୍ରଥମ ସଂଘ ଭାବେ ଖେଳାଳିଙ୍କ ଲାଗି ବାର୍ଷିକ ଚୁକ୍ତି ବ୍ୟବସ୍ଥା ଲାଗୁ କରିଛି। ମୁମ୍ବାଇ କ୍ରିକେଟ୍ ସଂଘ (ଏମ୍‌ସିଏ) ଆଗାମୀ ୨୦୨୬-୨୭ ସିଜିନ୍ ପୂର୍ବରୁ ଏହି ଖେଳାଳି ଚୁକ୍ତି ବ୍ୟବସ୍ଥା ଘୋଷଣା କରିଛି। ଏଥିସହ ଖେଳାଳି ଚୁକ୍ତି ବ୍ୟବସ୍ଥା ପ୍ରଚଳନ କରିବାରେ ଏମ୍‌ସିଏ ଦେଶର ପ୍ରଥମ ସଂଘ ଭାବେ ହୋଇଛି। ଏହି ଚୁକ୍ତି ବ୍ୟବସ୍ଥା ଅନୁଯାୟୀ ଗ୍ରେଡ୍-ଏ'ରେ ଥିବା ଖେଳାଳିମାନଙ୍କୁ ବାର୍ଷିକ ୧୨ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ଦିଆଯିବ। ସେହିଭଳି ଗ୍ରେଡ-ବି'ରେ ଥିବା ଖେଳାଳି ପାଉଣା ବାବଦକୁ ୮ରୁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ପାଇବେ। ଅନ୍ତିମ ତଥା ଗ୍ରେଡ-ସି'ରେ ସ୍ଥାନିତ ରହିଥିବା ଖେଳାଳିମାନଙ୍କୁ ବାର୍ଷିକ ୮ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏହାବାଦ ମୁମ୍ବାଇର ଚୁକ୍ତିନାମାପ୍ରାପ୍ତ ଖେଳାଳିମାନେ ବୋର୍ଡର ନୀତି ଅନୁଯାୟୀ ମ୍ୟାଚ୍ ଫି, ଦୈନିକ ଭତ୍ତା ଏବଂ ପ୍ରଦର୍ଶନ-ଭିତ୍ତିକ ପ୍ରୋତ୍ସାହନ ପାଇବା ପାଇଁ ମଧ୍ୟ ହକଦାର ହେବେ। ଏହି ପଦକ୍ଷେପ ଉଦୀୟମାନ କ୍ରିକେଟର୍‌ଙ୍କ ପାଇଁ ଆର୍ଥିକ ସୁରକ୍ଷା, ବୃତ୍ତିଗତ ଗଠନ ଏବଂ ଦୀର୍ଘକାଳୀନ ବିକାଶ ପଥ ପ୍ରଦାନ କରିବ।

## ଫ୍ରେଞ୍ଚ ଓପନ ଟେନିସ୍‌ରେ ପୁରସ୍କାର ରାଶି ୯.୫% ବୃଦ୍ଧି

ପ୍ୟାରିସ୍,୧୬।୪(ଏଜେନ୍ସି): ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନରେ ଚଳିତବର୍ଷ ପୁରସ୍କାର ରାଶି ୯.୫ ଶତକଡ଼ା ବୃଦ୍ଧି ପାଇଛି। ଏହି ରାଶି ବୃଦ୍ଧି ପାଇବାରେ ପରେ ଏହା ଏଷବ ୬୧.୭ ମିଲିୟନ ୟୁରୋସ ବା ୭୨.୬୯ ଡଲାର ବା ୬୭୭.୩୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୨୫ରେ ଦିଆଯାଇଥିବା ପୁରସ୍କାର ରାଶି ଅନୁଯାୟୀ ଏହା ୯.୫ ଶତକଡ଼ା ବୃଦ୍ଧି ଘଟିଛି। ଉଭୟ ପୁରୁଷ ଓ ମହିଳାଙ୍କ ଲାଗି ସମାନ ପୁରସ୍କାର ରାଶି ପ୍ରଦାନ କରୁଥିବା ଫ୍ରେଞ୍ଚ୍ ଓପନରେ କେବଳ ଚାମ୍ପିଅନ କିମ୍ବା ରନର୍ସ ଅପ୍ ନୁହଁନ୍ତି, ପ୍ରତ୍ୟେକ ରାଉଣ୍ଡରେ ପୁରସ୍କାର ରାଶିକୁ ବୃଦ୍ଧି କରାଯାଇଛି। କିନ୍ତୁ ଏହି ବୃଦ୍ଧି ସତ୍ତ୍ୱେ ବିଶ୍ୱରେ ଖେଳାଯାଉଥିବା ଅନ୍ୟ ୩ଟି ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟଠାରୁ ଫ୍ରେଞ୍ଚ୍‌ଓପନରେ ପୁରସ୍କାର ରାଶି କମ୍। ସୂଚନା ଅନୁଯାୟୀ ୟୁଏସ୍ ଓପନରେ ସର୍ବାଧିକ ୯୦ ମିଲିୟନ୍ ଡଲାର ପୁରସ୍କାର ରହିଛି। ଏହି ପୁରସ୍କାର ରାଶି ୱିମ୍ବଲଡନରେ ୭୨.୭୦ ମିଲିୟନ ଡଲାର ଓ ଅଷ୍ଟ୍ରେଲିଆନ ଓପନରେ ୭୯.୯୨ ମିଲିୟନ ଡଲାର ରହିଛି।

## ଆଜିଠୁ ଭାରତ-ଦ.ଆଫ୍ରିକା ମହିଳା ଟି-୨୦ ସିରିଜ

ଡର୍ବାନ, ୧୬।୪ (ଏଜେନ୍ସି): ଘରୋଇ ଦକ୍ଷିଣ ଆଫ୍ରିକା ଓ ଭାରତୀୟ ମହିଳା କ୍ରିକେଟ୍ ଦଳ ମଧ୍ୟରେ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଶୁକ୍ରବାରଠାରୁ ଡର୍ବାନରେ ଆରମ୍ଭ ହେବାକୁଯାଉଛି। ଚଳିତ ବର୍ଷ ମଧ୍ୟଭାଗରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ପୂର୍ବ ପ୍ରସ୍ତୁତି ଲାଗି ଉଭୟ ଦଳ ଲାଗି ଏହି ସିରିଜ ବେଶ୍ ଗୁରୁତ୍ୱବହନ କରୁଛି। ଏହି ସିରିଜକୁ ନେଇ ଭ୍ରମଣକାରୀ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ୍ କୌର ବେଶ୍ ଆଶାବାଦୀ ରହିଛନ୍ତି। 'ଦିନିକିଆ ବିଶ୍ୱକପ୍ ବିଜୟ ପରେ ଖେଳାଳିଙ୍କ ମନୋବଳ ଦୃଢ଼ ରହିଛି। ନିକଟରେ ଅଷ୍ଟ୍ରେଲିଆ ବିପକ୍ଷରେ ୨-୧ରେ ଏବଂ ଡିସେମ୍ବରରେ ଶ୍ରୀଲଙ୍କା ବିପକ୍ଷରେ ୫-୦ରେ ଆମେ ଟି-୨୦ ସିରିଜ ଜିତିଥିଲୁ। ଟି-୨୦ ବିଶ୍ୱକପ୍ ପୂର୍ବରୁ ଦଳର କମ୍ବିନେସନକୁ ସଜାଡ଼ିବାକୁ ଆମ ଲାଗି ଏହା ଏକ ଭଲ ସୁଯୋଗ। ଦକ୍ଷ ଅଲ୍‌ରାଉଣ୍ଡକୁ ନେଇ ଗଠିତ ଦକ୍ଷିଣ ଆଫ୍ରିକା ଏକ ଶକ୍ତିଶାଳୀ ଦଳ। ଗତ କିଛି ବର୍ଷ ଧରି ସେମାନେ ଭଲ ପ୍ରଦର୍ଶନ କରିଆସୁଛନ୍ତି। ଏଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଖେଳିଲେ ମନୋବଳ ବୃଦ୍ଧି ପାଇଥାଏ' ବୋଲି ହରମନପ୍ରୀତ୍ ଗୁରୁବାର ଡର୍ବାନରେ ସାମ୍ବାଦିକ ଏହା କହିଛନ୍ତି। ରେକର୍ଡ ଉପରେ ନଜର ପକାଇଲେ ଉଭୟ ଦଳ ଟି-୨୦ରେ ୧୯ଥର ସାମ୍ନାସାମ୍ନି ହୋଇଛନ୍ତି। ଯେଉଁଥିରେ ଭାରତ ୧୦ଥର ଓ ଦକ୍ଷିଣ ଆଫ୍ରିକା ୬ଥର ବିଜୟୀ ହାସଲ କରିଛି। ତିନୋଟି ମ୍ୟାଚର ଫଳାଫଳ ବାହାରିନି।



**ଟି-୨୦ ସିରିଜ କାର୍ଯ୍ୟସୂଚୀ:** ୧୭।୪: ପ୍ରଥମ ଟି-୨୦, ରାତି ୯ଟା ୩୦, ୧୯।୪: ଦ୍ୱିତୀୟ ଟି-୨୦, ସନ୍ଧ୍ୟା ୫ଟା ୩୦, ୨୨।୪: ତୃତୀୟ ଟି-୨୦, ରାତି ୯ଟା ୩୦, ୨୫।୪: ଚତୁର୍ଥ ଟି-୨୦, ରାତି ୯ଟା ୩୦, ୨୭।୪: ପଞ୍ଚମ ଟି-୨୦, ସନ୍ଧ୍ୟା ୫ଟା ୩୦

## ବିଶ୍ୱ ବିଲିଆର୍ଡ୍ସ ଚାମ୍ପିଅନସିପ୍‌ରେ ଓଡ଼ିଶାର ସୁବ୍ରତ



ଭୁବନେଶ୍ୱର,୧୬।୪(ସମିସ): ଓଡ଼ିଶାର ପ୍ରତିଷ୍ଠିତ ଖେଳାଳି ସୁବ୍ରତ ଦାସ ପ୍ରଥମଥର ଲାଗି ଆଇଏସ୍‌ବିଏଫ୍ ବିଶ୍ୱ ବିଲିଆର୍ଡ୍ସ ଚାମ୍ପିଅନସିପ୍‌ରେ ଖେଳିବାକୁ ଯାଉଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଏପ୍ରିଲ ୨୪ରୁ ୨୯ ତାରିଖ ଯାଏ ମାକାଉରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ସେ ଆର୍ୟଲାଣ୍ଡର କାର୍ଲୋଠାରେ ଆସନ୍ତାକାଲିଠାରେ ହେବାକୁ ଥିବା ଆଇରିସ୍ ଓପନରେ ଅଭିଯାନ ଆରମ୍ଭ କରିବେ। ଏହା ପରେ ବିଶ୍ୱ ଚାମ୍ପିଅନସିପ୍ ପୂର୍ବରୁ ମାକାଉଠାରେ ଏପ୍ରିଲ ୨୦ରୁ ୨୪ ଯାଏ ଆୟୋଜିତ ହେବାକୁ ଥିବା ୱାର୍ଲ୍ଡ ମ୍ୟାଚ୍ ପ୍ଲେ ବିଲିଆର୍ଡ୍ସ ଚାମ୍ପିଅନସିପ୍‌ରେ ଖେଳିବାର କାର୍ଯ୍ୟକ୍ରମ ରହିଛି।

**ଖେଲୋ ଇଣ୍ଡିଆ ଅସ୍ମିତା ଜାତୀୟ ସନ୍ତରଣ**

## ଜେଏସଡବ୍ଲ୍ୟୁ ଏଚ୍‌ସିପିକୁ ୧୦ ପଦକ

ଭୁବନେଶ୍ୱର, ୧୬।୪ (ସମିସ): ଅହମ୍ମଦାବାଦରେ ଏପ୍ରିଲ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଅସ୍ମିତା ଜାତୀୟ ମହିଳା ସନ୍ତରଣ ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଆଇଆଇଏସ୍ ଜେଏସ୍‌ଡବ୍ଲ୍ୟୁ ସୁଇମିଂ ଏଚ୍‌ପିସିର ପ୍ରତିଯୋଗୀ ୧୦ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଯେଉଁଥିରେ ୩ଟି ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୫ କାଂସ୍ୟ ପଦକ ରହିଛି। ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ ୫୦, ମିଟର, ୧୦୦ ମିଟର ଓ ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି ସେ ୨୦୦ ମିଟର ବ୍ୟକ୍ତିଗତ ମେଡଲେ'ରେ କାଂସ୍ୟ ପଦକ ସଫଳତା ପାଇଥିଲେ। ସୋନିଆ ପଟେଲଙ୍କୁ ୪ଟି ପଦକ ମିଳିଛି। ସୋନିଆ ୫୦ ମିଟର ଓ ୧୦୦ ମିଟର ଫ୍ରିଷ୍ଟାଇଲରେ ରୌପ୍ୟ ଏବଂ ୨୦୦ ମିଟର ଫ୍ରିଷ୍ଟାଇଲ ଓ ୫୦ ମିଟର ବଟରଫ୍ଲାଏ'ରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ସେହିଭଳି ଅଂଶିକା ଆରାଧନା ସାହୁ ୨୦୦ ମିଟର ଫ୍ରିଷ୍ଟାଇଲ ଓ ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକରେ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ହାସଲ କରିଥିଲେ।




## ଓସିଏ ଆନ୍ତଃଜିଲ୍ଲା ମହିଳା ଟି-୨୦ ଆରମ୍ଭ

ଭୁବନେଶ୍ୱର,୧୬।୪(ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଆନ୍ତଃଜିଲ୍ଲା ମହିଳା ଟି-୨୦ ପ୍ରତିଯୋଗିତାର ଫେଜ-୧ ଗୁରୁବାରଠାରୁ କଟକରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୬ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଭୁବନେଶ୍ୱର ୪୫ ରନରେ ବାଲେଶ୍ୱରକୁ, ଖୋର୍ଦ୍ଧା ୭ ୱିକେଟରେ କେନ୍ଦ୍ରାପଡ଼ାକୁ, ସୋନପୁର ୧୦୯ ରନରେ ପାରାଦୀପକୁ, ଯାଜପୁର ୭ ୱିକେଟରେ ସମ୍ବଲପୁରକୁ, ଢେଙ୍କାନାଳ ୯ ୱିକେଟରେ ଝାରସୁଗୁଡ଼ାକୁ ଓ ପୁରୀ ୮ ୱିକେଟରେ ବୌଦ୍ଧକୁ ହରାଇଦେଇଛି। ଢେଙ୍କାନାଳର ଖୁସି ମୁଖୀ (୬୩ ରନ), ଯାଜପୁରର କାଜଲ ଜେନା (୩ ୱିକେଟ), ସୋନପୁରର ହରପ୍ରିୟା ଉଲ୍ଲାକା (୬୦ ରନ), ଭୁବନେଶ୍ୱରର ସୁଶ୍ରୀ ଦିବ୍ୟଦର୍ଶିନୀ (୨ଟି ୱିକେଟ) ପ୍ରଭାବୀ ପ୍ରଦର୍ଶନ କରିଥିଲେ।


ହରପ୍ରିୟା ଉଲ୍ଲାକା


ଖୁସି ମୁଖୀ




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS